ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ମାର୍ଚ୍ଚ ୮ /୨୦୧୯ (୧୬ +୪ ପୃଷ୍ଠା) Rayagada, Friday, March 8 / 2019 ★

୯ମ ଭାଗ ୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



**ମେରିକମ୍‌ଙ୍କ ଟ୍ରେନିଂ ସଫଳ**

ବର୍ଲିନଠାରେ ଟ୍ରେନିଂ ଅବସରରେ ଭାରତୀୟ ମହିଳା ବକ୍ସର ଏମ୍.ସି ମେରିକମ୍ ସେଠାରେ ସମସ୍ତ ୩ଟି ବାଉଟ୍‌ରେ ବିଜୟୀ ହୋଇଛନ୍ତି।

୧୫

୦୨

**ଏଲଜିବିଟିକ୍ୟୁ ସମ୍ପ୍ରଦାୟକୁ ସମର୍ଥନ କଲେ ରିଚା ଚଢ଼ା**

ବଲିଉଡ୍ ଅଭିନେତ୍ରୀ ରିଚା ଚଢ଼ା ଏଲ୍‌ଜିବିଟିକ୍ୟୁ ମେଡିକାଲ୍ କ୍ଲିନିକ୍ ଉଦ୍‌ଘାଟନ କରିବା ସହ ଏହି ସମ୍ପ୍ରଦାୟକୁ ସମର୍ଥନ କରିଛନ୍ତି।



**ଆଜି ଜୟପୁର ଆସିବେ ରାହୁଲ ଗାନ୍ଧୀ**

୫

**ଆଜିର ସମ୍ପାଦକୀୟ**

**ଅଚଳାବସ୍ଥା ଦୂର କର**

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଦେଶରେ ଘୃଣା ବିସ୍ତାର କରୁଛନ୍ତି।
–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୮–୧୯ରେ ଦେଶର ସାମଗ୍ରୀ ରପ୍ତାନି ୩୩୦ ବିଲିୟନ ଡଲାର ଛୁଇଁଛି।
–ବାଣିଜ୍ୟ ମନ୍ତ୍ରଣାଳୟ

ଅନିର୍ବାର୍ଯ୍ୟ କାରଣବଶତଃ କ୍ରୀଡ଼ା ସ୍ୱତନ୍ତ୍ର ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

NECC NATIONAL EGG CO-ORDINATION COMMITTEE 07.03.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 79 | 131 | 141 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers

## ■ଜମ୍ମୁ ବସ୍‌ଷ୍ଟାଣ୍ଡରେ ଗ୍ରେନେଡ଼ ଆକ୍ରମଣ

# ଜଣେ ନିହତ, ୩୨ ଆହତ

ଜମ୍ମୁ,୭।୩(ପି.ଟି.)

ଜମ୍ମୁ ସହରର କେନ୍ଦ୍ରସ୍ଥଳରେ ଥିବା ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡରେ ଗୁରୁବାର ଆତଙ୍କବାଦୀଙ୍କ ଗ୍ରେନେଡ୍ ଆକ୍ରମଣରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆକ୍ରମଣରେ ସମ୍ପୃକ୍ତ ହିଜବୁଲ ମୁଜାହିଦ୍ଦିନ ସଂଗଠନର ଜଣେ ଆତଙ୍କବାଦୀଙ୍କୁ ପୋଲିସ ଗିରଫ କରିଛି। ସହରରେ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ଶାନ୍ତି ବ୍ୟାହତ କରିବା ଲାଗି ଗତବର୍ଷ ମେ ମାସରୁ ଇତିମଧ୍ୟରେ

**ହିଜବୁଲ୍ ଆତଙ୍କବାଦୀ ଗିରଫ**



କକ

ଜମ୍ମୁ ବସ୍‌ଷ୍ଟାଣ୍ଡରେ ଆତଙ୍କବାଦୀ ତିନିଥର ଗ୍ରେନେଡ ଆକ୍ରମଣ କଲେଣି।

ଗୁରୁବାର ଗ୍ରେନେଡ ଆକ୍ରମଣରେ ଆହତ ୩୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଉତ୍ତରାଖଣ୍ଡ ହରିଦ୍ୱାର ଅଞ୍ଚଳର ମହମ୍ମଦ ଶାରିକ୍(୧୭)ଙ୍କର ମୃତ୍ୟୁ ଘଟିଛି। ଗୁରୁତର ୪ ଜଣଙ୍କ ମଧ୍ୟରୁ ୨ ଜଣଙ୍କର ଅସ୍ତ୍ରୋପଚାର କରାଯାଇଛି। ଆହତଙ୍କ ମଧ୍ୟରେ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଅଛନ୍ତି। ଗ୍ରେନେଡ ଫିଙ୍ଗିଥିବା ହିଜବୁଲ ଆତଙ୍କବାଦୀ ଗୁରୁବାର ସକାଳେ କୁଲ୍‌ଗାମରୁ ଜମ୍ମୁ ଆସିଥିଲେ। ସିସିଟିଭି ଫୁଟେଜ୍‌ରୁ ତାଙ୍କୁ ☞ପୃଷ୍ଠା–୪

## ■ମହିଳା ସଶକ୍ତୀକରଣର ବାସ୍ତବ ଚିତ୍ର

# ଅଭାବରେ ବୈପାରୀଗୁଡ଼ା ବ୍ଲକ ପ୍ରଥମ ମହିଳା ଅଧ୍ୟକ୍ଷା

କଳ୍ପତରୁ ମହାନ୍ତି
ବୈପାରୀଗୁଡ଼ା,୭।୩

ଦିନ ଥିଲା, ସେ ଥିଲେ ବୈପାରୀଗୁଡ଼ା ବ୍ଲକର ଚର୍ଚ୍ଚିତ ଚେହେରା । ସଭା ସମିତିରେ ମୁଖ୍ୟ ଆସନ ମଣ୍ଡନ କରୁଥିଲେ। ମୁଖ୍ୟ ଅତିଥି ଭାବେ ଭିତ୍ତିପ୍ରସ୍ତର ନାମ ଫଳକରେ ତାଙ୍କ ନାମ ରହୁଥିଲା । ଏବେ କିନ୍ତୁ ସମୟ ଓ ସରକାରୀ କଳ ତାଙ୍କୁ ଭୁଲିଯାଇଛି। ଯେଉଁ ରାଜନୈତିକ ଦଳ ହାତ ଧରି ଆସନରେ ବସାଇଥିଲା, ସେହି ଦଳ ମଧ୍ୟ ତାଙ୍କ ହାତ ଛାଡ଼ିଦେଇଛି । ରାଜନୀତିରୁ ବହୁ ଦୂରରେ ଥାଇ ସେ ଏବେ ନିଜ ଭିଟାମାଟିରେ ପରିବାର ସହ ଅଭାବ ଅନଟନରେ ଦିନ କାଟୁଛନ୍ତି। ରାଜନୀତିରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଦାବି ହେଉଥିବା ବେଳେ ବାସ୍ତବରେ ସେମାନେ ରାଜନୈତିକ ସ୍ତରରେ କେତେ ସଶକ୍ତ ହୋଇପାରିଛନ୍ତି, ତାହାର ଉଦାହରଣ ହେଉଛନ୍ତି ରୁକ୍ମଣୀ।

୨୦୦୭ରେ ବୈପାରୀଗୁଡ଼ା ବ୍ଲକ କୋଲାର ପଞ୍ଚାୟତ ରାମପୁର ଗ୍ରାମର ରୁକ୍ମଣୀ ମାଝି ସମିତି ସଭ୍ୟା ନିର୍ବାଚିତ ହେବା ସହ ବ୍ଲକ ଅଧ୍ୟକ୍ଷା ମଧ୍ୟ ହୋଇଥିଲେ। କେବଳ ଆଦିବାସୀ ନୁହେଁ, ☞ପୃଷ୍ଠା–୪

# କୋଟିଏ ଟଙ୍କାର ଗଞ୍ଜେଇ ଜବତ

- ■ଗିରଫ ହୋଇଛନ୍ତି ୨
- ■ମିଳିଛି ୫କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ
- ■ଜବତ ହୋଇଛି ୪୨ ହଜାର ଟଙ୍କା

ମାଲକାନଗିରି/ଚିତ୍ରକୋଣ୍ଡା,୭।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସାର କମ୍ପାନୀ ଛକ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକରୁ ୫କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି। ଏହାର ବଜାର ମୂଲ୍ୟ ୧କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହରିୟାଣାର ପାନିପଥ ଅଞ୍ଚଳର ଜଗବୀର ସିଂ (୩୫) ଓ ରମେଶ କୁମାର (୪୩)।

ଖବରରୁ ଜଣାପଡିଛି ଏକ ଟ୍ରକରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପୋଲିସ ନିକଟରେ ପହଞ୍ଚିଥିଲା । ଚିତ୍ରକୋଣ୍ଡା ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମ ପ୍ରସାଦ ନାଗ କର୍ମଚାରୀଙ୍କ ସହ ଏସାର କମ୍ପାନୀ ଛକ ନିକଟରେ ଜଗି ରହିଥିଲେ। ଆନ୍ଧ୍ର ପ୍ରଦେଶର ଦାରାକୋଣ୍ଡା ଅଞ୍ଚଳରୁ ଆସୁଥିବା ଏହି ଟ୍ରକ (ଏଚ.ଆର ୬୯ ସି–୯୧୦୨)କୁ ଦେଖି ନାଗ ଅଟକାଇଥିଲେ। ☞ପୃଷ୍ଠା–୪

# ନାରାୟଣଗଡ଼–ଭଦ୍ରକ ତୃତୀୟ ରେଳ ଲାଇନକୁ କ୍ୟାବିନେଟ ମଞ୍ଜୁରୀ

**କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି**

ନୂଆଦିଲ୍ଲୀ,୭।୩

ପଶ୍ଚିମବଙ୍ଗର ନାରାୟଣଗଡ଼ ଓ ଓଡ଼ିଶାର ଭଦ୍ରକ ମଧ୍ୟରେ ୧୫୫କିମି ବିଶିଷ୍ଟ ତୃତୀୟ ରେଳ ଲାଇନ ନିର୍ମାଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ୧୮୬୬.୩୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଉକ୍ତ ରେଳ ପ୍ରକଳ୍ପ ୨୦୨୩–୨୪ ସୁଦ୍ଧା ଶେଷ ହେବ। ତୃତୀୟ ରେଳ ଲାଇନ ☞ପୃଷ୍ଠା–୪

# ଓଡ଼ିଶାରେ ୪ କେନ୍ଦ୍ରୀୟ ବିଦ୍ୟାଳୟକୁ ମଞ୍ଜୁରୀ

**ଗୁଣପୁର ଓ ଚମ୍ପୁଆରେ, ଛତ୍ରପୁର ଏବଂ ଆନନ୍ଦପୁରରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ**

ନୂଆଦିଲ୍ଲୀ,୭।୩

ଓଡ଼ିଶାରେ ୪ଟି ସମେତ ଦେଶରେ ୫୦ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ପ୍ରତିଷ୍ଠା ଲାଗି କେନ୍ଦ୍ର କ୍ୟାବିନେଟ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛି। ଓଡ଼ିଶାର କେନ୍ଦୁଝର ଜିଲା ଅନ୍ତର୍ଗତ ଆନନ୍ଦପୁର ଓ ଚମ୍ପୁଆରେ, ଗଞ୍ଜାମ ଜିଲାର ଛତ୍ରପୁର ଏବଂ ରାୟଗଡ଼ା ଜିଲାର ଗୁଣପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବ। ନୂତନ କେନ୍ଦ୍ରୀୟ ବିଦ୍ୟାଳୟଗୁଡିକ ସିଭିଲ ଓ ପ୍ରତିରକ୍ଷା ସେକ୍ଟରରେ ଖୋଲାଯିବ। ଏହା କାର୍ଯ୍ୟକାରୀ ହେଲେ ୫୦ ହଜାର ଛାତ୍ରୀଛାତ୍ରଙ୍କୁ ଉନ୍ନତ ☞ପୃଷ୍ଠା–୪





" ରାଫାଲ ଦୁର୍ନୀତିକୁ ନେଇ ନିଜ ସ୍ୱଚ୍ଛତା ପ୍ରମାଣ କରିବା ବଦଳରେ କେନ୍ଦ୍ର ସରକାର ଗଣମାଧ୍ୟମର ସ୍ୱର ଚପାଇଦେବାକୁ ଉଦ୍ୟମ କରୁଛନ୍ତି ।
- ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ






ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ଶିମଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ପ୍ରତିଯୋଗୀ ।



ଜମ୍ମୁର ଏକ ବସଷ୍ଟାଣ୍ଡରେ ଗ୍ରେନେଡ୍ ଆକ୍ରମଣ ପରେ ସନ୍ଧାନୀ କୁକୁର ସହାୟତାରେ ବିସ୍ଫୋରଣ ସ୍ଥଳରେ ତନାଘନା ଚଳାଇଛି ପୋଲିସ ।

# ଭାରତରେ ଆକ୍ରମଣ କରୁଥିଲା ଜୈଶ୍

## ମାନିଲେ ମୁଶରଫ୍

**ନୂଆଦିଲ୍ଲୀ,୭।୩(ପି.ଟି.)**



ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁଶରଫ୍‌ଙ୍କ ଅମଳରେ ମାସୁଦ୍ ଆଝାରଙ୍କ ନେତୃତ୍ୱାଧୀନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପକ୍ଷରୁ ଭାରତରେ ଆକ୍ରମଣ କରାଯାଇଥିଲା । ପାକିସ୍ତାନୀ ଗୋଇନ୍ଦା ସଂସ୍ଥାଗୁଡ଼ିକର ନିର୍ଦ୍ଦେଶକ୍ରମେ ଭାରତକୁ ଟାର୍ଗେଟ କରାଯାଇଥିଲା ବୋଲି ଖୋଦ୍ ମୁଶରଫ୍ ସ୍ୱୀକାର କରିଛନ୍ତି।

ଦୁବାଇରେ ରହୁଥିବା ପାକିସ୍ତାନର ପୂର୍ବତନ ଶାସକ ୭୫ ବର୍ଷୀୟ ମୁଶରଫ୍ କହିଛନ୍ତି, ତାଙ୍କୁ ହତ୍ୟାକରିବା ପାଇଁ ଜେଇଏମ୍ ଦୁଇଥର ଆତ୍ମଘାତୀ ଆକ୍ରମଣ ଉଦ୍ୟମ କରିଥିଲା । ଜେଇଏମ୍ ଏକ ଆତଙ୍କବାଦୀ ସଙ୍ଗଠନ। ଏହା ଉପରେ ପାକିସ୍ତାନର ସଦ୍ୟ କାର୍ଯ୍ୟାନୁଷ୍ଠାନ ଏକ ଉତ୍ତମ ପଦକ୍ଷେପ । ତେବେ ସେ କ୍ଷମତାରେ ଥିବାବେଳେ ଜେଇଏମ୍ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ପ୍ରଶ୍ନର ଉତ୍ତରରେ ପୂର୍ବତନ ସାମରିକ ଶାସକ ମୁଶରଫ୍ କହିଛନ୍ତି, ସେତେବେଳେ ଅଲଗା ସମୟ ଥିଲା । ପାକିସ୍ତାନର ଗୋଇନ୍ଦା ଅଧିକାରୀମାନେ ଭାରତ ବିରୋଧରେ 'ଯେସାକୁ ତେସା' ନ୍ୟାୟରେ ଜେଇଏମ୍‌କୁ ବ୍ୟବହାର କରୁଥିଲେ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ମୁଶରଫ୍ ୧୯୯୯ରୁ ୨୦୦୮ ଯାଏ ପାକିସ୍ତାନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ସେ ୨୦୧୬ ମାର୍ଚ୍ଚରୁ ଦୁବାଇରେ ରହୁଛନ୍ତି।

# ଚାପରେ ମୃଦୁ ପ୍ରହାର

# ୧୨୧ ଆତଙ୍କବାଦୀ ଗିରଫ

## ୧୮୨ ମଦ୍ରାସା ହାତକୁ ନେଲା ପାକିସ୍ତାନ

**ଇସ୍‌ଲାମାବାଦ/ନୂଆଦିଲ୍ଲୀ,୭।୩**



**ପୁଲଓ୍ୱାମା ଆକ୍ରମଣ ପରେ ଆତଙ୍କବାଦ ନିରୋଧୀ ଅଭିଯାନକୁ ନେଇ କଠୋର ହୋଇଛି ଭାରତ। ନୂଆଦିଲ୍ଲୀର କୂଟନୈତିକ ଉଦ୍ୟମ ପରେ ବିଶ୍ୱ ସମୁଦାୟର ଚାପ ବଢ଼ିବାରେ ଲାଗିଛି ପାକିସ୍ତାନ ଉପରେ। ଆତଙ୍କବାଦ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅ, ନଚେତ୍ ଫଳ ଭୋଗିବା ଏଭଳି ଚରମବାଣୀ ଶୁଣାଇ ଦିଆଯାଇଛି ଇସ୍‌ଲାମାବାଦକୁ। ଫଳରେ ଲୋକଦେଖାଣିଆ ଭାବେ ହେଉ ପଛକେ ଆତଙ୍କବାଦୀଙ୍କୁ ଧରିବା ଆରମ୍ଭ କରିଛି ପଡ଼ୋଶୀ ଦେଶର ସରକାର। ଏହାର ପ୍ରମାଣ ଦେଉଛି ଭାରତୀୟ ଯବାନଙ୍କ ରକ୍ତରେ ହୋଲି ଖେଳୁଥିବା ଜୈଶ୍ ମୁଖିଆ ମାସୁଦ୍ ଆଝାର ଓ ଲଶ୍କର ଗୁରୁ ହାଫିଜ୍ ସୟିଦ୍‌ଙ୍କ ଉପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୃଦୁ ପ୍ରହାର।**

ଚାରିଆଡୁ ଚାପ ବଢ଼ିବା ପରେ ପାକିସ୍ତାନ ସରକାର ଗୁରୁବାର ୧୨୧ ଆତଙ୍କବାଦୀଙ୍କୁ ଗିରଫ କରିବା ସହ ୧୮୨ ମଦ୍ରାସାର ନିୟନ୍ତ୍ରଣ ହାତକୁ ନେଇଛନ୍ତି । ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଚାଲିଥିବା ଛଦ୍ମ ଦାତବ୍ୟ ଅନୁଷ୍ଠାନ, ଧାର୍ମିକ ସ୍କୁଲ, ହସ୍ପିଟାଲ ଓ ଆମ୍ବୁଲାନ୍ସଗୁଡ଼ିକ ମଧ୍ୟ ସରକାରଙ୍କ ହାତକୁ ଚାଲିଯାଇଛି ବୋଲି ସେଠାକାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟ କରାଯାଇଛି। ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଦ୍ୱାରା କଳାତାଲିକାଭୁକ୍ତ ନ ହେବା ପାଇଁ ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ ଏଭଳି ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଉଛି ।

ଜମ୍ମୁ-କଶ୍ମୀରର ପୁଲଓ୍ୱାମାସ୍ଥିତ ଲେଥ୍‌ପୋରାରେ ଗତ ୧୪ ତାରିଖରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଜୈଶ୍-ଇ-ମହମ୍ମଦର ଏହି ଆତ୍ମଘାତୀ ବିସ୍ଫୋରଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ । ସେବେଠୁ ଏଯାଏ ସମୟର ସ୍ରୋତରେ ଅନେକ ପାଣି ବହିଗଲାଣି । ହେଲେ ଦୁଇଦେଶ ମଧ୍ୟରେ କାଦୁଅଫିଙ୍ଗା ପର୍ବ ଜାରି ରହିଛି । ସବୁଥର ଭଳି ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ପାକିସ୍ତାନକୁ ଦାୟୀ କରୁଥିବାବେଳେ ଇସ୍‌ଲାମାବାଦ ମଧ୍ୟ ଚିରାଚରିତ ଢଙ୍ଗରେ ନୂଆଦିଲ୍ଲୀକୁ ପ୍ରମାଣ ମାଗୁଛି । ହେଲେ ଭାରତ ଏଥର ପ୍ରମାଣ ପାକିସ୍ତାନକୁ ନ ଦେଇ ସଂହାରଲୀଳାରେ ପଡ଼ୋଶୀ ଦେଶର ସମ୍ପୃକ୍ତି ନେଇ ଅନ୍ତର୍ଜାତୀୟ ସମୁଦାୟ ଆଗରେ ତଥ୍ୟ ରଖିଛି । ଫଳରେ ଆତଙ୍କବାଦୀଙ୍କୁ ନେଇ ପାକିସ୍ତାନ ଥରକୁ ଥର ନୂଆ ନୂଆ କଥା କହି ପୁଣି ନିଜ ମନ୍ତବ୍ୟରୁ ଓହରିଯାଉଛି । ଏହାକୁ ଦୃଷ୍ଟିରେ ରଖି ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ଉପରେ କଡ଼ା ନଜର ରଖୁଥିବା ଅନ୍ତର୍ଜାତୀୟ ସଂସ୍ଥା ଏଏଫ୍ଏଟିଏଫ୍ ଗତ ୨୨ରେ ଜୈଶ୍‌ର ପୁଲଓ୍ୱାମା ଆକ୍ରମଣକୁ ନିନ୍ଦା କରିଥିଲା । ଏହାର ଗ୍ରେ ଲିଷ୍ଟରେ ପାକିସ୍ତାନ ୨୦୧୮ ଜୁନ୍‌ରୁ ରହିଥିବାବେଳେ ଏହାକୁ ଧୂସର ତାଲିକାରେ ବଳବତ୍ତର ରଖିବା ଲାଗି ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ଏଫ୍ଏଟିଏଫ୍ ମୁଖ୍ୟାଳୟରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ଆସନ୍ତା ମେ ସୁଦ୍ଧା ଜୈଶ୍, ଲଶ୍କର ଓ ଅନ୍ୟ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ପାକିସ୍ତାନକୁ କଳାତାଲିକାଭୁକ୍ତ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା । ଫଳରେ ସମ୍ଭାବ୍ୟ କଟକଣା ଭୟରେ ପାକିସ୍ତାନ କେତେକ ପଦକ୍ଷେପ ନେବା ଆରମ୍ଭ କରିଛି । ଜୈଶ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଭାଇ ମୁଫ୍ତି ଅବ୍‌ଦୁଲ ରୌଫ୍ ଓ ପୁଅ ହମ୍ମାଦ୍ ଆଝାରଙ୍କ ସମେତ ୪୪ ଆତଙ୍କବାଦୀଙ୍କୁ ମଙ୍ଗଳବାର ପାକିସ୍ତାନ ଗୃହବନ୍ଦୀ କରିଥିଲା । ଗତ ସପ୍ତାହରେ ପାକିସ୍ତାନକୁ ଦିଆଯାଇଥିବା ଭାରତର ଡୋଜିୟରରେ ମଧ୍ୟ ଏହି ଦୁଇଜଣଙ୍କ ନାମ ରହିଛି । ଏବେ ଆଉ ୧୨୧ ଆତଙ୍କବାଦୀଙ୍କୁ ଗିରଫ କରିବା ସହ ୧୮୨ ମଦ୍ରାସାର ନିୟନ୍ତ୍ରଣ ହାତକୁ ନେଇ ପାକିସ୍ତାନ ପ୍ରମାଣିତ କରିବାକୁ ଚାହୁଁଛି ଯେ, ଆତଙ୍କବାଦ ପ୍ରତି ଇସ୍‌ଲାମାବାଦ ଆଦୌ କୋହଳ ମନୋଭାବ ପୋଷଣ କରୁନାହିଁ । ତେବେ ଏଭଳି କାର୍ଯ୍ୟାନୁଷ୍ଠାନକୁ ଭାରତ 'ନୂଆ ବୋତଲରେ ପୁରୁଣା ମଦ' ବୋଲି ଅଭିହିତ କରିବା ସହ ପୁଣି ଆତଙ୍କବାଦୀ ଆକ୍ରମଣ ହେଲେ କାର୍ଯ୍ୟାନୁଷ୍ଠାନ ଲାଗି ସବୁ ପ୍ରକାର ବିକଳ୍ପ ଖୋଲା ରହିବ ବୋଲି ଚେତାବନୀ ଦେଇଛି

## ହାଫିଜ୍‌ଙ୍କୁ ଜାତିସଂଘ ଝଟକା

**ନୂଆଦିଲ୍ଲୀ,୭।୩(ପି.ଟି.)**

ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍-ଦାଓ୍ୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କୁ ଜାତିସଂଘରେ ଶକ୍ତ ଝଟକା ଲାଗିଛି । ଜାତିସଂଘ ଦ୍ୱାରା ନିଷିଦ୍ଧ ଘୋଷିତ ତାଲିକାରୁ ଜେୟୁଡିକୁ ବାଦ୍ ଦେବା ପାଇଁ ହାଫିଜ୍ କରିଥିବା ଆବେଦନକୁ ବିଶ୍ୱ ସଙ୍ଗଠନ ଖାରଜ କରିଦେଇଥିବା ଗୁରୁବାର ଭାରତ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଆତଙ୍କବାଦୀ ସଙ୍ଗଠନ ତାଲିକାରେ ପୁଲଓ୍ୱାମା ଆକ୍ରମଣର



ମାଷ୍ଟରମାଇଣ୍ଡ ମାସୁଦ୍ ଆଝାରଙ୍କ ନେତୃତ୍ୱାଧୀନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)କୁ ସାମିଲ କରିବା ପାଇଁ ଜାତିସଂଘର ୧୨୬୭ କଟକଣା କମିଟିକୁ ଅନୁରୋଧ କରାଯାଇଛି । ଏହି ସମୟରେ ଲଶ୍କର ପ୍ରତିଷ୍ଠାତା ହାଫିଜ୍ ସୟିଦ୍‌ଙ୍କ ଓକିଲ ହାଇଦର୍ ରସୁଲ ମିର୍ଜା ଜେୟୁଡିକୁ ଉକ୍ତ ତାଲିକାରୁ ବାଦ୍ ଦେବା ଲାଗି ଅନୁରୋଧ କରିଥିଲେ, ଯାହାକୁ ଅଗ୍ରାହ୍ୟ କରିଦିଆଯାଇଛି । ମୁମ୍ବାଇ ଆକ୍ରମଣରେ ୧୬୬ ଜଣ ନିହତ ହେବା ପରେ ଜେୟୁଡିକୁ ନିଷିଦ୍ଧ ଘୋଷଣା କରାଯାଇଥିଲା ।

## ଲୋକ ସଭା ନିର୍ବାଚନ: ତାରିଖ ଘୋଷଣା ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୭।୩(ପି.ଟି.)**

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଆବଶ୍ୟକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍‌ଶୀଘ୍ର ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି । ଆସନ୍ତା ଏପ୍ରିଲ-ମେରେ ୭ରୁ ୮ ପର୍ଯ୍ୟାୟରେ ନିର୍ବାଚନ ହୋଇପାରେ । ଏଥିପାଇଁ ଆସନ୍ତା ମଙ୍ଗଳବାର ସୁଦ୍ଧା ଯେକୌଣସି ଦିନ ନିର୍ବାଚନ କମିଶନ ତାରିଖ ଘୋଷଣା କରିପାରନ୍ତି ବୋଲି ଏହି ସୂତ୍ରରୁ କୁହାଯାଇଛି । ଚଳିତ ଲୋକ ସଭାର କାର୍ଯ୍ୟକାଳ ଜୁନ୍ ୩ରେ ଶେଷ ହେବ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଚଳିତ ମାସ ଶେଷ ସୁଦ୍ଧା ପ୍ରକାଶ ପାଇପାରେ ବୋଲି ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ କହିଛନ୍ତି । ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକ୍କିମ, ଅରୁଣାଚଳପ୍ରଦେଶ ବିଧାନସଭା ନିର୍ବାଚନ ଏକସଙ୍ଗେ ହୋଇପାରେ । ଏଥିସହିତ ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରାଯାଇଥିବାରୁ ନିୟମ ଅନୁଯାୟୀ ମେ ଶେଷ ସୁଦ୍ଧା ସେଠାରେ ନିର୍ବାଚନ କରାଇବାକୁ ହେବ । ତେବେ ଭାରତ-ପାକ୍ ସୀମାରେ ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ନିର୍ବାଚନ କରାଇବା ସୁରକ୍ଷା ପରିସ୍ଥିତି ଉପରେ ନିର୍ଭର କରିବ ବୋଲି କୁହାଯାଉଛି ।

## ଲକ୍ଷ୍ନୌରେ ୨ କଶ୍ମୀରୀଙ୍କୁ ଆକ୍ରମଣ

### ଡ୍ରାଏ ଫ୍ରୁଟ୍ ବିକୁଥିବାବେଳେ ମାଡ଼ ମାରିଲେ ଗୈରିକ ବସ୍ତ୍ରଧାରୀ

**ଲକ୍ଷ୍ନୌ,୭।୩(ପି.ଟି.)**

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌସ୍ଥିତ ଡାଲିଗଞ୍ଜରେ ୨ ଡ୍ରାଏ ଫ୍ରୁଟ୍ ବିକ୍ରେତା କଶ୍ମୀରୀଙ୍କ ଉପରେ ଆକ୍ରମଣ ହୋଇଛି । ଗୈରିକ ବସ୍ତ୍ରଧାରୀ ୪ ଆକ୍ରମଣକାରୀଙ୍କୁ ଗୁରୁବାର ପୋଲିସ ଗିରଫ କରିଛି ।

ପୁଲଓ୍ୱାମା ଆକ୍ରମଣ ପରେ ଦେଶର ବିଭିନ୍ନ ସ୍ଥାନରେ କଶ୍ମୀରୀଙ୍କୁ ଟାର୍ଗେଟ କରାଯାଉଛି । ଏହି ଧାରାରେ ଲକ୍ଷ୍ନୌର ଡାଲିଗଞ୍ଜ ବ୍ରିଜରେ ଡ୍ରାଏ ଫ୍ରୁଟ୍ ବିକ୍ରି କରୁଥିବା କଶ୍ମୀରୀ ଯୁବକମାନଙ୍କୁ ବୁଧବାର ରାତିରେ ଗୈରିକ ପୋଷାକ ଧାରଣ କରିଥିବା କେତେଜଣ ବ୍ୟକ୍ତି ଟେକା ମାଡ଼କାରୀ ଅଭିହିତ କରି ମାଡ଼ ମାରିଥିଲେ । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ କଶ୍ମୀରୀ ଯୁବକଙ୍କୁ ଉଦ୍ଧାର କରିଥିଲା । ଜଣେ ସଚେତନ ନାଗରିକ ଆକ୍ରମଣର ଭିଡିଓ ସୁଟିଂ କରି ପୋଲିସକୁ ଦେଇଥିଲେ । ପୋଲିସ ମୁଖ୍ୟ ଅଭିଯୁକ୍ତ ବଜରଙ୍ଗ ସୋନକାରଙ୍କ



ଗିରଫ ୪ ଅଭିଯୁକ୍ତ

ସମେତ ହିମାଂଶୁ ଗର୍ଗ, ଅନିରୁଦ୍ଧ ଓ ଅମର କୁମାରଙ୍କୁ ଗିରଫ କରିଛି । ନିଜକୁ ବିଶ୍ୱ ହିନ୍ଦୁ ଦଳର ଅଧ୍ୟକ୍ଷ ବୋଲାଉଥିବା ବଜରଙ୍ଗଙ୍କ ବିରୋଧରେ ଅନେକ ସଙ୍ଗିନ ମାମଲା ରହିଛି । ଆକ୍ରମଣର ଶିକାର ହୋଇଥିବା ଅବ୍‌ଦୁଲ ସଲାମ ଓ ମହମ୍ମଦ ଅଫ୍‌ଜଲ ଦକ୍ଷିଣ କଶ୍ମୀରସ୍ଥିତ କୁଲଗାମ୍ ଜିଲାର ଓ ସେମାନେ ଡ୍ରାଏ ଫ୍ରୁଟ୍ ବିକିବାକୁ ଶୀତଦିନେ ଲକ୍ଷ୍ନୌକୁ ଆସିଥିଲେ । ଆକ୍ରମଣକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍ତି ନିନ୍ଦା କରିଛନ୍ତି ।

## ପାକିସ୍ତାନୀ ଆତଙ୍କବାଦୀ ନିହତ

**ଶ୍ରୀନଗର,୭।୩(ପି.ଟି.)**

ଜମ୍ମୁ-କଶ୍ମୀରର କୁପଓ୍ୱାଡ଼ାରେ ଗୁରୁବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଜେଇଏମ୍ ଆତଙ୍କବାଦୀ ନିହତ ହୋଇଛନ୍ତି । ହଣ୍ଡଓ୍ୱାଡ଼ାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ବୁଧବାର ରାତିରେ ଗୋଇନ୍ଦା ସୂଚନା ମିଳିଥିଲା । ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସି ଅଭିଯାନ ଚାଲିଥିବାବେଳେ ସେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ । ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ଆତଙ୍କବାଦୀ ଅନ୍‌ଓ୍ୱର ନିହତ ହୋଇଛନ୍ତି । ତାଙ୍କ ମୃତଦେହ ନିକଟରୁ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି ।

## ଅଯୋଧ୍ୟା ମାମଲାରେ ମଧ୍ୟସ୍ଥତା
# ସୁପ୍ରିମକୋର୍ଟ ରାୟ ଆଜି

**ନୂଆଦିଲ୍ଲୀ,୭।୩**

ଦୀର୍ଘ ବର୍ଷର ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାରେ ଆନୁଷ୍ଠାନିକ ମଧ୍ୟସ୍ଥତା ସମ୍ପର୍କରେ ସୁପ୍ରିମକୋର୍ଟ ଶୁକ୍ରବାର ରାୟ ଶୁଣାଇବେ । ଅଧିକାଂଶ ପକ୍ଷଙ୍କ ବିରୋଧ ସତ୍ତ୍ୱେ ଅଦାଲତ ମଧ୍ୟସ୍ଥତା ସପକ୍ଷରେ ରହିଛନ୍ତି । ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ । ଏହା କେବଳ ଜମି ବିବାଦ ନୁହେଁ, ଏଥିସହିତ ଧର୍ମୀୟ ଭାବାବେଗ ଜଡ଼ିତ ବୋଲି ଖଣ୍ଡପୀଠ କହିଥିଲେ । ୨.୭୭ ଏକର ବିବାଦୀୟ ଅଯୋଧ୍ୟା ଜମିରେ ମୋଗଲ ସମ୍ରାଟ ବାବର ନିର୍ମାଣ କରିଥିବା ମସ୍‌ଜିଦ୍‌କୁ ୧୯୯୨ରେ ହିନ୍ଦୁ କରସେବକମାନେ ଭାଙ୍ଗିଦେଇଥିଲେ । ଏହା ଭଗବାନ ରାମଚନ୍ଦ୍ରଙ୍କ ଜନ୍ମସ୍ଥାନ ଏବଂ ଏଠାରେ ପୂର୍ବରୁ ରାମଲାଲାଙ୍କ ମନ୍ଦିର ଥିଲା ବୋଲି ବିଶ୍ୱାସ କରାଯାଏ । ମଧ୍ୟସ୍ଥତା ପ୍ରସ୍ତାବକୁ ସୁନ୍ନି ଓ୍ୱାକଫ୍ ବୋର୍ଡ ସମର୍ଥନ କରିଥିବାବେଳେ ଉତ୍ତରପ୍ରଦେଶ ସରକାର, ରାମଲାଲା ବିରାଜମାନ ସମେତ ଅଧିକାଂଶ ହିନ୍ଦୁ ଆବେଦନକାରୀ ବିରୋଧ କରିଛନ୍ତି ।

## ଫୁର୍‌ସତ

# ଓଡ଼ିଆ ବୈଜ୍ଞାନିକ ବିଏଆରସି ମୁଖ୍ୟ

**ନୂଆଦିଲ୍ଲୀ:**



ଅଜିତ୍ କୁମାର ମହାନ୍ତି

ବରିଷ୍ଠ ଓଡ଼ିଆ ବୈଜ୍ଞାନିକ ତଥା ପଦାର୍ଥବିଜ୍ଞାନୀ ଅଜିତ୍ କୁମାର ମହାନ୍ତି ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆରସି) ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି । ଏହି ପଦବୀ ଦୀର୍ଘ ୬ମାସ ହେଲା ଖାଲି ପଡ଼ିଥିଲା । ଅଜିତ୍ ସେଠାରେ ୩ ବର୍ଷ ପାଇଁ କାର୍ଯ୍ୟ କରିବେ । ସମ୍ପ୍ରତି ସେ ଭାବା ଆଣବିକ ଗବେଷଣା କେନ୍ଦ୍ର ପଦାର୍ଥ ବିଜ୍ଞାନ ନିର୍ଦ୍ଦେଶକ ତଥା କୋଲକାତାସ୍ଥିତ ଶାହ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ଯଦୁଗୋଡ଼ାସ୍ଥିତ ୟୁରାନିୟମ ଖଣିରେ ଏକ ଭୂତଳ ବିଜ୍ଞାନାଗାର ପ୍ରତିଷ୍ଠା କରିବାରେ ତାଙ୍କର ସୁଖ୍ୟାତି ରହିଛି । ତାଙ୍କର କଣିକା ସଂଘାତ (ପାର୍ଟିକିଲ୍ କୋଲାଇଜନ୍)ରେ ଯଥେଷ୍ଟ ଅଭିଜ୍ଞତା ଥିବାରୁ ସେ ଜେନେଭାରେ 'ଲାର୍ଜ ହାଡ୍ରନ୍ କୋଲାଇଡର'ରେ କାର୍ଯ୍ୟ କରିଛନ୍ତି । ଖୁବ୍‌ଶୀଘ୍ର ସେ ବମ୍ବେସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରରେ ଯୋଗଦେବେ ବୋଲି ପର୍ସନେଲ୍ ମିନିଷ୍ଟ୍ରି ପକ୍ଷରୁ ସୂଚନା ମିଳିଛି ।

ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବାର୍କ) ହେଉଛି ଦେଶର ପ୍ରଥମ ବହୁମୁଖୀ ଆଣବିକ ଗବେଷଣା କେନ୍ଦ୍ର । ଆଣବିକ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ସେ ସମ୍ପର୍କିତ କ୍ଷେତ୍ର ସମ୍ପର୍କରେ ଉନ୍ନତମାନର ଗବେଷଣା ପାଇଁ ଏଠାରେ ବ୍ୟାପକ ଭିତ୍ତିଭୂମି ରହିଛି ।

## ଇତିହାସର ଆଇନାରେ

### ମାର୍ଚ୍ଚ ୮ର ପ୍ରମୁଖ ଘଟଣା

୧୯୭୪ ମାର୍ଚ୍ଚ ୮ରେ ପ୍ୟାରିସରେ ଚାର୍ଲସ୍ ଡି'ଗଲ୍ ଏୟାରପୋର୍ଟ ଖୋଲିଥିଲା । ଏହି ଏୟାରପୋର୍ଟକୁ ସ୍ଥାନୀୟ ଜିଲା ଅନୁସାରେ ରୋଇସି ଏୟାରପୋର୍ଟ କୁହାଯାଏ । ଏହା ଫ୍ରାନ୍ସର ସର୍ବବୃହତ୍ ଅନ୍ତର୍ଜାତୀୟ ଏୟାରପୋର୍ଟ ଏବଂ ୟୁରୋପର ଦ୍ୱିତୀୟ ବୃହତ୍ତମ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଫ୍ରି ଫ୍ରେଞ୍ଚ୍ ଫୋର୍ସେସ୍ ନେତା ଚାର୍ଲସ୍ ଡି'ଗଲ୍ ଙ୍କ ନାମାନୁସାରେ ଏହି ଏୟାରପୋର୍ଟର ନାମକରଣ କରାଯାଇଥିଲା ।

୨୦୦୪ ମାର୍ଚ୍ଚ ୮ରେ ଇରାକ ଗଭର୍ନିଂ କାଉନ୍‌ସିଲ୍ ଦ୍ୱାରା ଏକ ନୂଆ ସମ୍ବିଧାନ ସ୍ୱାକ୍ଷର ହୋଇଥିଲା । ଇରାକ ରାଷ୍ଟ୍ର ପାଇଁ ପ୍ରଶାସନର ଆଇନକୁ ଟ୍ରାଞ୍ଜିଶନାଲ୍ ଆଡମିନିଷ୍ଟ୍ରେଟିଭ୍ ଲ' ବା ଟାଲ୍ କୁହାଯାଏ । ୨୦୦୩ ଇରାକ ଯୁଦ୍ଧ ପରେ ଏହା ଇରାକ୍‌ର ପ୍ରୋଭିଜନାଲ୍ କନଷ୍ଟିଚ୍ୟୁଶନ୍ । ଉକ୍ତ ନୂଆ ସମ୍ବିଧାନ ୨୦୦୪ ଜୁନ୍ ୨୮ରେ କାର୍ଯ୍ୟକାରୀ ହୋଇଥିଲା ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର ।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ । ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି । ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା ।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୮.୮ |
| ଚାନ୍ଦବାଲି | ୨୯.୬ | ୨୧.୦ |
| କଟକ | ୩୧.୮ | ୧୯.୬ |
| ପାରାଦ୍ୱୀପ | ୨୯.୫ | ୨୨.୬ |
| ଭୁବନେଶ୍ୱର | ୩୨.୯ | ୨୧.୯ |
| ଗୋପାଳପୁର | ୩୧.୮ | ୨୨.୮ |
| ପୁରୀ | ୩୧.୪ | ୨୨.୬ |
| ଅନୁଗୋଳ | ୩୪.୧ | ୧୬.୬ |
| ବାରିପଦା | ୨୮.୫ | ୨୦.୦ |
| ଝାରସୁଗୁଡ଼ା | ୩୧.୦ | ୧୬.୮ |
| କେନ୍ଦୁଝର | ୨୮.୧ | ୧୭.୭ |
| ସମ୍ବଲପୁର | ୩୨.୫ | ୧୮.୪ |
| ସୁନ୍ଦରଗଡ଼ | ୩୨.୦ | ୧୫.୦ |
| ହୀରାକୁଦ | ୩୧.୬ | ୧୯.୪ |
| ତାଳଚେର | --- | ୧୯.୫ |
| ଭବାନୀପାଟଣା | ୩୨.୨ | ୧୭.୦ |
| ବଲାଙ୍ଗୀର | ୩୨.୮ | ୧୭.୫ |
| କୋରାପୁଟ | ୩୧.୨ | ୧୪.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୬.୪ |
| ମାଲକାନଗିରି | ୩୮.୦ | ୧୬.୬ |
| ସୋନପୁର | ୩୨.୨ | ୧୬.୪ |
| ଦାରିଙ୍ଗିବାଡ଼ି | ୩୦.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ଏଲଜିବିଟିକ୍ୟୁ ସମ୍ପ୍ରଦାୟକୁ ରିଚାଙ୍କ ସମର୍ଥନ



**ମୁମ୍ବାଇ:** ଅଭିନେତ୍ରୀ ରିଚା ଚଢ଼ା ଏଲ୍‌ଜିବିଟିକ୍ୟୁ (ଲେସ୍‌ବିୟାନ, ଗେ, ବାଇସେକ୍ସୁଆଲ୍, ଟ୍ରାନ୍ସଜେଣ୍ଡର, କ୍ୱିୟର) ମେଡିକାଲ୍ କ୍ଲିନିକ୍ ଉଦ୍‌ଘାଟନ କରିବା ଦ୍ୱାରା ଏହି ସମ୍ପ୍ରଦାୟକୁ ସେ ସମର୍ଥନ କରୁଥିବା ସୂଚନା ମିଳିଛି । ମୁମ୍ବାଇଭିତ୍ତିକ ହମ୍‌ସଫର ଟ୍ରଷ୍ଟ ଦ୍ୱାରା ନିର୍ମିତ ଏକ ହୋଲିଷ୍ଟିକ୍ ଏଲ୍‌ଜିବିଟିକ୍ୟୁ ଆର୍ଟ ସେଣ୍ଟର ଏବଂ ମେଡିକାଲ୍ କ୍ଲିନିକ୍‌କୁ ଉଦ୍‌ଘାଟନ କରିବେ ରିଚା । ଉକ୍ତ ସମ୍ପ୍ରଦାୟ ପ୍ରତି ତାଙ୍କର ସକାରାତ୍ମକ ସମର୍ଥନ ରହିଥିବା ଅଭିନେତ୍ରୀ ପ୍ରକାଶ କରିଛନ୍ତି । ସେ କହନ୍ତି, ଏହା ଏପରି ଏକ ଅନୁଷ୍ଠାନ ଏଠାକୁ ଏଲ୍‌ଜିବିଟିକ୍ୟୁ ସଦସ୍ୟ ଆସିଲେ ବିନା ଲାଜ ଓ ସଙ୍କୋଚରେ ସେମାନେ ଶାରୀରିକ ଓ ମାନସିକ ଅସୁସ୍ଥତା ସମ୍ପର୍କରେ ଜଣାଇପାରିବେ ।

ହମ୍‌ସଫର ଟ୍ରଷ୍ଟ ଏ ଦିଗରେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଛି । ସାଧାରଣ ଲୋକଙ୍କ ସମସ୍ୟା ବୁଝିବା ପାଇଁ ସେମାନେ ପ୍ରସ୍ତୁତ ଅଛନ୍ତି । ବର୍ତ୍ତମାନ ୩୭୭ ଧାରା ଉଚ୍ଛେଦ ହୋଇଥିବାରୁ ଦେଶରେ ଏଭଳି ହସ୍ପିଟାଲ୍ ବହୁସଂଖ୍ୟାରେ ପ୍ରତିଷ୍ଠା ହେଲେ ସମଲିଙ୍ଗୀ ମହିଳା ଓ ପୁରୁଷମାନେ ଚିକିତ୍ସା ପାଇପାରିବେ ।

ବର୍ତ୍ତମାନ ଏଭଳି ଚିକିତ୍ସା କେନ୍ଦ୍ର ଭାରତରେ ପ୍ରଥମ କରି ପ୍ରତିଷ୍ଠା କରାଯାଇଛି । ଏଠାରେ ଆଣ୍ଟି ରେଟ୍ରୋଭାଇରାଲ୍ ଥେରାପି ଚିକିତ୍ସା କରାଯାଇ ପାରିବ । ମୁମ୍ବାଇ ଡିଷ୍ଟ୍ରିକ୍ଟ ଷ୍ଟେଟ୍ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି ଏବଂ ଏଫ୍ଏଚ୍ଆଇ ୩୬୦ ସହାୟତାରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । କିନ୍ନର ସମ୍ପ୍ରଦାୟ ଏବଂ ମହିଳା ଯୌନକର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ସଂକଟର ସମ୍ମୁଖୀନ ହେଉଥିବା ଏହି ସମ୍ପ୍ରଦାୟର ଲୋକେ ଏଠାରେ ସୁବିଧାରେ ଚିକିତ୍ସା ପାଇପାରିବେ । ନ୍ୟାଶନାଲ୍ ଏଡ୍‌ସ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ ଦ୍ୱାରା ଏଠାରେ ମାଗଣା ଏଡ୍‌ସ ଚିକିତ୍ସା ଲାଗି ଔଷଧ ମିଳିବା ସହିତ ମାନସିକ ରୋଗୀଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯାଇ ପାରିବ ।


MARK OF QUALITY & TRUST
More Than 22 Karat Purity Gold At 22 Karat Price
Dui Haatha Bhari Offer
6TH-11TH MARCH 2019
₹୧,୫୦୦
ଛାଡ଼
୧୦ ଗ୍ରାମ ସୁନା ଗହଣାର
ଗଢ଼ା ମଜୁରି ଉପରେ
ପ୍ରତ୍ୟେକ କ୍ରୟ ଉପରେ
ନିଶ୍ଚିତ ଉପହାର
ପୁରୁଣା ସୁନା
ବଦଳାଇବାର
ସୁଯୋଗ ମିଳୁଛି
Conditions apply.
Discounts & Gifts galore.
A Festival like never before!
CALCUTTA'S LEADING JEWELLER SINCE 1939
P. C. CHANDRA
JEWELLERS
A jewel of jewels
Bhubaneswar showroom will remain open on all days during this offer period.
pcchandraindiaonline.com | amazon | Download Now
Follow us on /pcchandrajewellersindia
+918010700400 (Except Sunday)
BHUBANESWAR SHOWROOM
Shop No. 1A, Narula Market Complex, Sriya Square, Kharvela Nagar, Janpath, Bhubaneswar-751 001 | Ph: (0674) 2380887/888
46 SHOWROOMS ACROSS INDIA
Kolkata and other West Bengal showrooms | Delhi | Bengaluru (Ulsoor & Koramangala) | Bhubaneswar | Agartala | Jamshedpur | Noida | Mumbai


TVS
ନ୍ୟୁ ସ୍ପେଶାଲ୍ ଏଡିଶନ୍
TVS Sport ELS
ମାଇଲେଜ୍ କା ବାପ୍
ଖୁସିର ନୂଆ ଶକୁନ
ସବୁଠୁ ଲମ୍ବା ସୀଟ୍ ବାଲା
ମାତ୍ର ₹39,623* ରେ
₹4999##
ଭଳି କମ ଡାଉନ୍‌ପେମେଣ୍ଟ
କୌଣସି ସର୍ତ୍ତାବଳୀ ଲାଗୁ ନୁହେଁ।**
24 ଲକ୍ଷ ସୁଖୀ ଗ୍ରାହକ
ବଢ଼ିଆ ମାଇଲେଜ୍
TVS 5^ YEAR WARRANTY
*Ex-showroom price Odisha of TVS Sport KS Spoke BS IV Variant. Prices subject to change without prior notice. ^5 year warranty without any additional charges. ##Finance at the sole discretion of the financer. T&C apply.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com: Authorised Main Dealers: RAYAGADA: Shanti TVS, Ph : 8260963439. JEYPORE: Hindustan TVS, Ph.: 8260935284 Authorised Dealers: Nabarangpur, Jai Mangala Automotives, Ph.: 9437182369, 9437490666; Umerkote, Anil Distributor, Ph.: 7077712111/9556668853; Malkangiri, Hemlata Motors, Ph.: 9438433427/9437215287; Kotpad, Mallik Motors, Ph: 8018213272; 9938039248; Raighar, Radha Krishna Automobile, Ph : 9437094445/9777377773; Balimela, R K Automobiles, Ph : 9438814181; Govindpally, Pradhan Motors, Ph : 9439182323; Borigumma, Eastern Motors, Ph : 9937314983, 9438813786; Kalimela, Jay Bajrang Motors, Ph : 8763471200/06850-272114; Similiguda : Sri Sai Gupteswar Auto Agency, Ph : 9437025384; Padampur, Suraj Motors, Ph : 8018066999, 06857-266066.

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସୁଶ୍ରୀ
ପରିବାରବର୍ଗ


ଜୁନେଦ
ପରିବାରବର୍ଗ


ସାଦିୟା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

**automobile**

## SALE

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100. D-11548

**real estate**

## SALE

Plot for sale at town planning-1, Bhubaneswar, 16-Gunth. Contact: 9438687700. D-64209

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Plot for sale at Bhubaneswar near KEC Engineering College, plot per sqft. 700/- including 30ft. road, electricity facilities with boundary wall. 7077125889, 9861793775. D-66010

ଭୁବନେଶ୍ୱର KEC, ଗୁଡିଆପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

**ଭୁବନେଶ୍ୱର KEC ଗୁଡ଼ିଆ ପୋଖରୀ ସାଇ ମନ୍ଦିର ନିକଟରେ ଘରବାରି ପଟ୍ଟା ପ୍ଲଟ 30ft. ରୋଡ୍ ପାଚେରି ସହିତ sqft. 649ରେ ବିକ୍ରିହେବ: 7008748309, 9438616722.** D-11430

Residential plot measuring 1600sqft near Samantarapur and Dhauli square, BBSR For sale. Contact. 9437932367.D-65494

Aiginiaରେ 30ft. road yellowzone gharabari 6300 sqft. plot ବିକ୍ରିହେବ। Contact: 9778928492. D-65620

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Twincityର middle point (Phulnakhara)ରେ ନିର୍ମିତ Grandbazar NH-5ରୁ walk-able distanceରେ ଘରବାରି ପ୍ଲଟ କିଣନ୍ତୁ। Biswanath: 7789062619. D-65380

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65378

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Bhubaneswar Patia ଅଞ୍ଚଳରେ litigation free ଘରବାଡ଼ି, boundary, electri ସୁବିଧାଥାଇ plot କିଣି ଘର କରନ୍ତୁ (other site available). 7008524523, 9439489460. D-65379

## PURCHASE

Wanted 20ft. road ଥିବା ଚାଷଜମି, ଘରବାରି ପ୍ଲଟ Bhubaneswar. 6371090682. D-11496

ଢେଙ୍କାନାଳ ଏବଂ ଆଖପାଖ ଅଞ୍ଚଳରେ ଜମି/ ଘର କିଣିବାକୁ ଯୋଗାଯୋଗ କରନ୍ତୁ: 9439464581. D-62082

## ACCOMMODATION

7000 sqft. 15 bedrooms with garages marbel room, attached latrin bath rooms, guest house, hostel, company, office, residence, bank, Baramunda bus stand. Cont: 9937130297. D-11456

## LOST

ମୁଁ ଶ୍ରୀ ଶୟାଦ ତୟବ ଅଲି, ମ୍ୟାନେଜର ଚନ୍ଦ୍ରକଳା ଗେଷ୍ଟହାଉସ ମୋର ବିଲ୍‌ନଂ 7222 ରୁ 7272 ବହି ହଜିଯାଇଛି। ଏହି ବିଲ୍ ମଧ୍ୟରେ 7260 to 7272 ବ୍ୟବହାର ହୋଇନାହିଁ। ଏହି ବିଲ୍‌ର ଅପବ୍ୟବହାର ପାଇଁ ଆମେ ଦାୟୀନୁହଁ। ଧ-୧୧୫୪୦

## AFFIDAVIT

I Nalini Prava Sarangi Daughter of Late Pitabasa Sarangi, Vill-Tangi, Cuttack have changed my name to Ritajananda Saraswati by affidavit before the Executive Magistrate, Bhubaneswar. D-64208

ମୁଁ, ସସ୍ମିତା କୁମାରୀ ଜେନା ସ୍ୱା-ରଶ୍ମିରଂଜନ ରାୟସିଂହ ଗ୍ରା/ପୋ: ଝାଡ଼ପଡ଼ା, ଥା-ଚାନ୍ଦପୁର, ଜି-ନୟାଗଡ଼ ସତ୍ୟପାଠ କରି ତା.୨୩.୭.୧୭ରିଖ ମୋର ପୂର୍ବନାମ ସସ୍ମିତା କୁମାରୀ ଜେନାକୁ ବଦଳାଇ ଆଜିଠାରୁ ସସ୍ମିତା ରାୟସିଂହ ନାମରେ ପରିଚିତ ହେବି। ଧ-୧୧୫୪୬

Now Matrimonial ads. only on Wednesday & Sunday Book 1 Get 1 FREE

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



### ମୋକ୍ସ ପାଢୀ

ଈଶ୍ୱରଙ୍କ କୃପାରୁ ତୋର ଚଲାପଥ ପୁଷ୍ପିତ ହେଉ ଏବଂ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ

ପାପା, ମମି, ବୋଉ, ମାମା,ଡାଡି, ମାମୁ।

ଧ-୧୧୫୧୫


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତଲା ବାଲି**
**ଆମକୁ ଦେଖିଲେ ଗହମ ଚାଲି।**

ଯାହାର ଯାହା ସଙ୍ଗେ ପଡ଼ି ନ ଥାଏ, ଭାବପ୍ରୀତି ରହି ନ ଥାଏ, ତାହାଠୁ ସେ ଯଥାସମ୍ଭବ ଦୂରତ୍ୱ ବଜାୟ ରଖିବାକୁ ଉଚିତ ମଣିଥାଏ। କାଳେ ମୁହାଁମୁହିଁ ହୋଇଗଲେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଯିବ, ସେଥିପାଇଁ ସେ ସ୍ଥାନ ଛାଡ଼ି ଚାଲିଯାଇଥାଏ। ଜଣକର ଉପସ୍ଥିତି ଅନ୍ୟଜଣଙ୍କ ପାଇଁ ଅସହ୍ୟବୋଧ ହେଉଥିବା ସ୍ଥଳେ ଜାଣିଶୁଣି ଏଡ଼ାଇ ଯିବାର ଉଦ୍ୟମ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁଠ ନିରିମଳ ପାଣି ଗଙ୍ଗାଜଳ**
**ମୁଗୁନି ପଥର ପଡ଼ିଛି**
**କେତେ ଘଷିମାଜି ହେଉଛି ଲୋ ଗୋରୀ**
**ତୋ ପାଇଁ ପୁରୁଷ କାନ୍ଦୁଛି।**

ଝିଅ ଯଦି ସୁନ୍ଦରୀ ବୋଲି ବେଶି ଫୁଲେଇ ହୁଏ, ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ କଥା କୁହାଯାଇଥିବାର ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ବାରହା ଫାଶରେ ଲାଗି ମହିଳାଙ୍କ ମୃତ୍ୟୁ ଘଟଣା, ୪ ଅଟକ

ଧୋଡ୍ରା,୭।୩(ଡି.ଏନ.ଏ)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ନାଗଯୋଡି ଗାଁରେ ବାରହା ମାରିବା ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦଲିଲା ହରିଜନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଡାବୁଗାଁ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧ୍ରୁବଆ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଝରିଗୁଡା ଗାଁର ମିନା ହରିଜନ ମହୁଲ ଗୋଟେଇବା ପାଇଁ ନାଗଯୋଡି ଗାଁକୁ ଆସିଥିଲେ। ସେହି ଗ୍ରାମର ଦଲିଲା ହରିଜନ ଏବଂ ଲକ୍ଷ୍ମୀ ପନକାଙ୍କ ସମ୍ପର୍କୀୟ ମିନା। ସେମାନେ ମିନାଙ୍କୁ ଝରିଗାଁ ଗାଁକୁ ଛାଡିବାକୁ ଆସିଥିଲା ବେଳେ ଅନ୍ଧାରରେ ବାରାହ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଏଥିରେ ଦଲିଲାଙ୍କ ମୃତ୍ୟୁ ଘଟିଥିଲା। ଡାବୁଗାଁ ଥାନାରେ ନଂ. ୩୧/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

# ଯୁକ୍ତ୨ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୭।୩(ବ୍ୟୁରୋ)

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଓଡ଼ିଆ ବିଷୟରେ ପରୀକ୍ଷା ଥିଲା। ନିର୍ଦ୍ଦେଶାନୁଯାୟୀ, ଛାତ୍ରୀଛାତ୍ର ସକାଳ ୯ଟା ୪୫ ସୁଦ୍ଧା ପରୀକ୍ଷା ହଲ୍‌ରେ ବସିଥିଲେ। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ପ୍ରଥମ ଦିନ ପରୀକ୍ଷାରେ ରାଜ୍ୟରେ ମୋଟ ୧୦ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିବା ବେଳେ ସେପଟେ ପୁରୀ ଜିଲା ବ୍ରହ୍ମଗିରିରେ ୮ଜଣ ପିଲା ଆଡ୍‌ମିଟ କାର୍ଡ ନ ପାଇ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ତେବେ ପରୀକ୍ଷା ହଲ୍‌କୁ ଯିବା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ କଡ଼ା ଯାଞ୍ଚ କରାଯାଇଥିଲା। କେହି ବି ପରୀକ୍ଷାର୍ଥୀ ସ୍ମାର୍ଟ ଘଣ୍ଟା ନ ପିନ୍ଧି ଯିବାକୁ ପରିଷଦ ପକ୍ଷରୁ କୁହାଯାଇଥିଲା। କେବଳ ସାଧାରଣ ଘଣ୍ଟା ପିନ୍ଧି ଛାତ୍ରୀଛାତ୍ର ଯାଇପାରିବେ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସାଧାରଣ ଘଣ୍ଟା ପିନ୍ଧି ଯିବା ପାଇଁ ମଧ୍ୟ ଅନୁମତି ମିଳି ନ ଥିଲା। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦ୍ୱିତୀୟ ଦିନ ଅର୍ଥାତ୍ ୮ ତାରିଖରେ କଳା ବିଭାଗର ଓଡ଼ିଆ ବିଷୟରେ ପରୀକ୍ଷା ରହିଛି। ସୂଚନାଯୋଗ୍ୟ, ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗରେ ମୋଟ ୩,୬୯,୫୩୭ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ସେଥିରୁ କଳାରେ ୨,୩୫,୧୮୩ ଛାତ୍ରୀଛାତ୍ର ଥିବାବେଳେ ବିଜ୍ଞାନରେ ୯୯,୦୧୮, ବାଣିଜ୍ୟରେ ୨୭,୨୭୮ ଓ ଧନ୍ଦାମୂଳକରେ ୮,୦୫୮ ଛାତ୍ରୀଛାତ୍ର ରହିଛନ୍ତି। ଏଥର ମୋଟ ୧୦୯୧ଟି ପରୀକ୍ଷା କେନ୍ଦ୍ର ଏବଂ ପରୀକ୍ଷା ପାଇଁ ୨୦୨ଟି ହବ୍ କରାଯାଇଛି। ଆସନ୍ତା ୩୦ ତାରିଖରେ ଯୁକ୍ତ୨ ପରୀକ୍ଷା ଶେଷ ହେବ।

## ପ୍ରଥମ ଦିନ କପି କରି ଧରାପଡ଼ିଲେ ୧୦ ପରୀକ୍ଷାର୍ଥୀ

## ଦୁର୍ଘଟଣା: ୩ ନାବାଳକ ମୃତ

**କପ୍ତିପଦା,୭।୩(ଡି.ଏନ.ଏ):** କପ୍ତିପଦା ଥାନା ଅଧୀନ କପ୍ତିପଦା-ଶାଳଜୁଆ ରାସ୍ତାର ସୋଲଗଡିଆ ଛକ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରାକ୍ଟର ସହିତ ଏକ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀ ୩ ନାବାଳକଙ୍କ ମୃତ୍ୟୁଘଟିଛି। ମୃତକମାନେ ହେଲେ ମାଙ୍କଡପଡା ପଞ୍ଚାୟତ ପରାସବାଡି ଗ୍ରାମର ରାଜୁ ସିମନାଖିଆ, ଭଜହରି ପଧୁରିଆ ଏବଂ ସୋଲଗଡିଆ ଗ୍ରାମର ରାଜେନ୍ଦ୍ର ବିଶ୍ୱାଳ।

ପ୍ରଥମ ପୃଷ୍ଠାରୁ...

### ଜଣେ ନିହତ, ୩୨...

ଚିହ୍ନଟ କରାଯାଇଥିବା ପୋଲିସ କହିଛି। କୁଲ୍‌ଗାମ୍‌ର ହିଜବୁଲ୍ କମାଣ୍ଡର ତାଙ୍କୁ ଗ୍ରେନେଡ ଆକ୍ରମଣ ଦାୟିତ୍ୱ ଦେଇଥିଲେ ବୋଲି ଜେରା ବେଳେ ସେ ସ୍ୱୀକାର କରିଛନ୍ତି। ପୂର୍ବାହ୍ନ ୧୧ଟା ୩୦ରେ ଏହି ଆକ୍ରମଣ ହୋଇଥିଲା। ଆତଙ୍କବାଦୀ ସମ୍ଭବତଃ ଗ୍ରେନେଡକୁ ପାର୍କିଂରେ ଥିବା ବସ୍ ତଳକୁ ଗଡାଇ ଦେଇଥିଲେ ବୋଲି ବରିଷ୍ଠ ପୋଲିସ ଅଧିକାରୀ ମନୀଷ୍ କୁମାର ସିହ୍ନା ସାମ୍ବାଦିକମାନଙ୍କୁ କହିଛନ୍ତି। ସୁରକ୍ଷା ବଳ ଉକ୍ତ ସ୍ଥାନକୁ ଘେରାବନ୍ଦୀ କରି ରଖି ତଦନ୍ତ ଚଳାଇଛି।

### ନାରାୟଣଗଡ଼-ଭଦ୍ରକ ତୃତୀୟ...

ନିର୍ମାଣ ଦ୍ୱାରା ପରିବହନ କ୍ଷମତା ବୃଦ୍ଧି ପାଇବ। ସୂଚନାଥାଉ କି,ବ୍ୟସ୍ତବହୁଳ ନାରାୟଣଗଡ଼ ଓ ଭଦ୍ରକ ମଧ୍ୟରେ ଇସ୍ପାତ ପ୍ଲାଣ୍ଟଗୁଡ଼ିକୁ କୋଇଲା ଓ ଚକ୍ରଧରପୁରରୁ ବନ୍ଦର ପର୍ଯ୍ୟନ୍ତ ରପ୍ତାନି ଲାଗି ଖଣିଜ ଦ୍ରବ୍ୟ ପରିବହନ କରାଯାଇଥାଏ। ଏହି କାରଣରୁ ତୃତୀୟ ଲାଇନ ନିର୍ମାଣର ଆବଶ୍ୟକତା ରହିଛି ବୋଲି ବୈଠକ ଶେଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣରେ ପାଖାପାଖି ୩୭.୨ ଲକ୍ଷ ମାନବ ଦିବସ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

### ଓଡ଼ିଶାରେ ୪ କେନ୍ଦ୍ରୀୟ...

ମାନର ଶିକ୍ଷାଦାନ ସୁବିଧା ମିଳିପାରିବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି। ମାଓବାଦୀ ପ୍ରବଣ ଅଞ୍ଚଳ, ଅଧିକ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ନିୟୋଜିତ ଥିବା ଅଞ୍ଚଳ ତଥା ଅଧିକ ସଂଖ୍ୟାରେ ରେଳ କର୍ମଚାରୀ ରହୁଥିବା ଅଞ୍ଚଳରେ ନୂତନ କେଭି ସ୍ଥାପନ କରାଯିବ। ଓଡିଶା ସମେତ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ବିହାର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, କର୍ନାଟକ, ପଶ୍ଚିମବଙ୍ଗ, ଆସାମ, ରାଜସ୍ଥାନ, କେରଳ, ହିମାଚଳପ୍ରଦେଶ, ହରିୟାଣା, ଜମ୍ମୁ-କଶ୍ମୀର, ଛତିଶଗଡ ଓ ଅରୁଣାଚଳପ୍ରଦେଶରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଛି। ବର୍ତ୍ତମାନ ସାରା ଦେଶରେ ୧୨ ହଜାରରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ବିଦ୍ୟାଳୟ ଥିବାବେଳେ ବିଦେଶରେ ୩ଟି ଏଭଳି ବିଦ୍ୟାଳୟ ରହିଛି।

### ଅଭାବରେ ବୈପାରୀଗୁଡ଼ା...

ଯେକୌଣସି ବର୍ଗରୁ ସେ ପ୍ରଥମ ମହିଳା ଭାବେ ବୈପାରୀଗୁଡ଼ା ବ୍ଲକ ଅଧ୍ୟକ୍ଷା ଆସନ ଅଳଙ୍କୃତ କରିଥିଲେ। ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ଓ ପୂର୍ବରୁ କେବେ ରାଜନୀତି ସହ ଜଡ଼ିତ ନଥିବା ଏହି ଭୂମିଆ ସଂପ୍ରଦାୟର ରୁକ୍ମଣୀଙ୍କ ପାଇଁ ବ୍ଲକ ଅଧ୍ୟକ୍ଷା ଦାୟିତ୍ୱ ଏକ ଚ୍ୟାଲେଞ୍ଜ ଥିଲା। ଧୀରେଧୀରେ ସରକାରୀ ଫାଇଲ୍ କାମ କରିବା ସହ ସଭା ସମିତିରେ ଭାଷଣ ଦେବାରେ ସେ ପାରଙ୍ଗମ ପାଲଟିଗଲେ। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳରେ ବ୍ଲକର ଅନେକ ଉନ୍ନୟନ କାମରେ ତାଙ୍କର ସଂପୃକ୍ତି ରହିଥିଲା। କିନ୍ତୁ କାର୍ଯ୍ୟକାଳ ସରିବା ପରେ ରୁକ୍ମିଣୀ ହଠାତ୍ ଅପରିଚିତ ପାଲଟିଗଲେ ଯେମିତି। ଏପରିକି ବ୍ଲକସ୍ତରୀୟ ପରବ ପାଳନ ବେଳେ ତାଙ୍କୁ ନିମନ୍ତ୍ରଣ ପତ୍ର ଖଣ୍ଡେ ମଧ୍ୟ ଦେବାକୁ ଭୁଲିଗଲା ବ୍ଲକ ପ୍ରଶାସନ। ଗାଁରେ ଅଭାବ ଅନଟନ ସତ୍ତ୍ୱେ ନିଜ ସ୍ୱାଭିମାନ ବଞ୍ଚାଇ ଗୁଜୁରାଣ ମେଣ୍ଟାଉଛନ୍ତି ରୁକ୍ମଣୀ। ଚାଷଜମିରେ ନିଜେ ଖଟୁଛନ୍ତି। ମାଟିଘରେ ରହୁଛନ୍ତି। ଗାଁରେ ଖାଲି ପଡ଼ିଥିବା ଅଙ୍ଗନୱାଡ଼ି କର୍ମୀ ପଦବୀରେ ରହିବା ପାଇଁ ପ୍ରସ୍ତାବ ଆସିଥିଲେ ମଧ୍ୟ ନିଜ ସ୍ୱାଭିମାନ ଦୃଷ୍ଟିରୁ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଲୋକଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଇଚ୍ଛା ଥିଲେ ମଧ୍ୟ ଏଥିରେ ସମ୍ବଳ ବାଧକ ସାଜୁଛି। ମନ୍ତ୍ରୀ ବିଧାୟକଙ୍କୁ ଯେପରି ଭତ୍ତା ମିଳୁଛି, ପଞ୍ଚାୟତ ସ୍ତରର ଲୋକ ପ୍ରତିନିଧିଙ୍କ ପାଇଁ ସେପରି ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ଆଦିବାସୀ ଓ ଅନ୍ୟ ବର୍ଗର ମହିଳାଙ୍କୁ ରାଜନୈତିକ କ୍ଷେତ୍ରରେ ଆଗକୁ ଆଣିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏବେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପାଇଁ ମଧ୍ୟ ଦାବି କରାଯାଉଛି। କିନ୍ତୁ ବାସ୍ତବରେ ସଂରକ୍ଷଣ ବ୍ୟବସ୍ଥାରେ ରାଜନୈତିକ ପୃଷ୍ଠଭୂମି ନ ଥିବା ବହୁ ଆଦିବାସୀ ମହିଳାଙ୍କୁ ନିର୍ବାଚନରେ ମୋହରା କରାଯାଉଛି। ସେମାନେ ନିର୍ବାଚିତ ହେବା ପରେ ଅନ୍ୟ ଏକ ନ୍ୟସ୍ତସ୍ୱାର୍ଥୀ ଗୋଷ୍ଠୀ ଫାଇଦା ଉଠାଉଥିବା ବେଳେ ନିର୍ବାଚିତ ମହିଳା ଲୋକ ପ୍ରତିନିଧିଙ୍କ ରାଜନୈତିକ ସ୍ଥିତିରେ ବିଶେଷ ପରିବର୍ତ୍ତନ ହେଉନାହିଁ। ମହିଳା ସଶକ୍ତୀକରଣ ଦିବସ ଅବସରରେ ରାଜନୀତି କ୍ଷେତ୍ରରେ ରୁକ୍ମଣୀମାନଙ୍କୁ ପ୍ରକୃତ ଭାବେ ସଶକ୍ତ କରାଯିବାର ଆବଶ୍ୟକତା ରହିଛି।



ନିଜ ମାଟିଘର ଆଗରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୁକ୍ମଣୀ ମାଝି।

### କୋଟିଏ ଟଙ୍କାର ଗଞ୍ଜେଇ...

ପରେ ଏହାକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ବୋଝେଇ ହୋଇଥିବା ଜଣାପଡିଥିଲା। ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ନିଆଯାଇଥିଲା। ସେଠାରେ ଓଜନ କରିବାରୁ ମୋଟ ୫୦୭ କିଲୋଗ୍ରାମ ଗଞ୍ଜେଇ ରହିଥିବା ଜଣାପଡ଼ିଥିଲା। କେସ ନଂ.୨୯/୧୯ରେ ଏକ ମାମଲା ରୁଜୁ କରି ଜଗବୀର ଓ ରମେଶଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪୨ହଜାର ୭ଶହ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ଦାରାକୋଣ୍ଡାରୁ ହରିୟାଣାକୁ ଏହି ଗଞ୍ଜେଇ ଚାଲାଣ କରୁଥିବା ପଚରାଉଚରା ବେଳେ କହିଛନ୍ତି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ଚିତ୍ରକୋଣ୍ଡା ଥାନା ଭାରପ୍ରାପ୍ତ ନିରୀକ୍ଷକ ନାଗ ପ୍ରକାଶ କରିଛନ୍ତି।



ଗିରଫ ୨ ଅଭିଯୁକ୍ତ।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଚିତ୍ତରଞ୍ଜନ ପରିଡ଼ା**

ମତ୍ତଗଜପୁର, ବିରିବାଟୀ, କଟକ

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠାରେ ଥାଅ, ଶାନ୍ତିରେ ରହିଥାଅ।

ହତଭାଗ୍ୟ ପୁତ୍ର ଓ ପୁତୁରା-ସଞ୍ଜୟ କୁମାର ପରିଡ଼ା, ଅଜୟ, ବିଜୟ, ଅକ୍ଷୟ, ଅଭୟ, ହୃଦୟ, ଧନଞ୍ଜୟ, ଚିନ୍ମୟ, ମୃତ୍ୟୁଞ୍ଜୟ।

ଧ-୧୪୫୬୪

### ଊନବିଂଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଡ. ପ୍ରଭାକର ରାଉତ**

ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୬।୦୩।୨୦୦୦
ଲକ୍ଷ୍ମୀସାଗର, ଭୁବନେଶ୍ୱର

ବାବା, ଦେଖୁ ଦେଖୁ ଊଣେଇଶବର୍ଷ ହୋଇଗଲା। ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜିବି ଆମର ପଥପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ବନ୍ଧୁ ଓ ପରିବାରବର୍ଗ। ଧ-୧୧୫୧୮


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଗ୍ରହ ସ୍ଥିତି ପ୍ରଭାବରେ ପରିବାରରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି ଉଚ୍ଚବାଚ ଘଟିପାରେ। ପିଲାମାନଙ୍କ ଆବଶ୍ୟକତା ଅନୁସାରେ କୌଣସି ଜିନିଷ ନ ଆଣିପାରିବା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ଅଫିସ୍ କାମରେ ଏପରିକି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରିନେବେ।

**ବୃଷ**
ସ୍ୱନକ୍ଷତ୍ରବର୍ତ୍ତୀ ରାଶ୍ୟାଧିପ ହେତୁ ଆପଣ ସାହାଯ୍ୟ,ସମର୍ଥନ ଲାଭକରି ଚେଷ୍ଟାକରୁଥିବା କାମରେ ସଫଳତା ହାସଲ କରିବେ। ତଥାପି ବନ୍ଧୁଙ୍କ ସହ ସାଧାରଣ କଥାରେ ମତାନ୍ତର ଘଟିପାରେ। ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ କେତେକ କାରଣକୁ ନେଇ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ।

**ମିଥୁନ**
ଭାଗ୍ୟାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ଚେଷ୍ଟା ନିଷ୍ଫଳ ହେବନାହିଁ। ଗ୍ରହଚକ୍ର ଆପଣଙ୍କୁ ଋଣ ପରିଶୋଧ କରିବା ସକାଶେ ବାଧ୍ୟ କରିପାରେ। ଜଣେ ବନ୍ଧୁ ଆଜି ଆପଣଙ୍କ ମାର୍ଗଦର୍ଶକ ସାଜିପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ପରିବହନ, ପ୍ରଶାସନ, ଆଇନ, ଅଦାଲତ, ନିର୍ମାଣାଦି କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପ୍ରତିବନ୍ଧକ ଦୂରେଇଯିବ।

**କର୍କଟ**
ରାଶିରେ ବଳବାନ୍ ରାହୁ, କୋଣ ସ୍ଥାନରେ ବୃହସ୍ପତି ଓ କର୍ମ ସ୍ଥାନରେ ମଙ୍ଗଳ ସାମାଗ୍ରିକ ସୁଖ ସାଧନର ପୃଷ୍ଠଭୂମି ସାଜିପାରନ୍ତି। ସବୁ ଭଲ ହେଲେ ମଧ୍ୟ କେତେକ କାରଣକୁ ନେଇ ଘରକଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟିକରିବ। ପ୍ରତ୍ୟେକ କ୍ଷେତ୍ରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ।

**ସିଂହ**
ଧନ ସ୍ଥାନରେ ଚନ୍ଦ୍ର ଓ ବୁଧ ଆପଣଙ୍କୁ ବାକ୍‌ପଟୁତା ପ୍ରଦାନକରି ଯେକୌଣସି ପରିସ୍ଥିତିକୁ ସଜାଡ଼ିନେବାରେ ସାହାଯ୍ୟ କରିପାରନ୍ତି। ହତୋତ୍ସାହିତ ନ ହୋଇ ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭକରି ଅବଶ୍ୟ ସଫଳତା ପାଇବେ। ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ବନ୍ଧୁପରିଜନମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ।

**କନ୍ୟା**
ଦୁଃସ୍ଥାନଗତ ବୁଧ ଲାଭାଧିପ ଚନ୍ଦ୍ରଙ୍କ ସାନ୍ନିଧ୍ୟରେ ବିପରୀତ ଧର୍ମୀ ଆଚରଣ କଲେ ମଧ୍ୟ ପରକ୍ଷଣରେ ଅଭିଳଷିତ ଜିନିଷ ପ୍ରଦାନ କରିବାକୁ ବାଧ୍ୟହେବେ। ହଠାତ୍ ଆଜି ବହୁଦିନରୁ ଟଙ୍କା ବାକି ରଖିଥିବା ଲୋକ ଆପଣଙ୍କୁ ଖୋଜି ଖୋଜି ଶେଷରେ ଘରେ ଆସି ଟଙ୍କା ଦେଇଯିବେ। ପାରିବାରିକ କ୍ଷେତ୍ରରେ ବୃଥା ସନ୍ଦେହକରି ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି।

**ତୁଳା**
ରାଶି ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ଆପଣଙ୍କ ଯାତ୍ରା,ବ୍ୟବସାୟ, ଗୃହ ଓ ଯାନବାହନ ଲାଭର ପ୍ରତୀକାତ୍ମକ ଭାବରେ ରହିଛି। କିନ୍ତୁ କହି ଜାଣିଲେ କଥା ସୁନ୍ଦର ପରି କରି ଜାଣିଲେ ସବୁ କିଛି ଠିକ୍ ହୋଇପାରିବ। ମାତ୍ର ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ବିବାଦୀୟ ସ୍ଥିତି କିମ୍ବା ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ବୃହସ୍ପତିଙ୍କ ଉପରେ ଧନାଧିପତିଙ୍କ ଦୃଷ୍ଟି ଆପଣଙ୍କୁ ବିଭିନ୍ନ ଦିଗରୁ ଆର୍ଥିକ ସହାୟତା ପ୍ରାପ୍ତ କରାଇବେ। କିନ୍ତୁ ଟିକିଏ ଟିକିଏ କଥାରେ ଉତ୍ତେଜନା ସୃଷ୍ଟିକାରୀ ଭାଷା ପ୍ରୟୋଗରୁ କ୍ଷାନ୍ତ ରହିବା ଭଲ ହେବ। ସାହିତ୍ୟ, ସାମ୍ବାଦିକତା,ରାଜନୀତି, ସଭାସମିତି, କ୍ରୀଡ଼ା, କଳା ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଭାଗ୍ୟାଧିପ ରବିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟି ଆପଣଙ୍କ ଲକ୍ଷ୍ୟ ଓ ଉଦ୍ୟମକୁ ବାସ୍ତବତାରେ ପରିଣତ କରାଇନେବାରେ ସମର୍ଥ ହେବ। ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା କାରଣରୁ ସାମୟିକ ମନ ଚହଲିଯାଇପାରେ। ବ୍ୟବସାୟ, ପରିବହନ, ଆମଦାନୀ କାରବାର, କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସିରହିବେ।

**ମକର**
କୌଣସି ପ୍ରକାରର ଅସୁବିଧା ନ ଥାଇ ମଧ୍ୟ ପ୍ରିୟବନ୍ଧୁଟିର ଅନୁପସ୍ଥିତିରେ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ। ଆଜି ଦିନରେ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥା ମାନି କାମ କଲେ ବହୁତ ଭଲ ହେବ। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ପରିବହନ, ଆଲୋଚନା, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ**
ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସାଧାରଣ ପ୍ରତିବନ୍ଧକ ଭିତର ଦେଇ କାମଗୁଡ଼ିକୁ ସମ୍ପନ୍ନ କରିପାରିବେ। ପାପଗ୍ରହଯୁକ୍ତ ଶୁକ୍ର ପ୍ରଭାବରେ ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିପାରେ। ନତୁବା ଯୁକ୍ତିତର୍କକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସନ୍ଧ୍ୟାରେ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ**
ଆପଣଙ୍କ ଚିନ୍ତାଧାରା ସହ କାର୍ଯ୍ୟପଦ୍ଧତି ମନ୍ଦ ନ ହେଲେ ମଧ୍ୟ ପ୍ରକାଶଭଙ୍ଗୀର ବ୍ୟତିକ୍ରମ ସବୁକିଛି ବିଗାଡ଼ିଦେଇପାରେ। ଏହିକାରଣ ଅନୁସରଣରେ କର୍ମକ୍ଷେତ୍ରରେ ଈର୍ଷାପରାୟଣ ସହକର୍ମୀଟି ସହ ବିବାଦ ବୃଦ୍ଧିର ସୂଚନା ରହିଛି। ତଥାପି ଆଜିର ଯାତ୍ରା,ବାଣିଜ୍ୟ, ବ୍ୟବସାୟ,ମାଲି ମକଦ୍ଦମା, ସଙ୍ଗଠନ,ଲେଖାପଢ଼ା ଓ ଜମିଜମା କାରବାରରେ ଆଶାପୂରଣ ହୋଇପାରିବ।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ଶୁକ୍ରବାର, ମାର୍ଚ୍ଚ ୮ତାରିଖ, ବିଶ୍ୱ ମହିଳା ଦିବସ, ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ଧନୁ ରାଶିର ଘାତଚନ୍ଦ୍ର। ସକାଳ ଘ୬।୩୨ମି. ମଧ୍ୟେ ଅମୃତବେଳା। ଦିବା ଘ୬।୩୨ମି. ଗତେ ଘ୮।୫୯ମି. ମଧ୍ୟେ, ଘ୧୧।୫୩ମି. ଗତେ ଘ୧।୨୦ମି. ମଧ୍ୟେ ମାହେନ୍ଦ୍ରବେଳା।


?କେନ୍ଦ୍ର ସରକାର ଦିଅ ଉତ୍ତର, କୁମ୍ଭୀର କାନ୍ଦଣା ବନ୍ଦ କର
ଓଡ଼ିଶା ରେଳରୁ ବର୍ଷକୁ ନେଉଛ ଗଣି କୋଡ଼ିଏ ହଜାର କୋଟି
ଘୋଷଣା କର ପାଞ୍ଚ ହଜାର, ଖର୍ଚ୍ଚ କର ଖାଲି ହଜାରେ କୋଟି
ହକ୍ ମାଗୁଛି ଓଡ଼ିଶା
#HaqMaguchhiOdisha
ବିଜୁ ଜନତା ଦଳ

■ ଉନ୍ନୟନମୂଳକ କାର୍ଯ୍ୟରେ ବାଧା

# ନିୟମଗିରି ସୁରକ୍ଷା ସମିତି ନେତା ଲିଙ୍ଗରାଜ ଗିରଫ

ଭବାନୀପାଟଣା,୭।୩(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ନିୟମଗିରି ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜାଉଥିବା ଅଭିଯୋଗରେ ଲାଞ୍ଜିଗଡ଼ ପୋଲିସ ନିୟମଗିରି ସୁରକ୍ଷା ସମିତି ନେତା ଲିଙ୍ଗରାଜ ଆଜାଦ୍‌ଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଏନ୍.କେ. ମହନ୍ତ ଏହି ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ମହନ୍ତ କହିଛନ୍ତି, ୨୦୧୭ ଏପ୍ରିଲ ୨୬ତାରିଖରେ ଲିଙ୍ଗରାଜଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ଥାନା ଅଞ୍ଚଳରେ ଥିବା ବେଦାନ୍ତ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରାଯିବା ସହ ବ୍ୟାପକ ଭଙ୍ଗାରୁଜା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଥାନାରେ ଏକ ମାମଲା(ନଂ.୨୮/୨୦୧୭) ରୁଜୁ ହୋଇଥିଲା। ସେହିପରି ବିଜେପୁର ଥାନାରେ ଆଜାଦଙ୍କ ନାମରେ ଏକ ମାମଲା(ନଂ.୧/୨୦୧୯) ରହିଛି। ଉକ୍ତ ୨ଟି ମାମଲାର ତଦନ୍ତ କରି ପୋଲିସ ଉପଯୁକ୍ତ ପ୍ରମାଣ ପାଇବା ପରେ ଆଜାଦଙ୍କୁ ଗିରଫ କରାଯାଇଥିବା ଅତିରିକ୍ତ ଏସ୍‌ପି ମହନ୍ତ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀ, ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଏପରି ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ଏକ୍ସଟ୍ରା ଟାଇମିଂ ପାଇଁ
Order Online : 09320475174 07304607257
ଗୁପ୍ତ ରୋଗ ଓ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତ ରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ଢିଲାପଣ, ନପୁଂସକତା ଓ ଅନ୍ୟାନ୍ୟ ପୌରୁଷ ସମସ୍ୟା, ସେଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ୍ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ୍ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
only Effect No Side Effect
Play Win Capsule
Play Win Oil
A Quality Product by Rajnish Wellness Limited
ତେଲ କ୍ୟାପ୍‌ସୁଲ
www.playwincapsule.com
SS : Mahendra Pharma / Orissa Drug Distributors
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୁର୍ତ୍ତି ବଢ଼ାଏ




କଂଗ୍ରେସ ରାଜନୀତି

# ପରିବାର ପିଛା ଗୋଟିଏ ଟିକେଟ: ଜିତେନ୍ଦ୍ର ସିଂ

ଭୁବନେଶ୍ୱର, ୭।୩(ବ୍ୟୁରୋ)

■ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ
■ ଭାଇରାଲ ତାଲିକା ମିଥ୍ୟା

ପରିବାର ପିଛା ଜଣଙ୍କୁ କଂଗ୍ରେସ ଟିକେଟ ମିଳିବ। କଂଗ୍ରେସ ନେତା ନିଜେ ପାଇଥିବା ଟିକେଟ ସେମାନଙ୍କ ପରିବାର ସଦସ୍ୟଙ୍କୁ ଦେଇପାରିବେ। ହେଲେ ନିଜ ସହିତ ସମ୍ପର୍କୀୟ ଟିକେଟ ମାଗି ପାରିବେ ନାହିଁ। ଓଡ଼ିଶା ଗସ୍ତରେ ଥିବା ପିସିସି ପ୍ରଭାରୀ ତଥା ଏଆଇସିସି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ ଗୁରୁବାର ଏହା ସ୍ପଷ୍ଟ କରିଛନ୍ତି। ତେଣୁ ଯେତେ ପ୍ରଭାବଶାଳୀ ପରିବାର ହୁଅନ୍ତୁ ନା କାହିଁକି, ଏକାଧିକ ଟିକେଟ ମାଗି ପାରିବେ ନାହିଁ। ଜିତେନ୍ଦ୍ର ସିଂଙ୍କ ଏହି ନିଷ୍ପତ୍ତି କେତେ କାର୍ଯ୍ୟକାରୀ ହେଉଛି, ତାହା ଟିକେଟ ବଣ୍ଟନ ପରେ ସ୍ପଷ୍ଟ ହୋଇଯିବ।

ଯଦି ଜିତେନ୍ଦ୍ରଙ୍କ କଥା କାର୍ଯ୍ୟକାରୀ କରାଯାଏ ତେବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁତ୍ର ନବଜ୍ୟୋତି ପଟ୍ଟନାୟକ, ଉପସଭାପତି ଅନନ୍ତ ସେଠୀ ଏବଂ ତାଙ୍କ ପୁତ୍ର କୁମାର ଚିରଞ୍ଜୀବ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସ ଏବଂ ତାଙ୍କ ପୁତ୍ର ସାଗର ଦାସ, ପୂର୍ବତନ ସଭାପତି ଜୟଦେବ ଜେନା ଏବଂ ତାଙ୍କ ପୁତ୍ର ସଂଗ୍ରାମ ଜେନାଙ୍କ ମଧ୍ୟରୁ କେବଳ ଜଣଙ୍କୁ ଟିକେଟ ମିଳିବ। ନିଜେ ନିରଞ୍ଜନ ଘସିପୁରା ଏବଂ ଭଣ୍ଡାରୀପୋଖରୀ ବିଧାନସଭା ଆସନ ପାଇଁ ଆଶାୟୀ ଅଛନ୍ତି। ସେହିପରି ତାଙ୍କ ପୁତ୍ର ବାଲେଶ୍ୱର ଲୋକ ସଭା ଆସନ ପାଇଁ ଆଶାୟୀ। ସେହିପରି ଅନନ୍ତ ସେଠୀ, ତାଙ୍କ ପୁତ୍ର କୁମାର ଚୀରଞ୍ଜୀବ ଯଥାକ୍ରମେ ଭଦ୍ରକ ଲୋକ ସଭା ଏବଂ ଧାମନଗର ବିଧାନସଭା ପାଇଁ ଆଶାୟୀ। ଜୟଦେବ ଜେନା ଏବଂ ସଂଗ୍ରାମ ଜେନା ଆନନ୍ଦପୁର ବିଧାନସଭା ପାଇଁ ଆଶାୟୀ। ପୂର୍ବରୁ ସଂଗ୍ରାମ ଭଦ୍ରକ ଲୋକ ସଭାରେ ଲଢ଼ି ସାରିଛନ୍ତି। ତେଣୁ ସ୍ୱାଭାବିକ ଭାବେ ଅନ୍ୟ କେଉଁ ସ୍ଥାନରୁ ତାଙ୍କ ପ୍ରାର୍ଥିତ୍ୱକୁ ଏଡାଇ ଦିଆଯାଇ ନ ପାରେ। ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସ ନିଜର ପାରମ୍ପରିକ ଲୋକ ସଭା ଆସନ କଳାହାଣ୍ଡିରୁ ଏବଂ ପୁତ୍ର ସାଗର ଭବାନୀ ପାଟଣା ବିଧାନସଭାରୁ ଆଶାୟୀ ଅଛନ୍ତି। ତେଣୁ କଂଗ୍ରେସ ପରିବାର ରାଜନୀତିକୁ ହାଇକମାଣ୍ଡ କିଭଳି ସମ୍ଭାଳୁଛନ୍ତି, ତାହା ଦେଖିବାକୁ ବାକି ରହିଲା। ସେହିପରି ବୁଧବାର ବସିଥିବା ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି ବୈଠକ ପରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ସମ୍ଭାବ୍ୟ ପ୍ରାର୍ଥୀ ତାଲିକାକୁ ମିଛ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦଳର ଗଣମାଧ୍ୟମ ପ୍ରମୁଖ ସତ୍ୟ ପ୍ରକାଶ ନାୟକ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ଏହା ସ୍ପଷ୍ଟ କରିଛନ୍ତି। ଗୁରୁବାର ଭାଇରାଲ ହୋଇଥିବା ତାଲିକାରେ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା, ସୁଚରିତା ମହାନ୍ତି, ନିଶିକାନ୍ତ ମିଶ୍ର, ମନୋରଞ୍ଜନ ଦାଶ, ରାଜ କିଶୋର ଦାସ, ସୁଜିତ୍ ମହାପାତ୍ର ଏବଂ ଅରୋ ପ୍ରସାଦ ମିଶ୍ରଙ୍କ ଭଳି କେତେକ ପ୍ରମୁଖ ନାଁ ନ ଥିଲା। ଏନେଇ ବ୍ୟାପକ ପ୍ରତିବାଦ ପ୍ରକାଶ ପାଇଥିଲା। ହେଲେ ଘୂରି ବୁଲୁଥିବା ତାଲିକା ମିଥ୍ୟା ବୋଲି ଆନୁଷ୍ଠାନିକ ଘୋଷଣା ପରେ ଅସନ୍ତୋଷ କିଛି ମାତ୍ରାରେ ହ୍ରାସ ପାଇଛି।

# ଆଜି ଜୟପୁର ଆସିବେ ରାହୁଲ ଗାନ୍ଧୀ

ଜୟପୁର,୭।୩(ନି.ପ୍ର.)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ଶୁକ୍ରବାର କୋରାପୁଟ ଜିଲା ଜୟପୁର ଗସ୍ତରେ ଆସୁଛନ୍ତି। ଜୟପୁର ନିକଟସ୍ଥ ଏକମ୍ବା ପଡ଼ିଆରେ ହେବାକୁ ଥିବା ପରିବର୍ତ୍ତନ ସମାବେଶ ଓ ଆଦିବାସୀ ବିକାଶ କାର୍ଯ୍ୟକ୍ରମରେ ଯୋଗଦେବେ ରାହୁଲ। ଏ ନେଇ ଅବିଭକ୍ତ କୋରାପୁଟ କଂଗ୍ରେସ ମହଲରେ ଉତ୍ସାହ ପ୍ରକାଶ ପାଇଥିବା ବେଳେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ରାଜନୀତି ମଧ୍ୟ ଚଳଚଞ୍ଚଳ ହୋଇଉଠିଛି। ଶୁକ୍ରବାର ମହିଳା ସଶକ୍ତୀକରଣ ଦିବସ ଥିବାବେଳେ ଦିନ ୧୧ଟା ୧୫ରେ ଜୟପୁରରେ ପହଞ୍ଚିବା ପରେ ସେ ପ୍ରଥମେ ଡଙ୍ଗାଗୁଡ଼ାରେ ମହିଳାଙ୍କୁ ଭେଟି ଆଲୋଚନା କରିବେ। ଏହାପରେ ଏକମ୍ବା ପଡ଼ିଆ ଜନସମାବେଶରେ ଯୋଗଦେଇ ଚାଷୀଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ସମାବେଶରେ ରାହୁଲ ଗାନ୍ଧୀଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଯୋଗଦେବେ। ଏଆଇସିସି ସମ୍ପାଦକ ଅନିଲ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏଠାରେ ସମାବେଶ ହେବାକୁ ଥିବାବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସମାବେଶ ପରିଚାଳନା କରିବେ।

## ୨୧ ପ୍ଲାଟୁନ ଫୋର୍ସ ମୁତୟନ

ରାହୁଲଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କୋରାପୁଟ ଏସ୍‌ପିଙ୍କ ସହ ୪ ଜଣ ଏଏସ୍‌ପି, ୧୪ ଜଣ ଡିଏସ୍‌ପି, ୩୦ ଜଣ ଇନ୍ସପେକ୍ଟର, ୩୯ ଜଣ ଏସ୍‌ଆଇ, ୭୦ ଜଣ ଏଏସ୍‌ଆଇ, ୨୫୮ ଜଣ କନଷ୍ଟେବଲ, ୩ ଶହ ହୋମଗାର୍ଡ ସମେତ ୨୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ସମାବେଶରେ ଅବିଭକ୍ତ କୋରାପୁଟ ଜିଲାର ପ୍ରାୟ ଦେଢ଼ଲକ୍ଷ କର୍ମୀ ଓ ଜନତାଙ୍କ ସମାଗମ ହେବ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଗସ୍ତ ପୂର୍ବରୁ ଏସ୍‌ପିଜି ଓ ଜିଲା ପୋଲିସ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛି। ଏସ୍‌ପିଜିର ୩ ଜଣିଆ ଟିମ୍ ସହ ଏସ୍‌ପି କନୱର ବିଶାଲ ସିଂ, ଏଏସ୍‌ପି ଉତ୍ପଳ ରଞ୍ଜନ ଦାସ, ଏସ୍‌ଡିପିଓ ସାଗରିକା ନାଥ, ଜୟପୁର ବିଧାୟକ ବାହିନୀପତି, ଉପଜିଲାପାଳ ଲୋକନାଥ ଦଳବେହେରା ସମାବେଶ ପଡ଼ିଆରେ ଆଲୋଚନା କରିଛନ୍ତି।

ବିଧାୟକ ଦାମ ରାଉତଙ୍କ ଜାତିଆଣ ଆକ୍ଷେପ ମାମଲା

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ ଅଫିସ, ୭।୩-ପାରାଦୀପ ବିଧାୟକ ଦାମ ରାଉତଙ୍କ ବିରୋଧରେ ୨୦୧୦ ମସିହାରେ କୁଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ୨୦୧୦ ଅଗଷ୍ଟ ୧୨ରେ ରାଉତ କୁଜଙ୍ଗରେ ଏକ ସଭାରେ ଜଗତ୍‌ସିଂହପୁର ବିଧାୟକ ବିଷ୍ଣୁ ଦାସ, ତତ୍କାଳୀନ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଉପେନ୍ଦ୍ରନାଥ ମଲ୍ଲିକଙ୍କ ବିରୋଧରେ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଥିଲା। ଗୁରୁବାର ରାଉତଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି।

# କଏଦୀ ଚମ୍ପଟ୍ ଘଟଣାରେ କାରାରକ୍ଷୀ ନିଲମ୍ବିତ

ମାଲକାନଗିରି,୭।୩(ସ୍ୱ.ପ୍ର.)-ମାଲକାନଗିରି ଜିଲା ଉପ କାରାଗାରରୁ ମଙ୍ଗଳବାର ଅଜିତ୍ ଡାକୁଆ ନାମକ ଜଣେ କଏଦୀ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ବୁଧବାର ଉପକାରାଗାରର କାରାରକ୍ଷୀ ବିଶ୍ୱେଶ୍ୱର ମୁର୍ମୁଙ୍କୁ ନିଲମ୍ବିତ କରାଯାଇଛି। ସୂଚନାଯୋଗ୍ୟ ଯେ, କାରାଗାରର ସୁରକ୍ଷା ପାଇଁ ବାହାରେ ପୋଲିସ ମୁତୟନ ହେବା ସହ ୪ଟି ସେଣ୍ଟ୍ରିପଏଣ୍ଟ ରହିଛି। ସେଠାରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ଅଜିତ୍ ଡ୍ରେନ ବାଟ ଦେଇ ବାହାରକୁ ଚାଲିଗଲେ କିପରି କେହି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜେଲ ଭିତରେ ଡ୍ରେନ କାମ କରୁଥିବା ଠିକାଦାରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।


ଯେବେ କଥା ଆସେ...
ଯତ୍ନ ଓ ଚିନ୍ତାର...
ସ୍ନେହ ଓ ସେବାର...
ସାହସ ଓ ଶକ୍ତିର...
ଭରସା ଓ ପ୍ରତିଶ୍ରୁତିର...
ସ୍ୱପ୍ନ ଓ ଦୂରଦୃଷ୍ଟିର....
ହେ ମହିଳାବୃନ୍ଦ ! ଆପଣମାନେ ଆମର ପ୍ରେରଣାର ସ୍ରୋତ !
ମହିଳା ଦିବସର ଶୁଭକାମନା !
Call Centre Services (022) 6827 6827
Download LIC Mobile App "MyLIC"
SMS LICHELP<POLICY NO> and send to 9222492224
Visit www.licindia.in; Follow us : LIC India Forever
LIC
ଭାରତୀୟ ଜୀବନ ବୀମା ନିଗମ
LIFE INSURANCE CORPORATION OF INDIA
LIC/AR/18-19/44/OR
ଭ୍ରମାତ୍ମକ/ଶଠ ଫୋନ୍ କଲ୍ ପ୍ରତି ସାବଧାନ! ଆଇଆରଡିଏଆଇ ପଞ୍ଜୀକରଣ ସଂଖ୍ୟା: 512
ଆଇଆରଡିଏଆଇ ବୀମା ପଲିସି ବିକ୍ରୟ କରିବା, ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମରେ ନିବେଶ କରିବା ଭଳି ଗତିବିଧିରେ ଜଡ଼ିତ ନୁହେଁ। ଏଭଳି ଫୋନ୍ କଲ୍ ପାଇବା ବ୍ୟକ୍ତିଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବାକୁ ଅନୁରୋଧ।
ଜୀବନ ସହିତ ବି, ଜୀବନ ପରେ ବି।

CLASSIFIED DISPLAY

SPOKEN ENGLISH
veta
Experts in spoken English
ଆସନ୍ତୁ ଭଲ ଇଂଲିସ୍ କହିବା
Patia 9337051526
Khandagiri 9338644666
Saheed Nagar 9338154139
Buxi Bazar 9778044550
Balasore 7735033550

ଭାତୁଡ଼ି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4 , IPS - 6, IRS - 5, IRAS -1, INDIAN POSTAL SERVICE - 1, I.Fo.S - 1, I.E.S. - 1
- 750 IN OAS EXAMS. WITH 4 TOPPERS & 3 LADY TOPPERS
SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)
26 Years of Excellence

> ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ। ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। –ଶ୍ରୀମା

# ଅଚଳାବସ୍ଥା ଦୂର କର

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ଭାରତକୁ ଜେନେରାଲାଇଜ୍ଡ ସିଷ୍ଟମ୍ ଅଫ୍ ପ୍ରିଫରେନ୍ସେସ୍ (ଜିଏସ୍‌ପି) ଅଧୀନରେ ବାଣିଜ୍ୟିକ ଆମଦାନି କ୍ଷେତ୍ରରେ ଦେଉଥିବା ବିଶେଷାଧିକାର ହଟାଇ ନେବାକୁ ଧମକ ଦେଇଛନ୍ତି। ଯଦି ସେପରି ହୁଏ, ତେବେ ଭାରତର ରପ୍ତାନି ଉପରେ ବିଶେଷ ପ୍ରଭାବ ପଡ଼ିବନି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ମନ୍ତ୍ରଣାଳୟ କହିଛି ଯେ, ଜିଏସ୍‌ପି ଅଧୀନରେ ଭାରତ ଆମେରିକାକୁ ମୋଟ ୫.୭ ଲକ୍ଷ କୋଟି ଡଲାରର ରପ୍ତାନି କରୁଥିବା ବେଳେ ସେଥିରୁ ମାତ୍ର ୧୯୦ ନିୟୁତ ଡଲାରର ଜିଏସ୍‌ପି ସୁବିଧା ପାଉଛି। କିନ୍ତୁ ଆମେରିକା ଏ ସୁବିଧା ହଟାଇନେଲେ ଭାରତର ରପ୍ତାନି ବାଣିଜ୍ୟ ଉପରେ ଖରାପ ପ୍ରଭାବ ପଡ଼ିବ। ଭାରତର ଖରାପ ସମୟରେ ଆମେରିକା ଏ ନିଷ୍ପତ୍ତି ନେଇଛି। ବିଶେଷତଃ ନିର୍ବାଚନ ସମୟରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ।

ପାକିସ୍ତାନ ସୀମାନ୍ତରେ ଯେଉଁ ଉତ୍ତେଜନା ଲାଗିରହିଛି, ସେଥିଯୋଗୁ ବାହାର ଦେଶ ବିଶେଷତଃ ଆମେରିକା ସହ ଭାରତର ସମ୍ପର୍କ ଉପରେ ସମସ୍ତଙ୍କର ଦୃଷ୍ଟି କେନ୍ଦ୍ରିତ ହୋଇଛି। ମୋଦି ବୈଦେଶିକ ନୀତିକୁ ନେଇ ସଫଳତାର ଡିଣ୍ଡିମ ପିଟୁଥିବା ବେଳେ ଟ୍ରମ୍ପଙ୍କର ଏହି ନିଷ୍ପତ୍ତି ତା' ଉପରେ କୁଠାରାଘାତ କରୁଛି। ପାକିସ୍ତାନ ଉପରେ ଫେବୃୟାରୀ ୨୬ର ସର୍ଜିକାଲ ଷ୍ଟ୍ରାଇକ୍ ପରେ ବିଦେଶୀ ରାଷ୍ଟ୍ର, ବିଶେଷତଃ ପାକିସ୍ତାନର ପାରମ୍ପରିକ ବନ୍ଧୁରାଷ୍ଟ୍ର ଆମେରିକା ଓ ସୌଦି ଆରବର ସମର୍ଥନ ହାସଲ କରି ଭାରତ କୂଟନୈତିକ ବିଜୟର ଧ୍ୱଜା ଉଡ଼ାଉଛି।

ସମ୍ପ୍ରତି ଆମେରିକା ଓ ଭାରତର ବାଣିଜ୍ୟିକ ସମ୍ପର୍କରେ ଭଙ୍ଗା ପଡ଼ିବା ଦେଖାଯାଉଛି। ଡୋନାଲ୍ଡ ଟ୍ରମ୍ପ ତାଙ୍କର ନେଣଦେଣ-ସମ୍ବନ୍ଧୀ ଓ ଚପଳ ପ୍ରକୃତି ପାଇଁ ସଦା ଚର୍ଚ୍ଚିତ। ଆମେରିକା ସହ ଭାରତର ୨୨ ଲକ୍ଷ କୋଟି ଡଲାରର ଉଦ୍‌ବୃତ୍ତ ବାଣିଜ୍ୟ (ଟ୍ରେଡ୍ ସରପ୍ଲସ୍) ଟ୍ରମ୍ପଙ୍କ ଦେହରେ ଗଲା ନାହିଁ। ଏବେ ଆମେରିକା ସରକାର ଭାରତକୁ ବାଣିଜ୍ୟରେ ଦେଉଥିବା ଅଗ୍ରାଧିକାର ବା ଅନୁଗୃହୀତ ରାଷ୍ଟ୍ର ମାନ୍ୟତା ଫେରାଇ ନେବା ପାଇଁ ଯେଉଁ ନିଷ୍ପତ୍ତି ନେଇଛି, ତାହା ଦୁଇଦେଶ ମଧ୍ୟରେ ବର୍ଷବ୍ୟାପୀ ଚାଲିଥିବା କଥାବାର୍ତ୍ତାରେ ବିଫଳତାର ସୂଚନା ଦିଏ। ଗତବର୍ଷ ଭାରତରୁ ଷ୍ଟିଲ ଓ ଆଲୁମିନିୟମ୍ ଆମଦାନି ଉପରେ ଶୁଳ୍କ ବୃଦ୍ଧି କରିବାକୁ ଓ ଭାରତକୁ ଦେଉଥିବା ଜିଏସ୍‌ପି ସୁବିଧା ଉପରେ ପୁନର୍ବିଚାର କରିବାକୁ ଆମେରିକା ନିଷ୍ପତ୍ତି ନେବା ପରେ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧିପାଇଥିଲା। ଆମେରିକାର ଉପରୋକ୍ତ ଘୋଷଣା ପରେ ଭାରତ ମଧ୍ୟ ଆମେରିକାରୁ ଆମଦାନି ହେଉଥିବା କେତେକ ଦ୍ରବ୍ୟ ଉପରେ ଶୁଳ୍କ ବୃଦ୍ଧିକରିବା ପାଇଁ ପାଲଟା ନିଷ୍ପତ୍ତି ନେବାକୁ ଘୋଷଣା କରିଥିବା ବେଳେ କେଉଁ କେଉଁ ଜିନିଷ ଉପରେ ଏହି ବର୍ଦ୍ଧିତ ଶୁଳ୍କ ଲାଗୁ କରାଯିବ, ତାହାର ଏକ ତାଲିକା ପ୍ରକାଶ କରିଛି। ଏହି ଅଚଳାବସ୍ଥା ଦୂରକରିବା ପାଇଁ ଦୁଇଦେଶ ମଧ୍ୟରେ କଥାବାର୍ତ୍ତା ଜାରି ରହିଥିଲେ ମଧ୍ୟ ସେଥିରୁ କିଛି ସୁଫଳ ମିଳିନାହିଁ। ଏଫ୍‌ଡିଆଇ ଓ ଇ-କମର୍ସ ଉପରେ ମୋଦି ସରକାରଙ୍କ ସାମ୍ପ୍ରତିକ ନିଷ୍ପତ୍ତି ଟ୍ରମ୍ପ ପ୍ରଶାସନକୁ ଭଲ ଲାଗି ନାହିଁ। ଆମେରିକୀୟ ମେଡିକାଲ ଓ ଡାଇରି ଶିଳ୍ପର ଅଭିଯୋଗ ଟ୍ରମ୍ପ ପ୍ରଶାସନକୁ ଜିଏସ୍‌ପି ପ୍ରତ୍ୟାହାର ଲାଗି ଅନୁପ୍ରେରିତ କରିଥାଇପାରେ।

## ଆଜିର ଅର୍ଥନୀତି

ଇରାନ ଓ ଭେନିଜୁଏଲାରୁ ଉଲ୍ଲେଖନୀୟ ତୈଳ ଆମଦାନି ହ୍ରାସ କରିବା ଲାଗି ଭାରତ ଉପରେ ଚାପ ପକାଇବାକୁ ଆମେରିକାର ଏହା ଏକ ରଣକୌଶଳ ହୋଇଥାଇପାରେ। ଆମେରିକାର ଏହି ନିଷ୍ପତ୍ତି ଭାରତରେ ଆମେରିକା-ବିରୋଧୀ ମନୋଭାବ ବୃଦ୍ଧି କରିବା ସହ ଏହା ବିରୋଧୀମାନଙ୍କୁ ସମାଲୋଚନାର ଖୋରାକ ଯୋଗାଇପାରେ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଆମେରିକାର ଚାପକୁ ମୁକାବିଲା କରିବା ପାଇଁ ସରକାରଙ୍କ ପାଖରେ ଯଥେଷ୍ଟ ସମୟ ଓ ସୁଯୋଗ ନାହିଁ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ନିଷ୍ପତ୍ତି ଭାରତରେ ନିର୍ବାଚନ ପ୍ରଚାରରେ ମଧ୍ୟ ପ୍ରଭାବ ପକାଇପାରେ। ଅନ୍ତର୍ଜାତୀୟ ବଜାରରେ ଭାରତର ରପ୍ତାନି ଉତ୍ସାହଜନକ ନୁହେଁ। ମୋଟ ବିଶ୍ୱ ବାଣିଜ୍ୟରେ ଏହା ପ୍ରାୟ ୧.୭ ପ୍ରତିଶତରେ ଅଟକି ରହିଛି। ଭାରତୀୟ ଦ୍ରବ୍ୟ ଓ ସେବାଗୁଡ଼ିକ ବିଶ୍ୱ ବଜାରରେ ପ୍ରତିଯୋଗିତାକ୍ଷମ ହୋଇପାରୁ ନ ଥିବା ମଧ୍ୟ ରପ୍ତାନି ହ୍ରାସର ଅନ୍ୟତମ କାରଣ। ଅଧିକାଂଶ ରପ୍ତାନି-ଭିତ୍ତିକ ଶିଳ୍ପ ଶ୍ରମ-ପ୍ରଧାନ। ଭାରତ ବେକାରି ସମସ୍ୟାରେ ଜର୍ଜରିତ ହେଉଥିବା ବେଳେ ଆମେରିକା ଜିଏସ୍‌ପି ପ୍ରତ୍ୟାହାର କରିନେଲେ ତାହା ଏହି ସମସ୍ୟାକୁ ଆହୁରି ବଢ଼ାଇବାରେ ସାହାଯ୍ୟ କରିବ। ଭାରତୀୟ ଅର୍ଥନୀତିର ସମୀକ୍ଷା କରୁଥିବା ସଂସ୍ଥା ସିଏମ୍‌ଆଇଇର ରିପୋର୍ଟ ଅନୁସାରେ ଫେବୃୟାରୀ ୨୦୧୮ ସୁଦ୍ଧା ଭାରତରେ ନିଯୁକ୍ତିହୀନତା ୬ ପ୍ରତିଶତ ଥିବା ବେଳେ ୨୦୧୯ ଫେବୃୟାରୀ ସୁଦ୍ଧା ତାହା ବୃଦ୍ଧି ପାଇ ୭.୨୩ ପ୍ରତିଶତରେ ପହଞ୍ଚିଛି। ଭାରତ ଆତ୍ମସନ୍ତୁଷ୍ଟ ହେବା ଉଚିତ ନୁହେଁ। ଏହା ଆମେରିକା ସହ କଥାବର୍ତ୍ତା କରି ୬୦-ଦିନିଆ ୱିଣ୍ଡୋ ବନ୍ଦ ହେବା ପୂର୍ବରୁ ବାଣିଜ୍ୟିକ ଅଚଳାବସ୍ଥା ଦୂରକରିବା ଆବଶ୍ୟକ। ଆମେରିକା ମଧ୍ୟ ଏହାର ବାଣିଜ୍ୟିକ କାରବାରରେ ବାସ୍ତବଧର୍ମୀ ହେବା ଉଚିତ। ଏହା ପୃଥିବୀର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ଚାଇନା ସହ ଅର୍ଥନୈତିକ ସମ୍ପର୍କ ଖରାପ କରିସାରିଛି। ଦ୍ୱିତୀୟ ବୃହତ୍ତମ ଜନସଂଖ୍ୟାର ଦେଶ ଭାରତ ସହ ବାଣିଜ୍ୟିକ ସମ୍ପର୍କ ଖରାପ ହେଲେ ଏହାର କୌଣସି ପ୍ରକାର ବାଣିଜ୍ୟିକ ସ୍ୱାର୍ଥ ହାସଲ ହେବନାହିଁ। ଉଭୟ ଭାରତ ଓ ଆମେରିକା ଏହି ଅଚଳାବାସ୍ଥା ଦୂରକରିବା ଲାଗି ଆଲୋଚନା ମାଧ୍ୟମରେ ଚେଷ୍ଟାକରିବା ଆବଶ୍ୟକ।

# ଆଇନ ଘଣାରେ ଆଦିବାସୀଙ୍କ ଜଙ୍ଗଲ ଅଧିକାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ୧୬ଟି ରାଜ୍ୟର ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ୧୧.୨୭ ଲକ୍ଷ ଆଦିବାସୀ ଓ ପାରମ୍ପରିକ ବନଜୀବୀ ପରିବାରଙ୍କୁ ତୁରନ୍ତ ଜଙ୍ଗଲ ଜମିରୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ନେଇ ଦେଶର ବିଶେଷକରି ଆଦିବାସୀ ଓ ବନବାସୀଙ୍କ ମଧ୍ୟରେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି ହେବା ଦେଖି କେନ୍ଦ୍ର ସରକାର ତୁରନ୍ତ ଏହା ଉପରେ ସ୍ଥଗିତାଦେଶ ପାଇଁ ନିବେଦନ କରିଥିଲେ, ଯାହାକୁ ସୁପ୍ରିମ୍‌କୋର୍ଟ ମଞ୍ଜୁର କରିଛନ୍ତି। ତେବେ ଏହି ସ୍ଥଗିତାଦେଶ ପରେ ଯଦିଓ ସଙ୍ଗେ ସଙ୍ଗେ ଉଚ୍ଛେଦ ଭୟଟି ଦୂର ହୋଇଛି କିନ୍ତୁ ପୂର୍ବର ନିର୍ଦ୍ଦେଶଟି ଏବେ ବି ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲି ରହିଛି। ଜଙ୍ଗଲ ଅଞ୍ଚଳରେ ପୁରୁଷ ପୁରୁଷ ଧରି ବସବାସ କରି ଆସୁଥିବା ଏତେସଂଖ୍ୟକ ଲୋକଙ୍କୁ ବଳପ୍ରୟୋଗ କରି ଉଚ୍ଛେଦ କରିବାକୁ ସରକାରଙ୍କ ଯେକୌଣସି ଉଦ୍ୟମ ସେଠାରେ ଭୟଙ୍କର ହିଂସ୍ର ପ୍ରତିରୋଧ ସୃଷ୍ଟି କରିବା ସହ ସମ୍ପୂର୍ଣ୍ଣ ଜଙ୍ଗଲ ଅଞ୍ଚଳକୁ ଏକ ଯୁଦ୍ଧଭୂମିରେ ପରିଣତ କରିଦେବାର ଆଶଙ୍କା ରହିଛି।

ତେବେ ଜଙ୍ଗଲରୁ ଆଦିବାସୀଙ୍କୁ ବଳପୂର୍ବକ ଉଚ୍ଛେଦ କରିବା ଆଦୌ ନୂଆ ନୁହେଁ। ୨୦୦୨ରେ ସର୍ବୋଚ୍ଚ ନ୍ୟାୟାଳୟ ଟି.ଏନ୍. ଗୋଦାବର୍ମନ ବନାମ ଭାରତ ସରକାର ମାମଲାର ବିଚାର କରି ଦେଶସାରା ଜଙ୍ଗଲରୁ ସବୁ ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କୁ ଉଚ୍ଛେଦ କରିବାକୁ ଅନୁରୂପ ଏକ ନିର୍ଦ୍ଦେଶ ଦେଇଥିଲେ। ଦେଶବ୍ୟାପୀ ଆଦିବାସୀଙ୍କ ଆନ୍ଦୋଳନ ସତ୍ତ୍ୱେ ୨୦୦୨-୦୪ ମଧ୍ୟରେ ବିଭିନ୍ନ ରାଜ୍ୟରେ ତିନି ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀ ଓ ବନଜୀବୀଙ୍କୁ ଜଙ୍ଗଲରୁ ବଳପୂର୍ବକ ଉଚ୍ଛେଦ କରାଯାଇଥିଲା। ଏହି ମାମଲାରେ ତତ୍କାଳୀନ ଭାଜପା ସରକାରର ସନ୍ଦିଗ୍ଧ ଭୂମିକା ପାଇଁ ପରବର୍ତ୍ତୀ ନିର୍ବାଚନରେ ସେମାନଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା। ଭାଜପାର ପରାଜୟ ପରେ ଉପା ସରକାର ସର୍ବୋଚ୍ଚ ନ୍ୟାୟାଳୟର ରାୟକୁ ନିରସ୍ତ କରିବାକୁ ଯଥାଶୀଘ୍ର ଏକ ଆଇନ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଏହି କ୍ରମରେ ହିଁ ଜଙ୍ଗଲ ଅଧିକାର ଆଇନ-୨୦୦୬ ତିଆରି ହୋଇଥିଲା।

ଏହି ଆଇନର ମୁଖବନ୍ଧରେ ବ୍ରିଟିଶ ସରକାର ଏବଂ ପରେ ସ୍ୱାଧୀନ ଭାରତର ସରକାରମାନେ କିପରି ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନଜୀବୀଙ୍କୁ ଜଙ୍ଗଲ ଅଧିକାରରୁ ବଞ୍ଚିତ କରି ଏକ ଐତିହାସିକ ଅନ୍ୟାୟ କରିଛନ୍ତି ତାହା ସ୍ୱୀକାର କରାଯିବା ସହ ଏହି ଆଇନ ସେମାନଙ୍କୁ ଜଙ୍ଗଲ ଉପରେ ଅଧିକାର ଦେବା ସହ ଉପରୋକ୍ତ ଐତିହାସିକ ଅନ୍ୟାୟର ସମାପ୍ତି ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଇଥିଲା। ତେବେ ଦୀର୍ଘବର୍ଷ ପରେ ଆଦିବାସୀଙ୍କୁ ଜଙ୍ଗଲ ଉପରେ ଆଂଶିକ ମାତ୍ର ଅଧିକାର ପ୍ରଦାନ କରୁଥିବା ଏହି ଆଇନକୁ ବି ପ୍ରଥମରୁ ବିରୋଧ ଦେଖାଯାଇଛି। ମୂଳରୁ ହିଁ ଆଦିବାସୀମାନଙ୍କୁ ଜଙ୍ଗଲ ବିରୋଧୀ ବୋଲି ଧରି ନେଇଥିବା ଦେଶର କିଛି ତଥାକଥିତ ପରିବେଶବାଦୀ ଲୋକଙ୍କୁ ଅଧିକାର ଦେଲେ ଜଙ୍ଗଲ ଧ୍ୱଂସ ହେବ ବୋଲି ଅଜବ ଯୁକ୍ତି କରୁଥିବା ବେଳେ ଭବିଷ୍ୟତରେ ଜଙ୍ଗଲ ଜମିକୁ ଖଣିଖନନ ଓ ଶିଳ୍ପ ପାଇଁ ବ୍ୟବହାର କରିବାରେ ପ୍ରତିବନ୍ଧକ ହେବାକୁ ଥିବାରୁ ଦେଶୀ ବିଦେଶୀ କମ୍ପାନୀଙ୍କ କର୍ପୋରେଟ୍ ଲବି ବି ଏଥିରେ ସନ୍ତୁଷ୍ଟ ନୁହନ୍ତି। ବିଶେଷକରି ଜଙ୍ଗଲ ଅଧିକାର ଆଇନର ସଫଳ ପ୍ରୟୋଗ ଫଳରେ ନିୟମଗିରିରେ ବେଦାନ୍ତର ଖଣିଖନନ ବାତିଲ ହେବା ପରେ ଦେଶୀ ବିଦେଶୀ କମ୍ପାନୀମାନେ ଏହି ଆଇନକୁ ସେମାନଙ୍କ ଜଙ୍ଗଲ ଜମି ହାତେଇବା ପଥରେ ପ୍ରତିବନ୍ଧକ ବୋଲି ତାକୁ ଉଚ୍ଛେଦ କରିବାକୁ କିମ୍ବା ଦୁର୍ବଳ କରିଦେବାକୁ ଚାହୁଁଛନ୍ତି। ଏଣୁ ସୁପ୍ରିମ୍‌କୋର୍ଟରେ ଏହି ଆଇନର ଯଥାର୍ଥତା ନେଇ ବିଚାର ଚାଲିଥିବା ବେଳେ କେନ୍ଦ୍ର ସରକାର ଜାଣିଶୁଣି ନିଜର ଓକିଲ ଦେଇ ନାହାନ୍ତି।

ସୁପ୍ରିମ୍‌କୋର୍ଟ ଓଡ଼ିଶାର ୧.୫ଲକ୍ଷ ପରିବାର ସମେତ ୧୬ଟି ରାଜ୍ୟର ୧୧,୨୭,୪୪୬ଟି ପରିବାରକୁ ଜଙ୍ଗଲ ଜମିରୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପ୍ରକୃତ ସଂଖ୍ୟାଟି ଏହାଠାରୁ ଢେର ବେଶି। କାରଣ ଏ ଯାଏ ଗୋଆ, ଗୁଜରାଟ, ହିମାଚଳ ପ୍ରଦେଶ ପରି ରାଜ୍ୟଗୁଡ଼ିକ ସତ୍ୟପାଠ ଜରିଆରେ ନିଜର ପ୍ରକୃତ ତଥ୍ୟ ଜଣାଇ ନ ଥିବା ବେଳେ ଖୋଦ୍ ଆବେଦନକାରୀମାନେ କୋର୍ଟକୁ ଦେଇଥିବା ସତ୍ୟପାଠରେ ମୋଟ ୪୪ ଲକ୍ଷ ଦାବି ମଧ୍ୟରୁ ୨୦.୫ ଲକ୍ଷ ଖାରଜ ହୋଇଥିବାର ତଥ୍ୟ ଦେଇଛନ୍ତି, ଯାହାକି ଉଦ୍‌ବେଗଜନକ ମନେହୁଏ।

ଦାବି ଖାରଜ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିଟି ଅତ୍ୟନ୍ତ ଏକପାଖିଆ ଓ ଜନବିରୋଧୀ। ସରକାରୀ ଅଧିକାରୀମାନେ ଜଙ୍ଗଲ ଓ ଆଦିବାସୀଙ୍କ ସମ୍ପର୍କରେ ନିଜର ପୂର୍ବାଗ୍ରହ କାରଣରୁ ଆବେଦନକାରୀଙ୍କ ପ୍ରକୃତ ପ୍ରାପ୍ୟଠାରୁ କମ୍ ଜମିକୁ ସ୍ୱୀକୃତି ଦେବା ଏବଂ ଅନେକ କ୍ଷେତ୍ରରେ ଦାବିକୁ ମନଇଚ୍ଛା ଖାରଜ କରିଦେବା ଦେଖିବାକୁ ମିଳିଛି। ଏହାବ୍ୟତୀତ ଆଦିବାସୀଙ୍କୁ ଜଙ୍ଗଲ ଅଧିକାର ଦେଲେ ଭବିଷ୍ୟତରେ ସେଠାରେ ଖଣି, ଶିଳ୍ପ କିମ୍ବା ନଦୀବନ୍ଧ ପାଇଁ ଆବଶ୍ୟକ ଜଙ୍ଗଲ ଜମି ମିଳିବାରେ ସମସ୍ୟା ଥିବାରୁ ଉପର ମହଲରୁ ହିଁ କମ୍ ପରିମାଣର ଜମିକୁ ସ୍ୱୀକୃତି ଦେବାକୁ ଅଥବା ଦାବିକୁ ଖାରଜ କରିଦେବାକୁ ଅଣଆନୁଷ୍ଠାନିକ ନିର୍ଦ୍ଦେଶ ରହିଥିବା ଦେଖିବାକୁ ମିଳୁଛି। ଫଳରେ ଆଇନରେ ଦଶ ଏକର ପର୍ଯ୍ୟନ୍ତ ଦଖଲ ଜଙ୍ଗଲ ଜମିକୁ ପଟ୍ଟା ଦେବାର ବ୍ୟବସ୍ଥା ଥିଲେ ବି ବାସ୍ତବ କ୍ଷେତ୍ରରେ ତାକୁ ଦଶ ସେଣ୍ଟ ମିଳିବା ବି ସମ୍ଭବ ହେଉନି।

ଅନ୍ୟପକ୍ଷରେ ଦାବିଟି ଖାରଜ ହେବାର ଅର୍ଥ ନୁହେଁ ଯେ, ତା'ର ଯୋଗ୍ୟତା ବା ଯଥାର୍ଥତା ନାହିଁ। ଜଙ୍ଗଲରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କ ଶିକ୍ଷା ଓ ଆଇନ ସମ୍ପର୍କରେ ସଚେତନତାର ଅଭାବରୁ ଆବେଦନର ପ୍ରକ୍ରିୟାରେ ଭୁଲ ରହିବା ସ୍ୱାଭାବିକ। ଏହା ବ୍ୟତୀତ କର୍ପୋରେଟ୍ ସ୍ୱାର୍ଥରେ ଅନେକ ରାଜ୍ୟ ଲୋକଙ୍କୁ ଅଧିକାରରୁ ବଞ୍ଚିତ କରିବାକୁ ବିଭିନ୍ନ କୌଶଳ ଅବଲମ୍ବନ କରିବା ଦେଖାଯାଇଛି। ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ ପରି ରାଜ୍ୟମାନେ ଅନ୍ୟ ପାରମ୍ପରିକ ବନଜୀବୀଙ୍କ ଆବେଦନକୁ ଖୋଲାଖୋଲି ଭାବେ ଗ୍ରହଣ କରୁ ନ ଥିବା ବେଳେ ଗୁଜରାଟ ପରି ରାଜ୍ୟ ଆବେଦନ ପତ୍ର ସହ ଜମିର ଉପଗ୍ରହ ଫଟୋକୁ ସଂଯୁକ୍ତ କରିବାକୁ ବାଧ୍ୟତାମୂଳକ କରିଛି। ଜଣେ ଗରିବ ଆଦିବାସୀ ପକ୍ଷରେ ଏଭଳି ଏକ ସର୍ତ୍ତ ପୂରଣ କରିବା ଆଦୌ ସମ୍ଭବ ନୁହେଁ ଏବଂ ଏହିଭଳି କାରଣରୁ ହିଁ ଅନେକ ଦାବି ଆବେଦନ ଖାରଜ ହୋଇଯାଉଛି।

ଦେଶର ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୨୦ ଭାଗ ଲୋକଙ୍କ ସ୍ୱାର୍ଥରେ ତିଆରି ଜଙ୍ଗଲ ଅଧିକାର ଆଇନକୁ ଖାରଜ କରିଦେବା ପାଇଁ ହୋଇଥିବା ଆବେଦନ ଉପରେ ବିଚାର ଚାଲିଥିବା ବେଳେ ମୋଦି ସରକାରଙ୍କ ଭୂମିକା ସନ୍ଦେହ ଘେରକୁ ଆସିଯାଇଛି। କାରଣ କୋଟି କୋଟି ଲୋକଙ୍କ ଭିଟାମାଟି ସହିତ ଜଡ଼ିତ ଏହିଭଳି ଏକ ସମ୍ବେଦନଶୀଳ ମାମଲାରେ ଲାଗ୍ ଲାଗ୍ ଚାରିଥର କେନ୍ଦ୍ର ସରକାରଙ୍କ ଓକିଲ ବିଚାରଣା ବେଳେ ଅନୁପସ୍ଥିତ ରହି ନିଜର ପକ୍ଷ ରଖିବାକୁ ଚାହିଁ ନାହାନ୍ତି। ଏପରିକି ଅନ୍ତିମ ରାୟ ପୂର୍ବରୁ ଦେଶର କିଛି ଆଦିବାସୀ ସଙ୍ଗଠନ ମିଳିତ ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ୍ ପରେ ନିଜର ଉଦ୍‌ବେଗ ପ୍ରକାଶ କରି ପରବର୍ତ୍ତୀ ଶୁଣାଣିରେ ଅଦାଲତରେ ଆଦିବାସୀଙ୍କ ଅଧିକାର ଓ ଆଇନ ସପକ୍ଷରେ ନିଜର ତର୍କ ରଖିବାକୁ ନିବେଦନ କରିଥିଲେ ବି ସରକାର ସେପରି କରିନାହାନ୍ତି। ବୋଧହୁଏ ସେପରି କରି ସରକାର ଆଇନକୁ କୋର୍ଟ ଦ୍ୱାରା ଖାରଜ କରିଦେବାକୁ ଅଥବା ତାକୁ ଦୁର୍ବଳ କରିଦେବାକୁ ଚାହିଁଛନ୍ତି। ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କ ଜମି ଲୁଟ୍ ପାଇଁ ଏହାଠାରୁ ବଡ଼ ସୁବିଧା ବା ଆଉ କ'ଣ ହୋଇପାରନ୍ତା ?

ଜଙ୍ଗଲ ଅଧିକାର ଆଇନରେ ଦାବି ଖାରଜ ହୋଇଥିବା ଆବେଦନକାରୀଙ୍କୁ ଉଚ୍ଛେଦ କରିବା ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ବରଂ ଆଇନର ଧାରା ୪(୫)ରେ କୁହାଯାଇଛି ଯେ, କୌଣସି ଅଞ୍ଚଳରେ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଦେବା ପ୍ରକ୍ରିୟା ଚାଲିଥିବା ବେଳେ କାହାରିକୁ ବି ଜଙ୍ଗଲ ଜମିରୁ ଉଚ୍ଛେଦ କରାଯାଇ ପାରିବନି। ଏହାଛଡ଼ା ଦାବି ଖାରଜ ହେଲେ ସମ୍ପୃକ୍ତ ଆବେଦନକାରୀଙ୍କୁ ସରକାର କାହିଁକି ଖାରଜ ହେଲା ବୋଲି ଲିଖିତ ଭାବେ ଜଣାଇବାକୁ ବାଧ୍ୟ, ଯାହାଫଳରେ ସମ୍ପୃକ୍ତ ଆବେଦନକାରୀ ନିଜ ଦାବିର ଖାରଜ ବିରୋଧରେ ଉପର ମଞ୍ଚରେ ଅପିଲ କରିପାରିବେ। ଏତେସବୁ ପରେ ଯାଇ ହିଁ ଭାରତୀୟ ଜଙ୍ଗଲ ଆଇନର ପ୍ରକ୍ରିୟା ମୁତାବକ ସମ୍ପୃକ୍ତ ବ୍ୟକ୍ତିକୁ ଉଚ୍ଛେଦ କରାଯାଇପାରେ। ଏଣୁ ଏସବୁ ପ୍ରକ୍ରିୟା ଅବଲମ୍ବନ ନ କରି ଦେଶର ଏଗାର ଲକ୍ଷ ଆଦିବାସୀ ଓ ପାରମ୍ପରିକ ବନଜୀବୀ ପରିବାରକୁ ବଳପୂର୍ବକ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଅପରିଣାମଦର୍ଶିତା ବୋଲି କୁହାଯାଇପାରେ। ମୋ – ୯୪୩୭୧୬୬୩୯୧

# ନାରୀ ଓ ନାରୀତ୍ୱ



ଡ. ଭାଗ୍ୟଲିପି ମଲ୍ଲ

### ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ

ଆଜି ଦିନଟି ପୃଥିବୀର ନାରୀମାନଙ୍କ ପାଇଁ ସମର୍ପିତ। କୁହାଯାଇଛି- ତୁମେମାନେ ଅବଶ୍ୟ ଶକ୍ତିମୟୀ; ମାତ୍ର ସମାଜ ବ୍ୟବସ୍ଥାର ନାନା କ୍ଷେତ୍ରରେ ତୁମେମାନେ ଆଜି ବି ନିଜ ଭିତରେ ପୁରୁଷ ନିୟନ୍ତ୍ରଣର ତାପକୁ ଅନୁଭବ କରୁଛ। ଏ ତାପରୁ ମୁକ୍ତି ଲୋଡ଼ା।

ଗାନ୍ଧିଜୀ ବି ଠିକ୍ ଏଇକଥା କହୁଥିଲେ। କହୁଥିଲେ ନାରୀ ହିଁ ଶକ୍ତିର ଉତ୍ସ। ପରାଧୀନତାର ବେଡ଼ି ମଧ୍ୟରେ ଆଜୀବନ ବାନ୍ଧି ହୋଇ ବଞ୍ଚିବା ଲାଗି ନାରୀର ଜନ୍ମ ନୁହେଁ। ନିଜ ଭିତରର ସାମର୍ଥ୍ୟକୁ ଆକଳନ କର, ଅନୁଭବ କର। ଏକ ବୃହତ୍ତର ସମାଜର ପରିମଣ୍ଡଳକୁ ବାହାରି ଆସ। ପ୍ରତିବାଦିନୀର ସ୍ୱରରେ ଘୋଷଣା କର, ଆମେ ହିଁ ସକଳ ସାମାଜିକ, ସାଂସ୍କୃତିକ, ବୌଦ୍ଧିକ ପ୍ରକ୍ରିୟାର ସର୍ଜନ ପ୍ରତିଭା ଓ ନିୟନ୍ତ୍ରିକା।

ଏ କଥା ଶୁଣିବା ଲାଗି, କହିବା ଲାଗି ବା ଲେଖିବା ଲାଗି ଭଲ ଲାଗୁଛି। ବହୁ ମହିଳା ମଧ୍ୟ କାଳକାଳ ଧରି ଏହି ବିଚାରକୁ ପ୍ରତିଷ୍ଠା କରିଆସୁଛନ୍ତି। ମାତ୍ର ବାସ୍ତବତଃ ଏହି ପ୍ରତିଷ୍ଠା ସ୍ୱୀକୃତି ପାଇଛି କି? ପୁରୁଷ-ପ୍ରଧାନ ସମାଜ ବ୍ୟବସ୍ଥା ନାରୀକୁ ବ୍ୟକ୍ତିର ସ୍ୱୀକୃତି ଦେଇଛି କି? ତାକୁ ମୁକ୍ତ ବୋଲି ଘୋଷଣା କରିପାରିଛି କି? ଯେଉଁଠି ଘୋଷଣା କରିଛି, ସେଠାରେ ତାହା ନାରୀ-ସନ୍ତୁଷ୍ଟୀକରଣ ଆଳରେ ଶୋଷଣର ଇଚ୍ଛାକୁ ପୂରଣ କରୁନାହିଁ ତ? ଏସବୁ ବିତର୍କର ବିଷୟ।

ଓଡ଼ିଶାର ସମାଜ ବ୍ୟବସ୍ଥାରେ ଏବେ ଶିକ୍ଷା, ସ୍ୱାସ୍ଥ୍ୟ, ବୃତ୍ତି ଆଦି ନାନା କ୍ଷେତ୍ରରେ ନାରୀର ପ୍ରଗତି ସ୍ୱୀକାର୍ଯ୍ୟ। ମାତ୍ର ଏହି ପରିସଂଖ୍ୟାନର ଊର୍ଦ୍ଧ୍ୱରେ ଅନ୍ୟ ଯେଉଁ ପ୍ରସଙ୍ଗ ଆମକୁ ଆହତ କରେ ତାହା ସଂଖ୍ୟା ଆନୁପାତିକତାଭିତ୍ତିରେ ନାରୀଜନ୍ମର ହାର କମି କମି ଯାଉଛି। ବୃତ୍ତିଗତ ଜୀବନରେ ନାରୀ ଯେତେ ଉଚ୍ଚକୁ ଗଲେ ବି, ଘରେ ଜଣେ ବ୍ୟକ୍ତିର ମର୍ଯ୍ୟାଦା ପାଉଛି କି? ନାରୀ ମୁକ୍ତ ଭାବରେ ପୁରୁଷର ନିରଙ୍କୁଶ ଜୀବନଚର୍ଯ୍ୟାକୁ ବିରୋଧ କରିପାରୁଛି କି? ଏସବୁ ପ୍ରଶ୍ନର ଉତ୍ତରରେ ନକରାତ୍ମକତା ସ୍ପଷ୍ଟ। ପରିସଂଖ୍ୟାନ ଅନାବଶ୍ୟକ।

ଏହି ପ୍ରସଙ୍ଗରେ ମହାଭାରତର ସ୍ୱର୍ଗାରୋହଣ ପର୍ବ କଥା ଆଲୋଚନା କରିବା। ସ୍ୱଦେହରେ ସ୍ୱର୍ଗକୁ ଯାତ୍ରା କରୁଛନ୍ତି ଏକ ପରିବାର। ହିମବନ୍ତର ସବାତଳେ ଝୁଣ୍ଟିପଡ଼ିଛନ୍ତି ଦ୍ରୌପଦୀ, ମହାଭାରତର ମହାନାୟିକା। ଏବେ ଶେଷଯାତ୍ରା କରୁଛନ୍ତି ପଞ୍ଚପତିଙ୍କ ସହିତ। ଧୀରେଧୀରେ ତଳକୁ ତଳକୁ ଖସିପଡ଼ୁଛି ତାଙ୍କ ପଞ୍ଚଭୂତର ଶରୀର। ଉପରକୁ ଚାହୁଁଛନ୍ତି, ହାତ ବେଢ଼େଇ ଡାକୁଛନ୍ତି ସ୍ୱାମୀଙ୍କୁ। ଆଶା କରୁଛନ୍ତି, ସ୍ୱାମୀମାନଙ୍କ ହାତର ସାହାରା। ଯୁଧିଷ୍ଠିର କହିଛନ୍ତି- ଦ୍ରୌପଦୀ ପଡ଼ିଯିବା ଉଚିତ। ସେ ହିଁ ମହାଭାରତ ଯୁଦ୍ଧର କାରଣ। ସେ ମାୟା। ସେ ପଞ୍ଚପତିଙ୍କୁ ବରଣ କରିଥିଲେ ସୁଦ୍ଧା ଅର୍ଜୁନଙ୍କ ପ୍ରତି ଥିଲେ ସଦା ଅନୁରକ୍ତ। ସେ ପାପିନୀ। ତେଣୁ ପାପୀ ମଣିଷର ପରିଣତି ସବୁ କାଳରେ ଏହିପରି କରୁଣ। ମାତ୍ର ଭୀମଙ୍କର ଉତ୍ତର ଏଠାରେ ବେଶ୍ ବାସ୍ତବବାଦୀ। ଯେଉଁ ନାରୀ ତା' ଜୀବନର ସକଳ ଶ୍ରମ ଓ ସାଧନା ଆମ ପାଇଁ ସମର୍ପିତ କରିଛି, ଯିଏ ଆମ ଜୀବନର ପ୍ରେରଣାର ଉତ୍ସ, ସେ ମିଛ ହେବ କିପରି? ପାପ ହେବ କିପରି? ଯୁଧିଷ୍ଠିରଙ୍କର ନୀରବ ଉତ୍ତର ଥିଲା ଆଗକୁ, ଉପରକୁ ଉଠିବା। ତେଜସ୍ୱିନୀ ଯାଜ୍ଞସେନୀ ତଳକୁ ଖସି ପଡ଼ିଛନ୍ତି। ଅର୍ଥାତ୍ ସେ ଏ ସମାଜବ୍ୟବସ୍ଥା ପ୍ରତି ପ୍ରତିବାଦିନୀ ହୋଇପାରି ନାହାନ୍ତି; କି ପାଞ୍ଚଜଣ ସ୍ୱାମୀଙ୍କୁ ବିବାହ କରିପାରିବେ ନାହିଁ, ଏ କଥା ବି କହିପାରି ନାହାନ୍ତି।

ମାତ୍ର ଏଭଳି ସମାଜ ବ୍ୟବସ୍ଥାର ଘୋର ପ୍ରତିବାଦ କରିଛନ୍ତି ଆଉ ଜଣେ ନାରୀ। ସେ ଚୁପ୍‌ଚାପ ପୁରୁଷର ଅହଂକାରକୁ ସହି ଯାଇନାହାନ୍ତି। ପ୍ରତିବାଦ କରିଛନ୍ତି। ଖାଲି ପ୍ରତିବାଦ ନୁହେଁ, ଶାସ୍ତି ଦେଇଛନ୍ତି। ପୁରୁଷ-ନିୟନ୍ତ୍ରିତ ସମାଜ ବ୍ୟବସ୍ଥାକୁ ଦୋହଲେଇ ଦେଇଛନ୍ତି। ପ୍ରମାଣ କରି ଦେଇଛନ୍ତି, ନାରୀ ବିନା ପୁରୁଷ କେତେ ଅସହାୟ। ସେ ନାରୀଜଣକ ଲକ୍ଷ୍ମୀ, ମହାଲକ୍ଷ୍ମୀ, ଲୋକଜନନୀ। ତାଙ୍କ ସନ୍ତାନମାନଙ୍କ ଭଲମନ୍ଦ ଦେଖିବା ଲାଗି ଘରୁ ଗୋଡ଼ କାଢ଼ିଥିଲେ। ଶ୍ରୀୟା ଘରେ ପାଦ ପକେଇଥିଲେ। ଏଇ ଥିଲା ତାଙ୍କର ଅପରାଧ। ଏହା ପୁରାଣର କଥା, ମାତ୍ର ବାସ୍ତବ ଜୀବନରେ ଏହାର ସତ୍ୟତା କେତେ?

ଜୀବନର ବାସ୍ତବତା ଅନ୍ୟପ୍ରକାର। ଆମେ ଆଜି ଏକବିଂଶ ଶତାବ୍ଦୀରେ ବଞ୍ଚୁଥିବା ଜଣେ ଜଣେ ମୁକ୍ତିକାମୀ ନାରୀ। ମାତ୍ର ପୁରୁଷର ବା ଅନ୍ୟାନ୍ୟ ପାରିପାର୍ଶ୍ୱିକ ସାମାଜିକ ବ୍ୟବସ୍ଥାର ଆମେ ଏବେ ବି ମୁକ୍ତ ପ୍ରତିବାଦିନୀ କି? ଉତ୍ତର ତଥାପି ନା।

ବିଶ୍ୱସମୁଦାୟର ରାଜନୀତି ପ୍ରସଙ୍ଗରେ ଗତ ଶତାବ୍ଦୀରେ ମହାତ୍ମା ଗାନ୍ଧୀ ଭାରତୀୟ ଚେତନାରେ ନାରୀତ୍ୱର ସର୍ବମାନ୍ୟତାକୁ ଗୁରୁତ୍ୱ ଦେଇଛନ୍ତି। ପରବର୍ତ୍ତୀ କାଳରେ ସମଗ୍ର ବିଶ୍ୱ ତାଙ୍କୁ ସ୍ୱୀକାର କରିଛି। ମୁକ୍ତିକାମୀ ଦୀର୍ଘ ତାଲିକାରେ ଆଜି ଯେଉଁ କିଶୋରୀ ଜଣକ ବୃହତ୍ତର ସମାଜର ଆଖି ଖୋଲି ଦେଇଛନ୍ତି, ସେ ମଲାଲା। ତାଙ୍କ ବ୍ୟକ୍ତିତ୍ୱ ଏକ ଆହ୍ୱାନ। ଜଣେ ଝିଅ, ଯିଏ ଅନୁଶାସନର ପଞ୍ଜୁରି ଭିତରେ ବଞ୍ଚିଛି- ତାକୁ ଏମିତି ପିନ୍ଧିବାକୁ ପଡ଼ିବ, ଏମିତି ଚାଲିବାକୁ ପଡ଼ିବ, ଏମିତି କଥା କହିବାକୁ ପଡ଼ିବ, ଏମିତି ସାମାଜିକ ଓ ଧାର୍ମିକ ବିଧିବିଧାନକୁ ମାନିବାକୁ ପଡ଼ିବ- ନ କରି ପାରିଲେ, ତା' ପାଖରୁ ବଞ୍ଚିବାର ସର୍ବନିମ୍ନ ଅଧିକାର ଫେରେଇ ନିଆଯିବ। ସେ କହିଲା ମୁଁ ବଞ୍ଚିବି, ମୁଁ ବି ମଣିଷ। କୌଣସି କ୍ଷମତା, ଧର୍ମ, ରାଜନୀତି, ସମାଜ ମୋତେ ମୋ' ପାଖରୁ ବିଯୁକ୍ତ କରି ପାରିବ ନାହିଁ। ପ୍ରତିବାଦୀମାନେ ତା' ଚାରି ପାଖରେ ଘେରିଗଲେ, ସେ କିନ୍ତୁ ତା' ପରାଜୟକୁ ମାନି ନେଲା ନାହିଁ।

ପ୍ରତ୍ୟେକ ନାରୀ ଭିତରେ ସେ ସାମର୍ଥ୍ୟ ଅଛି। ସେ ସ୍ୱର ବଞ୍ଚିବ, ବହୁ ଭୂମିକାକୁ ପୁଞ୍ଜିକରି। ମହିଳା ଦିବସ ପାଳନର ଆବଶ୍ୟକତା ସେଇଦିନ ଅର୍ଥବହ ହେବ, ଯେଉଁଦିନ ପୃଥିବୀର କ୍ଷମତା, ଧର୍ମ ଓ ପୌରୁଷ ନିଜ ଭିତରେ ନାରୀତ୍ୱକୁ ଅନୁଭବ କରିବାରେ ସମର୍ଥ ହେବ।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ପରୀକ୍ଷା ଦେବା ପାଇଁ ପ୍ରାୟତଃ କେତେକ ଛାତ୍ରୀଛାତ୍ରଙ୍କ ମନରେ ଆଶଙ୍କା ଥାଏ କାଳେ ଫେଲ୍ ହୋଇଯିବେ କି? ତେଣୁ ପାସ୍ ପାଇଁ କିଏ କେତେ ପ୍ରକାର ଉପାୟ କରିଥାଆନ୍ତି। କିନ୍ତୁ ଏପରି ଏକ ଚମତ୍କାରୀ ପେନ୍‌ର ବିଜ୍ଞାପନ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି, ଯେଉଁଥିରେ ଲେଖିଲେ ପରୀକ୍ଷାରେ ଭଲ କରିହେବ ବୋଲି ଚର୍ଚ୍ଚା ହେଉଛି। ଗୁଜରାଟର ପଞ୍ଚମହଲ୍ ଜିଲାରେ ଥିବା ଶ୍ରୀହନୁମାନ ମନ୍ଦିରରେ ବିକ୍ରି ହେଉଛି ଏପରି ଏକ ଚମତ୍କାରୀ ପେନ୍। ଏଥିରେ ପରୀକ୍ଷାରେ ଲେଖିଲେ ପାସ୍ କରିହେବ ବୋଲି ଏକ ବିଜ୍ଞାପନରେ ଦାବି କରିଛନ୍ତି ବିକ୍ରେତା ଦୁଷ୍ୟନ୍ତ ବାପୁଜୀ। ସେ ନିଜକୁ ପ୍ରଭୁ ହନୁମାନଙ୍କ ସେବକ କହିଛନ୍ତି। ହନୁମାନ-ସରସ୍ୱତୀ ଯଜ୍ଞ ପରେ ପେନ୍‌ରେ ଅଲୌକିକ ଶକ୍ତି ଭରି ରହିଛି। ଏହା ପରୀକ୍ଷାରେ ସଫଳତା ଆଣିଦେବ ବୋଲି ବାପୁଜୀ କହିଛନ୍ତି। ପେନ୍‌ର ମୂଲ୍ୟ ୧୯ଶହ ଟଙ୍କା ରଖାଯାଇଛି। ଏଥିରେ ଲେଖି ପରୀକ୍ଷାରେ ପାସ୍ କରିପାରି ନ ଥିବା ଶିକ୍ଷାର୍ଥୀଙ୍କୁ ପେନ୍‌ର ମୂଲ୍ୟ ଫେରସ୍ତ ଦିଆଯିବ ବୋଲି ବିଜ୍ଞାପନରେ ଦର୍ଶାଯାଇଛି। ସମ୍ପ୍ରତି ପରୀକ୍ଷା ଋତୁ ଚାଲିଥିବାରୁ ଏହି ପେନ୍‌କୁ ନେଇ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଚିରନ୍ତନୀ

ତୁଳିକା ରଞ୍ଜିତ କରି ଧରିବାକୁ ବଢ଼ାଇଲେ କର<br>
ମରୀଚିକା ସମ ସେ ଯେ କ୍ଷଣ ପରେ ହୁଅଇ ଅନ୍ତର<br>
ଛନ୍ଦ ଆଶେ କଣ୍ଟକରି ବସିଲେ ସଜାଇ<br>
ଆସି କ୍ଷଣେ ଯାଏ ସେ ଉଭାଇ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୯୪

- ନେପାଳ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲାଙ୍କ ସରକାର ବିରୋଧରେ ବିରୋଧୀ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ କାଟ ଖାଇଯାଇଛି।
- ସୋମାଲିଆରେ ଏକ ମଧ୍ୟବର୍ତ୍ତିକାଳୀନ ସରକାର ସ୍ଥାପନ ପାଇଁ ଦେଶର ୧୨ଟି ପରସ୍ପର ଯୁଦ୍ଧରତ ଗୋଷ୍ଠୀଙ୍କ ମିଳିତ ଘୋଷଣା।
- ଏୟାର କର୍ପୋରେଶନ ବିଲ୍‌କୁ ପାର୍ଲାମେଣ୍ଟର ଅନୁମୋଦନ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | | | | | | | | B | 8 | 2 | 7 | | |
| | | | | 0 | E | | 8 | | | 9 | | B | A | |
| | E | | | | | 6 | | 2 | | | | C | 5 | |
| | 5 | | | 7 | | | C | | | A | | 8 | | D |
| | | | | | 2 | | E | B | | 3 | 7 | 9 | | |
| | | | 8 | 2 | | | 0 | | | | B | D | 6 | |
| | | | | | C | | | | 7 | | | 0 | | |
| 1 | | | | | | A | | 5 | | 2 | | | 8 | |
| | | | 3 | | 5 | 8 | | | | 6 | | A | | |
| | | C | | E | | | | 7 | | | | | 3 | 4 |
| | | | | | | | | C | 8 | | 9 | 6 | | |
| | | 2 | 0 | | 4 | | | | | | | | | |
| 5 | 8 | | | 1 | 3 | | | A | E | | 0 | | | 7 |
| | A | | | C | | | 7 | 0 | | 4 | 1 | | | 9 |
| 7 | 4 | | | | B | 1 | 5 | 8 | | | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | A | 3 | 2 | 0 | 1 | C | 4 | D | 8 | 9 | B | E | 5 |
| 1 | 3 | 8 | 4 | E | 9 | D | 7 | B | 6 | 5 | 0 | A | C | 2 |
| 4 | 5 | 0 | D | B | 7 | 3 | E | A | 1 | 2 | C | 8 | 9 | 6 |
| B | E | C | 8 | 5 | A | 6 | 2 | 9 | 3 | 4 | 7 | D | 0 | 1 |
| 9 | D | 2 | 6 | 1 | C | 8 | 5 | 0 | A | E | B | 7 | 3 | 4 |
| 5 | C | 3 | A | 8 | B | 2 | 4 | 1 | 9 | 0 | E | 6 | D | 7 |
| 0 | 7 | 4 | 2 | 6 | E | 5 | A | 3 | 8 | 1 | D | C | B | 9 |
| 8 | B | 6 | 1 | C | 5 | 9 | 0 | D | 7 | 3 | 2 | E | 4 | A |
| E | 1 | D | 9 | 3 | 4 | 7 | 6 | 8 | C | B | A | 2 | 5 | 0 |
| A | 2 | 9 | 0 | 7 | D | C | B | E | 5 | 6 | 4 | 3 | 1 | 8 |
| 3 | 0 | 7 | 5 | 4 | 2 | E | 8 | 6 | B | D | 1 | 9 | A | C |
| D | 9 | B | E | A | 6 | 0 | 1 | 2 | 4 | C | 8 | 5 | 7 | 3 |
| 2 | 8 | 1 | 7 | D | 3 | B | 9 | C | 0 | A | 5 | 4 | 6 | E |
| C | A | 5 | B | 0 | 8 | 4 | 3 | 7 | E | 9 | 6 | 1 | 2 | D |
| 6 | 4 | E | C | 9 | 1 | A | D | 5 | 2 | 7 | 3 | 0 | 8 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସୁଧହାର କମାଯାଉ

ମହାଶୟ,

ସେବା ସମବାୟ ସମିତିରୁ ବହୁ କମ୍ ସଂଖ୍ୟକ ନାମମାତ୍ର ଓ କ୍ଷୁଦ୍ରଚାଷୀ ଋଣ ଆଣୁଛନ୍ତି, ପୁଣି ତାହା ସୀମିତ ପରିମାଣରେ। ବଡ଼ ବଡ଼ ଚାଷୀ ଓ ମୁନାଫାଖୋର ଲୋକମାନେ ଅଧିକ ପରିମାଣରେ ଋଣ ଆଣୁଛନ୍ତି। ଆଗରୁ ଲୋକେ ଯେପରି ଋଣ ଆଣୁଥିଲେ ଓ ଶୁଝୁଥିଲେ, ଏବେ ଆଉ ଋଣ ଶୁଝାଯାଉନାହିଁ। ଋଣ ଉପରେ ନୂଆ ଋଣ କରି ରିନୁଆଲ୍ ବା ଆଡ୍‌ଜଷ୍ଟମେଣ୍ଟ କରାଯାଉଛି। କେଉଁଠି ଋଣଗ୍ରହୀତା କେବଳ ସୁଧ ଗଣ୍ଡାଏ ଦେଇ ନବୀକରଣ କରିଦେଉଛି ତ କେଉଁଠି ବର୍ଷକୁ ବର୍ଷ ଅଧିକ ଋଣ ମଞ୍ଜୁର କରାଇ ନବୀକରଣ କରାଯାଉଛି। ଚାଷୀ ବା ଋଣଗ୍ରହୀତାର ସୁଧହାର କମ୍ ପଡୁଛି ସତ ହେଲେ ଋଣ ଶୁଝିବାକୁ ଘରୁ ଟଙ୍କା ଦେବାକୁ ପଡୁନାହିଁ। ସମବାୟ ସମିତିର ସମ୍ପାଦକ ସବୁ ବାଟ ଦେଖାଇ ଦେଉଛନ୍ତି। ବେଶ୍ ଦି ପଇସା ରୋଜଗାର ବି ହେଉଛି। ଋଣ ନବୀକରଣ ହୋଇଥିବାରୁ ଚାଷୀ କର୍ପକଟିଂ ହିସାବରେ କେତେବେଳେ ୭୦%ରୁ ୮୦% ବା ତଦୂର୍ଦ୍ଧ୍ୱ ଋଣଛାଡ଼ ପାଉଛି ତ ପୁଣି କେବେ ୩୦%ରୁ ଅଧିକ ବୀମା ବାବଦରେ କ୍ଷତିପୂରଣ ପାଉଛି। କିନ୍ତୁ ଯେଉଁ ଚାଷୀ ଋଣ ଶୁଝିପାରୁନାହାନ୍ତି ବା ତଥାକଥିତ ଢାଞ୍ଚାରେ ନବୀକରଣ କରିପାରୁନାହାନ୍ତି ସେମାନଙ୍କ ଉପରେ ଚଢ଼ା ସୁଧ ହିସାବ ହେଉଛି। ଯଦି ଡିଫଲ୍ଟ ଋଣ ଉପରେ ସୁଧ ହାର କମାଯାଆନ୍ତା ବା ସୁଧଛାଡ଼ କରାଯାଆନ୍ତା ବହୁଚାଷୀ ଋଣ ପରିଶୋଧ କରିପାରନ୍ତେ।

ରମେଶ ଦତ୍ତ, କଲ୍ୟାଣୀନଗର, ଭଦ୍ରକ

### ବାବାଙ୍କ ପ୍ରତି ନଜର ରହୁ

ଭଣ୍ଡ ବାବାଙ୍କୁ ଖଲାସ କଲା ପରେ ପୁନର୍ବାର ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଅଦାଲତ ଅଭିଯୁକ୍ତମାନଙ୍କ ପ୍ରତି କୌଣସି କଟକଣା ଲାଗୁ କରୁନାହିଁ। ମହିଳାମାନଙ୍କ ପ୍ରତି ବଳାତ୍କାର ଆଦୌ ଗ୍ରହଣୀୟ ନୁହେଁ। ସେମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଉ। ଦୋଷୀ ସାବ୍ୟସ୍ତ ହେବା ପରେ କିପରି ସହଜରେ ମୁକୁଳି ଯାଉଛନ୍ତି ? ସେମାନଙ୍କୁ କଠୋର ଦଣ୍ଡ ଦେବା ଆବଶ୍ୟକ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ୯୩୮ ଏମ୍‌ବିବିଏସ୍ ପଦବୀକୁ ମଞ୍ଜୁରୀ

ଭୁବନେଶ୍ୱର, ୭।୩(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୯୩୮ ଏମ୍‌ବିବିଏସ୍ ଡାକ୍ତର ପଦବୀ ମଞ୍ଜୁରୀକୁ ଗୁରୁବାର ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହି ନିଷ୍ପତ୍ତି ଫଳପ୍ରଦ ହେବ ବୋଲି ସରକାର ଆଶାବାଦୀ। ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଡାକ୍ତରଖାନାଗୁଡ଼ିକରେ ଏହି ନିଯୁକ୍ତି ଦିଆଯିବ। ଏକାଥରକେ ଏତେ ସଂଖ୍ୟକ ନିଯୁକ୍ତି ପ୍ରଥମଥର ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ ଏହି ନିଯୁକ୍ତି ଅନୁମୋଦନ ପରେ ଡାକ୍ତରଙ୍କ ସଂଖ୍ୟା ୫୭୦୭କୁ ବୃଦ୍ଧି ପାଇଛି। ମୋଟ ୬୭୧୯ରୁ ୧୦୧୨ ପଦବୀ ଖାଲି ରହିଛି। ମୋଟ ପଦବୀର ମାତ୍ର ୧୫.୦୬ ପଦବୀ ଖାଲି ରହିଛି। ଗୁରୁବାର ନୂତନ ନିଯୁକ୍ତି ପ୍ରସ୍ତାବ ଅନୁମୋଦନ କ୍ରମେ ଖାଲିଥିବା ପଦବୀ ପ୍ରତିଶତ ୨୯ରୁ ୧୫ ପ୍ରତିଶତକୁ ହ୍ରାସ ପାଇଛି।

### ଆଧାର ସେବା ଲାଗି ଦେବାକୁ ପଡ଼ିବ ୨୦ ଟଙ୍କା

ନୂଆଦିଲ୍ଲୀ,୭।୩: ଇ-କେୱାଇସି ଲାଗି ଆଧାର ଅଥେଣ୍ଟିକେଶନ ସେବା ବ୍ୟବହାର କରୁଥିବା କମ୍ପାନୀ, ବ୍ୟବସାୟିକ ସଂସ୍ଥା ଏଣିକି ସରକାରଙ୍କୁ ୨୦ ଟଙ୍କା ଲେଖାଏ ପ୍ରଦାନ କରିବେ। ଏଥିସହ ପ୍ରତି ଟ୍ରାଞ୍ଜାକଶନ ଅଥେଣ୍ଟିକେଶନ ଲାଗି ୫୦ ପଇସା ଆଦାୟ କରାଯିବ ବୋଲି ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ କରିଛି। ତେବେ ପୋଷ୍ଟ ଅଫିସ ସହ ସମସ୍ତ ସରକାରୀ ସଂସ୍ଥାକୁ ଏଥିରୁ ବାଦ୍ ଦିଆଯାଇଥିବା କୁହାଯାଇଛି। ସୁପ୍ରିମକୋର୍ଟ ରାୟ ପରେ କମ୍ପାନୀମାନେ ପରିଚୟପତ୍ର ଯାଞ୍ଚ ଲାଗି ପାରମ୍ପରିକ ପଦ୍ଧତି ଆପଣାଉଥିବାରୁ ପ୍ରତି ଯାଞ୍ଚରେ ପ୍ରାୟ ୧୫୦ରୁ ୨୦୦ ଟଙ୍କା କ୍ଷତି ସହୁଛନ୍ତି। ତେବେ ଆଧାର ବ୍ୟବହାର ଉଭୟ ଗ୍ରାହକ ଓ କମ୍ପାନୀଙ୍କ ପାଇଁ ସହଜ ହୋଇଥିବାରୁ ସେମାନେ ଇ-କେୱାଇସି ଲାଗି ଆଧାର ବ୍ୟବହାର କରିବାକୁ ଚାହୁଁଛନ୍ତି। ଏ ନେଇ ସେମାନେ ୟୁଆଇଡିଏଆଇକୁ ବାରମ୍ବାର ଅନୁରୋଧ କରିଛନ୍ତି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ସମ୍ପୃକ୍ତ କମ୍ପାନୀମାନେ ଆଧାର ବ୍ୟବହାରର ୧୫ ଦିନ ଭିତରେ ଟଙ୍କା ଦାଖଲ କରିବାକୁ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ୧୫ ଦିନ ପରେ ଟଙ୍କା ଦାଖଲରେ ବିଳମ୍ବ ହେଲେ ମାସକୁ ୧.୫% ସୁଧ ଆଦାୟ କରାଯିବ ଏବଂ ସମ୍ପୃକ୍ତ କମ୍ପାନୀକୁ ଆଧାର ବ୍ୟବହାର ଲାଗି ଅନୁମତି ଦିଆଯିବ ନାହିଁ। ସୂଚନାଥାଉ କି, କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ବଳରେ ବ୍ୟାଙ୍କ, କମ୍ପାନୀଙ୍କ ପାଇଁ ଆଧାର ବ୍ୟବହାରକୁ ଅନୁମତି ପ୍ରଦାନ କରିଛନ୍ତି।

# ହାତ ଛାଡ଼ିଲେ ୨ ଦୁର୍ଦ୍ଧାନ୍ତ ମହିଳା ମାଓବାଦୀ

କୋରାପୁଟ,୭।୩(ସ୍ୱ.ପ୍ର.)



■ ପୋଲିସ ଡିଜିଙ୍କ ଗସ୍ତ ସମୟରେ ଆତ୍ମସମର୍ପଣ

■ ଉଭୟଙ୍କ ନାଁରେ ଥିଲା ୬ ଲକ୍ଷର ପୁରସ୍କାର

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ରପ୍ରସାଦ ଶର୍ମାଙ୍କ ଗୁରୁବାର କୋରାପୁଟ ଗସ୍ତ ସମୟରେ ଏସ୍‌ପି କନ୍‌ୱର ବିଶାଲ ସିଂଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ୨ ଜଣ ସଶସ୍ତ୍ର ମହିଳା ମାଓବାଦୀ। ସେମାନେ ହେଲେ ସୁକାନ୍ତି ମାଢ଼ି ଓରଫ ପେଣ୍ଟି (୩୬) ଓ କୌଶଲ୍ୟା ଖିଲ ଓରଫ ସଙ୍ଗୀତା (୨୦)। ସୁକାନ୍ତିଙ୍କ ନାଁରେ ୪ ଲକ୍ଷ ଓ ସଙ୍ଗୀତାଙ୍କ ନାଁରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ରାଜ୍ୟ ସରକାର। ସୁକାନ୍ତି ଗୁମ୍ମା ଏରିଆ କମିଟିର ସଦସ୍ୟ ଥିବାବେଳେ ସଙ୍ଗୀତା ମାଓବାଦୀଙ୍କ ଗଣନାଟ୍ୟ ସଂଘର କମାଣ୍ଡର ଥିଲେ। ଉଭୟଙ୍କ ଘର ମାଲକାନଗିରିରେ ଜିଲାରେ। ସୁକାନ୍ତି ଏମ୍‌ଭି-୭୯ ଥାନା ନାଲାଗୁଣ୍ଡି ଗ୍ରାମର ବାସିନ୍ଦା। ୨୦୦୩ରେ ସେ ମାଓବାଦୀଙ୍କ କାଲିମେଲା ଦଲମ୍‌ରେ ସାମିଲ ହେବା ପରେ ୨୦୦୯ରେ ପଡ଼ିଆ ଦଲମ୍‌ରେ କାର୍ଯ୍ୟ କରିଥିଲେ। ୨୦୧୧ରୁ ସେ ଏମ୍‌କେଭିବି ଡିଭିଜନ ଅଧୀନରେ ରହି ପେଦାବାଇଲୁ ବିଚ୍ଛିନ୍ନାଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପରେ ସକ୍ରିୟ ଥିଲେ। ମାଲକାନଗିରି ଅଞ୍ଚଳରେ ବିଭିନ୍ନ ହତ୍ୟାକାଣ୍ଡ, ଲ୍ୟାଣ୍ଡମାଇନ ବିସ୍ଫୋରଣ, ପୋଲିସ ସହ ଗୁଳି ବିନିମୟ, ଇଭିଏମ୍ ବକ୍ସ ଲୁଟ୍ ଭଳି ୨୧ଟି ମାମଲାରେ ତାଙ୍କର ସମ୍ପୃକ୍ତି ରହିଛି। ଅନ୍ୟପକ୍ଷରେ ସଙ୍ଗୀତା ଚିତ୍ରକୋଣ୍ଡା ଥାନା ଯନ୍ତ୍ରୀ ପଞ୍ଚାୟତ ଧାକଡ଼ପଦର ଗ୍ରାମର ବାସିନ୍ଦା। ୨୦୧୬ରେ ସେ ସିପିଆଇ ମାଓବାଦୀ ଦଳରେ ଯୋଗଦେଇ ଗୁମ୍ମା ଏରିଆ କମିଟିରେ କାର୍ଯ୍ୟ କରିଆସୁଥିଲେ। କମିଟିର ଗଣନାଟ୍ୟ ସଂଘର ସେ କମାଣ୍ଡର ଥିଲେ। ମାଲକାନଗିରି ଜିଲା ରାମାଗୁଡ଼ା ଜଙ୍ଗଲ, ଟିକରପଦା, ପାନପଦରରେ ଗୁଳି ବିନିମୟ, ମୁଦୁଲିପଡ଼ାରେ ଜେସିବି ଓ ପ୍ରୋକ୍ଲେନ ମେଶିନ୍ ପୋଡ଼ି, ଆର୍ଲିଙ୍ଗପଡ଼ାର ଶୁକ୍ରା ମୁଦୁଲିଙ୍କୁ ହତ୍ୟା ଭଳି ୬ଟି ମାମଲାରେ ତାଙ୍କର ସମ୍ପୃକ୍ତି ରହିଛି। ଡିଜି ଶର୍ମା ଆତ୍ମସମର୍ପଣ କରିଥିବା ଦୁଇ ମହିଳା କ୍ୟାଡର ମାଓବାଦୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆତ୍ମସମର୍ପଣକାରୀଙ୍କ ଥଇଥାନ ଯୋଜନାରେ ଯାହା ସୁବିଧା ସୁଯୋଗ ରହିଛି, ତାହା ପ୍ରଦାନ କରାଯିବ ବୋଲି କହିଛନ୍ତି।

■ ଉଚ୍ଚଶିକ୍ଷା ବିଭାଗର ଅଭିନବ ପ୍ରୟାସ

# ସ୍ମାର୍ଟ କ୍ଲାସ୍, ଆଇଏଏସ୍ କୋଚିଂ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର,୭।୩(ବ୍ୟୁରୋ)

## ଏକକ ଆଦର୍ଶ ପାଠ୍ୟକ୍ରମ ଉନ୍ମୋଚିତ




କାର୍ଯ୍ୟକ୍ରମରେ ଏକକ ଆଦର୍ଶ ପାଠ୍ୟକ୍ରମକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

ଉଚ୍ଚଶିକ୍ଷା କ୍ଷେତ୍ରରେ ସାର୍ବଜନୀନ ସୁଯୋଗ ସୃଷ୍ଟି ଏବଂ ଗୁଣାତ୍ମକ ଶିକ୍ଷାରେ ଉଚ୍ଚତର ସଫଳତା ଅର୍ଜନ ଲାଗି ଉଚ୍ଚଶିକ୍ଷା ବିଭାଗ ସହିତ ଟିସିଆଇଏଲ୍ ଓ ଧ୍ୟେୟ ଏଜୁକେଶନାଲ୍ ସର୍ଭିସ ମଧ୍ୟରେ ୨ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏ ନେଇ ଗୁରୁବାର ସୂଚନା ଭବନର ଗୀତଗୋବିନ୍ଦ ସଦନଠାରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଏଥିସହିତ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ଏକକ ଆଦର୍ଶ ପାଠ୍ୟକ୍ରମକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଉନ୍ମୋଚନ କରିଛନ୍ତି।

ଅନ୍ତର୍ଜାତୀୟମାନକ ପାଠ୍ୟକ୍ରମକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସ୍ନାତକ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହି ଆଦର୍ଶ ଏକକ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି ପାଠ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ଓଡ଼ିଶାର ଛାତ୍ରୀଛାତ୍ରମାନେ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଧିକ ସଫଳତା ହାସଲ କରିପାରିବେ। ସାମ୍ପ୍ରତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବଶ୍ୟକ ବିଷୟବସ୍ତୁ ସମୂହକୁ ଏହି ପାଠ୍ୟକ୍ରମରେ ସାମିଲ କରାଯାଇଛି। ୫୧ଟି ସରକାରୀ କଲେଜ ଓ ୫୦ଟି ସରକାରୀ ଅନୁଦାନପ୍ରାପ୍ତ ଘରୋଇ ମହାବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍ ରୁମ୍ ଏବଂ ଭର୍ଚୁଆଲ୍ କ୍ଲାସ୍ ରୁମ୍ ପ୍ରତିଷ୍ଠା କରାଯିବ। ସେଠାରେ ଶିକ୍ଷାଦାନ ନିମନ୍ତେ ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟର ଟିସିଆଇଏଲ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ରାଜୀବ ସାହାଣୀଙ୍କ ସହିତ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ବିଷ୍ଣୁପଦ ସେଠୀ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ପ୍ରତ୍ୟେକ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଡେସ୍କ ଟପ୍, ପ୍ରୋଜେକ୍ଟର, ଇଣ୍ଟରଆକ୍ଟିଭ୍ ହ୍ୱାଇଟ୍ ବୋର୍ଡ, ୱେୟାରଲେସ୍, ମାଇକ୍ରୋଫୋନ ଓ କ୍ୟାମେରା ଆଦି ଲଗାଯିବ। ଏହାଦ୍ୱାରା ଛାତ୍ରୀଛାତ୍ର ଦୃଶ୍ୟଶ୍ରାବ୍ୟ ଶିକ୍ଷାଦାନ ପ୍ରଣାଳୀ ତଥା ପରୀକ୍ଷାଧର୍ମୀ ଶିକ୍ଷାଗ୍ରହଣ କୌଶଳ ମାଧ୍ୟମରେ ଅତ୍ୟାଧୁନିକ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ।

ସେହିପରି ଧ୍ୟେୟ ଏଜୁକେଶନାଲ୍ ସର୍ଭିସ ପକ୍ଷରୁ ନିର୍ଦ୍ଦେଶକ କମ୍‌ରୁଲ୍ ହକ୍ ଖାନ୍ ଉଚ୍ଚଶିକ୍ଷା ବିଭାଗ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସଫଳତାର ହାର ବୃଦ୍ଧି କରିବା ପାଇଁ ଉଚ୍ଚକୋଟୀର ଗୁଣାତ୍ମକ ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି ନିମନ୍ତେ କୋଚିଂ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଣିକି ଓଡ଼ିଶାର ପିଲାମାନେ ରାଜ୍ୟ ବାହାରକୁ ନ ଯାଇ ଭୁବନେଶ୍ୱରରେ ଆଇଏଏସ୍ କୋଚିଂ ଗ୍ରହଣ କରିବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଡ. ପାର୍ଥସାରଥି ମିଶ୍ର, ଅତିରିକ୍ତ ଶାସନ ସଚିବ କୃପାସିନ୍ଧୁ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଓଡ଼ିଶା ରାଜ୍ୟ ଉଚ୍ଚତର ଶିକ୍ଷା ପରିଷଦ ଉପାଧ୍ୟକ୍ଷ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ଗ୍ରାଣ୍ଟ ସ୍କୁଲ, କଲେଜ କର୍ମଚାରୀଙ୍କୁ ନୂଆ ଦରମା

ଭୁବନେଶ୍ୱର, ୭।୩(ବ୍ୟୁରୋ)

■ ସତ୍ୟପାଠ ଦାଖଲ ନିୟମ ଉଠିଲା

■ ନୂଆ ଦରମା ତୁରନ୍ତ ଦେବାକୁ ନିର୍ଦ୍ଦେଶ

■ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ବେଖାତିର

■ ପୁଣି ଆନ୍ଦୋଳନ କରିବାକୁ ମିଳିତ ମଞ୍ଚର ଧମକ

ଶତପ୍ରତିଶତ ବ୍ଲକଗ୍ରାଣ୍ଟ ପାଉଥିବା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀଙ୍କୁ ନୂତନ ଅନୁଦାନ ଦେବା ପୂର୍ବରୁ ସତ୍ୟପାଠ/ହାତଲେଖା ଦେବା ପାଇଁ ଥିବା କଟକଣାକୁ ସରକାର ଉଠାଇ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ନିର୍ଦ୍ଦେଶନାମାକୁ ହଟାଇ ଦିଆଯାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନୂଆ ଗ୍ରାଣ୍ଟ ଇନ ଏଡ୍ ଅର୍ଡର-୨୦୦୮, ୨୦୦୯ ଏବଂ ୨୦୧୪ ଅନୁଯାୟୀ ଯୋଗ୍ୟ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସେମାନଙ୍କର ବକେୟା ଦରମା ସହ ନୂଆ ଦରମା ଦେବାକୁ ଉଚ୍ଚଶିକ୍ଷା ବିଭାଗ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ବିଜ୍ଞପ୍ତିରେ କୁହାଯାଇଛି ଯେ ସତ୍ୟପାଠ/ହାତଲେଖା ଦାଖଲ କରିବା ବ୍ୟବସ୍ଥା ଉଚ୍ଛେଦ କରାଯାଇଥିବାରୁ ୨୦୧୮ ଜାନୁୟାରୀ ପହିଲାରୁ ଏ ପର୍ଯ୍ୟନ୍ତ ସମସ୍ତ ବକେୟା ସହ ନୂତନ ହାରରେ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଦରମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବ୍ୟକ୍ତିଗତ ଅନୁମୋଦନର ଆବଶ୍ୟକତା ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏଥିସହିତ ଏହି ନିର୍ଦ୍ଦେଶନାମା ଉପରେ କି ପଦକ୍ଷେପ ନିଆଯାଇଛି ସେ ନେଇ ଆସନ୍ତା ମାର୍ଚ୍ଚ ୩୦ ସୁଦ୍ଧା ବିଭାଗକୁ ରିପୋର୍ଟ ଦେବାକୁ କୁହାଯାଇଛି। ଏହି ନିର୍ଦ୍ଦେଶନାମା ସତ୍ତ୍ୱେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କ ଦରମା ଓ ବକେୟା ବିଳମ୍ବ କରିବାକୁ ନୂଆ ଫନ୍ଦି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଦଳିମକଚି ନିଜର ମନ୍ଦ ଉଦ୍ଦେଶ୍ୟ ହାସଲ କରିବା ସକାଶେ ବିଭାଗୀୟ ଅଧିକାରୀମାନେ ସ୍କୁଲ ଓ କଲେଜ ଶିକ୍ଷକମାନଙ୍କୁ ଦରମା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ବ୍ୟକ୍ତିଗତ ଅନୁମୋଦନ ଆଳ ଦେଖାଇ ସ୍କୁଲ ଓ କଲେଜ କର୍ମଚାରୀଙ୍କ ଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଛି। ନିର୍ଦ୍ଦେଶାଳୟର କେତେକ ତଳିଆ କର୍ମଚାରୀ ଭେରିଫିକେଶନ ବାହାନାରେ ଶିକ୍ଷକ ଓ କର୍ମଚାରୀମାନଙ୍କୁ ହରିଲୁଟ କରିଚାଲିଛନ୍ତି। ଏ ନେଇ ନିର୍ଦ୍ଦେଶାଳୟର ଅଧିକାରୀମାନେ କହିଛନ୍ତି ଯେ, କିଏ ଲାଞ୍ଚ ନେଉଛନ୍ତି ଆମକୁ କୁହନ୍ତୁ। ଆମେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ରାଜ୍ୟ ସରକାର ସବୁ ବର୍ଗର କର୍ମଚାରୀଙ୍କୁ ଖୁସି କରିବାକୁ ଉଦ୍ୟମ କରୁଥିବା ବେଳେ ଉଚ୍ଚଶିକ୍ଷା ବିଭାଗର କେତେକ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ସରକାରଙ୍କୁ ବଦନାମ ହେବାକୁ ପଡୁଛି। ତୁରନ୍ତ ନୂଆ ଦରମା ବକେୟା ସହ ପ୍ରଦାନ ନ କଲେ ଶିକ୍ଷକ ଓ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆବାହକ ଗୋଲକ ନାୟକ ଚେତାବନୀ ଦେଇଛନ୍ତି।

# ୪ ସହରକୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୧୯ ପୁରସ୍କାର

ଭୁବନେଶ୍ୱର, ୭।୩(ବ୍ୟୁରୋ)

ସହରାଞ୍ଚଳକୁ ସଫା ସୁତରା ରଖିବା ସହ ଉତ୍ତମ ପୌର ସେବା ଯୋଗାଇ ଦେବା ଲାଗି ପ୍ରଥମ ଥର ସକାଶେ ଓଡିଶାର ୪ଟି ସହରାଞ୍ଚଳକୁ ସ୍ୱଚ୍ଛ ସର୍ବେକ୍ଷଣ -୨୦୧୯ ପୁରସ୍କାର ପ୍ରଦାନ କରାଯାଇଛି। ସେହି ସହରାଞ୍ଚଳଗୁଡ଼ିକ ହେଲା ପାରାଦୀପ, ଯାଜପୁର, କରଞ୍ଜିଆ ଏବଂ ତରଭା। କେନ୍ଦ୍ର ସହରୀ ଆବାସ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀ ଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଗୃହନିର୍ମାଣ ଓ ନଗର ବ୍ୟାପାର ମନ୍ତ୍ରୀ ହରଦୀପ ସିଂପୁରୀ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ସହରରେ ରହୁଥିବା ଲୋକମାନଙ୍କୁ ଅତ୍ୟାଧୁନିକ ପୌର ସୁବିଧା ଯୋଗାଇ ଦେବାକୁ ବଦ୍ଧପରିକର। ଏ ଦିଗରେ ଅନେକ ପଦକ୍ଷେପ ନିଆଯାଇଛି। ଏଥିଯୋଗୁ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପାଇବାରେ କେତେକ ସହରାଞ୍ଚଳ ସମର୍ଥ ହୋଇଛନ୍ତି ବୋଲି ସଂଗ୍ରାମଜିତ କହିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶର ୪୨୩୭ଟି ସହରରେ ସ୍ୱଚ୍ଛ ସର୍ବେକ୍ଷଣ କରାଯାଇଥିଲା। ପରିମଳ ସହ ସ୍ୱଚ୍ଛ ବଜାର, ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣି, ବର୍ଜ୍ୟବସ୍ତୁ ପରିଚାଳନା ଓ ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ଅନ୍ୟାନ୍ୟ ପୌର ସୁବିଧା ଉପରେ ସର୍ଭେ କରାଯାଇଥିଲା। ରାଜ୍ୟର ୧୧୪ଟି ସହରାଞ୍ଚଳ ମଧ୍ୟରୁ ଉକ୍ତ ୪ଟିକୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୧୯ ପୁରସ୍କାର ପ୍ରଦାନ କରିବାକୁ ଚୟନ କରାଯାଇଥିଲା। ୨୦୧୪ରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟର ଗୋଟିଏ ସହର ମଧ୍ୟ ଏହି ପୁରସ୍କାର ପାଇବାରେ ସକ୍ଷମ ହୋଇ ନ ଥିଲା। ପୁରସ୍କାର ଗ୍ରହଣ ବେଳେ ପାରାଦୀପ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, କରଞ୍ଜିଆର ବିଜୟ ନାୟକ, ଯାଜପୁରର ସରୋଜ ରାଉତ ଏବଂ ତରଭାର କନିକା ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

# ସୁବିଧା କାର୍ଡ ପ୍ରଦାନ ଆଳରେ ଅର୍ଥ ଲୁଟ୍

ଭୁବନେଶ୍ୱର,(ବ୍ୟୁରୋ)/ଓଡ଼ଗାଁ, ୭।୩(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳରେ କେତେକ ଲୋକଙ୍କୁ ଇ-ସୁବିଧା କାର୍ଡ ନାମରେ ଏକ ବେସରକାରୀ ସଂସ୍ଥା ପକ୍ଷରୁ କାର୍ଡ ପ୍ରଦାନ କରାଯାଇଛି। ଏଥିନିମନ୍ତେ ଗାଁ ଗହଳିରେ ସାଧାରଣଙ୍କ ଲୋକଙ୍କଠାରୁ କେତେକ ଯୁବକ କାର୍ଡ ପିଛା ୩୦ ଟଙ୍କା ଲେଖାଏଁ ଆଦାୟ କରୁଥିବା ବେଳେ ଏହାର ବ୍ୟବହାର ସମ୍ପର୍କରେ ସେମାନେ ଅନଭିଜ୍ଞ ରହିଛନ୍ତି। ଏହି କାର୍ଡର ଗୋଟିଏ ପାର୍ଶ୍ୱରେ ପୋଲିସ ବିଭାଗ ବ୍ୟବହାର କରୁଥିବା ଲାଲ ଏବଂ ବ୍ଲୁ ରଙ୍ଗ ରହିଛି। କାର୍ଡର ଗୋଟିଏ ପାର୍ଶ୍ୱରେ ଇଂଲିଶରେ ଇ-ସୁବିଧା ଆଇଡି ନଂ, ଜିଲା, ବ୍ଲକ ଏବଂ ଭାଲିଡିଟି ତାରିଖ ଗୋଟିଏ ବର୍ଷ ନିମନ୍ତେ ରହିଛି। ଏହା ସହିତ କାର୍ଡ ଉପର ପାର୍ଶ୍ୱରେ ସ୍ମାର୍ଟ ଅପ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ(ଚଷମା ଚିହ୍ନ) ଏବଂ ଡିଜିଟାଲ ଇଣ୍ଡିଆର ଚିହ୍ନ ରହିଛି। ହେଲେ କାର୍ଡର ଅନ୍ୟ ଏକ ପାର୍ଶ୍ୱରେ ନ୍ୟାଶନାଲ ହ୍ୟୁମାନ୍ ରାଇଟସ୍ କମିଟି ଅଫ୍ ଇଣ୍ଡିଆ ରହିଥିବା ବେଳେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥିତ ରସୁଲଗଡରେ ଥିବା ଉଲ୍ଲେଖ ରହିଛି। କାର୍ଡର ଅବଧି ଏହିମାସ ଶେଷ ସୁଦ୍ଧା ଶେଷ ହେବାକୁ ବସିଥିବା ବେଳେ ଏହି କାର୍ଡ ପାଇଥିବା ଜଣେ ବ୍ୟବହାର ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏ ନେଇ କାର୍ଡ ପଛ ପାର୍ଶ୍ୱରେ ଥିବା କଷ୍ଟମର କେୟାର ନମ୍ବରରେ ଯୋଗାଯୋଗ କରାଯିବାରୁ ଏହିପରି କାର୍ଡ ନିମନ୍ତେ କୌଣସି ଫି ଲାଗୁ ନ ଥିବା ଜଣେ ମହିଳା ଅପର ପାର୍ଶ୍ୱରୁ କହିଥିବା ବେଳେ ଏହାର ବ୍ୟବହାର ସମ୍ପର୍କରେ କିଛି କହିପାରି ନ ଥିଲେ। ବରଂ ଆମ ସାର୍‌ଙ୍କୁ ପଚାରନ୍ତୁ କହିବା ସହିତ ଏହି ସଂସ୍ଥା ନ୍ୟାଶନାଲ ହ୍ୟୁମାନ ରାଇଟସ୍ କମିଶନ ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ ବୋଲି କହିବା ପରେ ଫୋନ କାଟି ଦେଇଥିଲେ। ପରବର୍ତ୍ତୀ ସମୟରେ ସେଠାରୁ ଆଉ କିଛି ଉତ୍ତର ମିଳି ନ ଥିଲା। ଏ ନେଇ ଆବଶ୍ୟକ ସ୍ପଷ୍ଟୀକରଣ ଓ ସଚେତନତାର ଆବଶ୍ୟକତା ରହିଛି। ଏହି କାର୍ଡ ସମ୍ପର୍କରେ ଓଡଗାଁ ଆଦର୍ଶ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା ପ୍ରକାଶ କରିଥିଲେ। ଏନେଇ ଆନେ ନ୍ୟାଶନାଲ ହ୍ୟୁମାନ୍ ରାଇଟସ୍ କମିଶନ ଅଫ ଇଣ୍ଡିଆ ସଂସ୍ଥାର ରାଜ୍ୟ ସଂଯୋଜକଙ୍କୁ ପଚାରିବାରୁ ସେ କୁହନ୍ତି,ଆମ ସଂସ୍ଥା ନାଁମରେ କେହି ନକଲି କାର୍ଡ କରି ଲୋକଙ୍କୁ ବିକ୍ରି କରି ଟଙ୍କା ନେଉଛନ୍ତି। ଦିଆ ଯାଇଥିବା କାର୍ଡ ଆମ କାର୍ଡ ସହ କୌଣସି ତାଳମେଳ ନାହିଁ। ଆମ ପାଖକୁ ଏନେଇ କୌଣସି ଅଭିଯୋଗ ଆସିନାହିଁ। ଏନେଇ ଆମେ ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଆଇନର ସହାୟତା ନେବୁ ବୋଲି କହିଛନ୍ତି।

**ଠକେଇ**

# ମୋଦିଙ୍କଠୁ ଟଙ୍କା ଆସିବ କହି ଏଟିଏମ୍ ସିକ୍ରେଟ ନମ୍ବର ମାଗିନେଲେ

ଭଣ୍ଡାରିପୋଖରୀ, ୭।୩ (ଡି.ଏନ.ଏ.)

ଫେକ୍ କଲ୍ କରି ଏଟିଏମ୍ ସିକ୍ରେଟ ନମ୍ବର ମାଗିନେଇ ଗ୍ରାମାଞ୍ଚଳ ଲୋକଙ୍କୁ ଦିନକୁ ଦିନ ଲୁଟିବାରେ ଲାଗିଛନ୍ତି ସାଇବର ଅପରାଧୀ। ଏଭଳି ଠକାମିର ଶିକାର ହୋଇଛନ୍ତି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତ ନୂଆପୋଖରୀ ଗ୍ରାମର ସୌଦାମିନୀ ସାହୁ। ମୋଦିଙ୍କଠାରୁ ଟଙ୍କା ଆସିବ କହି ଏଟିଏମ୍ ସିକ୍ରେଟ ନମ୍ବର ମାଗି ନେଇ ତାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରାଯାଇଥିବା ସେ ଗୁରୁବାର ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୫ ତାରିଖ ସକାଳ ପ୍ରାୟ ସାଢ଼େ ୧୦ଟାରେ ମୋବାଇଲ ନମ୍ବର ୭୬୬୭୮୩୪୯୧୬/ ୭୬୬୭୮୩୪୯୧୭ରୁ ସୌଦାମିନୀଙ୍କ ପାଖକୁ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣଙ୍କ ସୌଦାମିନୀଙ୍କୁ କହିଥିଲେ, ମୋଦି ଟଙ୍କା ଦେବା ପାଇଁ କଲ୍ କରିଛୁ। ଆମକୁ ଏଟିଏମ୍‌ର ୧୬ ଅଙ୍କ ବିଶିଷ୍ଟ ନମ୍ବର ଦିଅ ଭେରିଫିକେସନ ଚାଲିଛି। ସୌଦାମିନୀ ଉକ୍ତ ନମ୍ବର ଦେବାରୁ ଦୁଇଦିନ ପରେ ତୁମ ଆକାଉଣ୍ଟକୁ ଟଙ୍କା ଆସିଯିବ ବୋଲି ସେ କହିଥିଲେ। ସୌଦାମିନୀ ୭ ତାରିଖ ପ୍ରାୟ ସାଢ଼େ ୧୨ଟାରେ ଏଟିଏମ୍‌ରେ ଚେକ୍ କରିବାରୁ ତାଙ୍କ ଆକାଉଣ୍ଟରେ ୧୦ ହଜାର ଟଙ୍କା ନ ଥିବା ଦେଖିଥିଲେ। ମିନିଷ୍ଟେଟମେଣ୍ଟ ବାହାର କରି ଦେଖିବାରୁ ୫ ତାରିଖରେ ପ୍ରଥମେ ୪୯୯୯, ୨ୟରେ ୪ ହଜାର, ୩ୟରେ ୫୦୦ ଟଙ୍କା ଓ ୪ର୍ଥ ପର୍ଯ୍ୟାୟରେ ୩୦୦ ଟଙ୍କା ତାଙ୍କ ଆକାଉଣ୍ଟରୁ ଉଠାଇ ନିଆଯାଇଥିବା ସେ ଜାଣିବାକୁ ପାଇଥିଲେ। ଏହାପରେ ସେ କଲ୍ ଆସିଥିବା ନମ୍ବରକୁ ଫୋନ କରିବାରୁ ତାହା ଲାଗି ନ ଥିଲା।

# ଏଏସ୍‌କ୍ୟୁ ଆୱାର୍ଡ: ବିଶ୍ୱସ୍ତରରେ ଭୁବନେଶ୍ୱର ବିମାନବନ୍ଦର ପ୍ରଥମ

ଭୁବନେଶ୍ୱର, ୭।୩(ବ୍ୟୁରୋ)

ଉତ୍କୃଷ୍ଟ ମାନର ସେବା ପାଇଁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ମିଳିବ ଏୟାରପୋର୍ଟ ସର୍ଭିସ କ୍ୱାଲିଟି (ଏଏସ୍‌କ୍ୟୁ) ଆୱାର୍ଡ। ୨୦୧୮ ନିମନ୍ତେ ଏହି ବିଶ୍ୱ ସ୍ତରୀୟ ଆୱାର୍ଡ ତାଲିକାରେ ଭୁବନେଶ୍ୱର ବିମାନବନ୍ଦର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଏସିଆ ପାସିଫିକ୍ ରିଜିଅନରେ ମଧ୍ୟ ପ୍ରଥମ ହୋଇଛି। ଆସନ୍ତା ସେପ୍ଟେମ୍ବରରେ ମାଲେସିଆଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ଏୟାରପୋର୍ଟ କାଉନ୍‌ସିଲ ଇଣ୍ଟରନ୍ୟାଶନାଲ ପକ୍ଷରୁ ବିମାନବନ୍ଦରରେ ଯାତ୍ରୀଙ୍କୁ ଦିଆଯାଉଥିବା ସମସ୍ତ ସେବା ଉପରେ ବର୍ଷକୁ ୪ଥର ଏକ ସର୍ଭେ କରାଯାଏ। ୩୩ଟି ପାରାମିଟରକୁ ଆଧାର କରି ପୁରସ୍କାର ଚୟନ କରାଯାଇଥାଏ। ଏହି ସର୍ଭେରେ ବିଶ୍ୱର ୫ଟି ରିଜିୟନର ମୋଟ ୧୯୫୩ ବିମାନବନ୍ଦର ସାମିଲ ହୋଇଥିଲା। ଭୁବନେଶ୍ୱର ବିମାନବନ୍ଦର ଏସିଆ ପାସିଫିକ୍ ରିଜିଅନ ମଧ୍ୟରେ ଆସୁଛି। ଏହି ବିମାନବନ୍ଦର ବର୍ଷକୁ ୨୦ରୁ ୫୦ଲକ୍ଷ ଯାତ୍ରୀଙ୍କୁ ଉନ୍ନତ ସେବା ପ୍ରଦାନର କ୍ଷମତା ରଖିଛି। ତେବେ ଏସିଆ ପାସିଫିକ୍ ରିଜିଅନରେ ଦ୍ୱିତୀୟ ସ୍ଥାନରେ ଚଣ୍ଡିଗଡ଼ ବିମାନବନ୍ଦର, ତୃତୀୟରେ ଇନ୍ଦୋରର ଦେବୀ ଅହିଲ୍ୟାବାଇ ହୋଲ୍‌କାର ବିମାନବନ୍ଦର, ଚତୁର୍ଥରେ ଇଣ୍ଡୋନେସିଆର ଏସ୍‌ଏମ୍ ବଦରୁଦ୍ଦିନ ବିମାନବନ୍ଦର, ପଞ୍ଚମରେ ଇଣ୍ଡୋନେସିଆର ଏସ୍‌ଏସ୍ କାସିମ ୨ ବିମାନବନ୍ଦର ଓ ଷଷ୍ଠରେ ଚାଇନାର ଚାଙ୍ଗ୍ ସାଂକ୍ସିଆ ବିମାନବନ୍ଦର ରହିଛି। ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ପ୍ରଥମଥର ପାଇଁ ଭୁବନେଶ୍ୱର ବିମାନବନ୍ଦର ଏହି ପୁରସ୍କାର ପାଇବାରେ ସଫଳତା ହାସଲ କରିଛି। ପୁଣିପ୍ରଥମ ହୋଇଥିବାରୁ ଏହା ଆମ ପାଇଁ ଗୌରବର କଥା। ଭବିଷ୍ୟତରେ ଯାତ୍ରୀମାନଙ୍କୁ ଏହାଠାରୁ ଅଧିକ ଭଲ ସେବା ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବୁ ହୋତା କହିଛନ୍ତି।

# ବିଜେଡି ବୈଠକରେ କର୍ମୀଙ୍କ ହୋହଲ୍ଲା

**ନବରଙ୍ଗପୁର,୭।୩ (ବି.ପ୍ର)**

ନବରଙ୍ଗପୁର ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି କର୍ମକର୍ତ୍ତାଙ୍କୁ ନେଇ ଚରକବନଠାରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାଶବର୍ମା, ଜିଲାସଭାପତି ପ୍ରହ୍ଲାଦ ତ୍ରିପାଠୀ, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଉମରକୋଟ ବିଧାୟକ ସୁବାସ ଗଣ୍ଡ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମାଝୀ, ଜିଲା ପରିଷଦ ସଭ୍ୟ ବେଦବ୍ୟାସ ଭତ୍ରା, ନାରାୟଣ ପାତ୍ର, ଜିଲା ଉପସଭାପତି ସୁବାସ ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି ସମେତ ଜିଲା କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରାର୍ଥୀଙ୍କୁ ନେଇ ଆଲୋଚନା ହୋଇଥିଲା । ବିଶେଷ କରି ନବରଙ୍ଗପୁର ଓ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ବିବାଦ ଦେଖାଯାଇଥିଲା । କେତେ ଜଣ ଦଳୀୟ କର୍ମକର୍ତ୍ତା ପାଟିତୁଣ୍ଡ କରିଥିଲେ । ଫଳରେ ସେଠାରେ ବୈଠକ ସ୍ଥଗିତ କରାଯାଇଥିଲା । ପରେ ସ୍ଥାନୀୟ ସର୍କିଟ ହାଉସ ଠାରେ ପର୍ଯ୍ୟବେକ୍ଷକ ଦାଶବର୍ମା ନିର୍ବାଚନ ମଣ୍ଡଳୀ ଅନୁଯାୟୀ ରୁଦ୍ଧ ଦ୍ୱାର ବୈଠକ କରିଥିଲେ । ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢୁଥିବା ଯୋଗୁ ଦଳରେ ଲାଗିରହିଥିବା ବିବାଦର ସମାଧାନ ବାଟ ଖୋଜିଥିଲେ । ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ନବରଙ୍ଗପୁର ବ୍ଲକର କର୍ମକର୍ତ୍ତା ଓ ଦଳୀୟ ଲୋକ ପ୍ରତିନିଧିଙ୍କୁ ଭେଟି ପ୍ରାର୍ଥୀ ସମ୍ପର୍କରେ ଆଲୋଚନା କରିଥିଲେ ।

୫୦ ଜଣିଆ ଏକ କମିଟି କରି ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନ କରାଯିବ ବୋଲି କହିଥିଲେ । ଏହା ପରେ ଖବରଦାତାମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ନବରଙ୍ଗପୁର ଜିଲାର ଝରିଗାଁ ଓ ଉମରକୋଟ ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ପାଇଁ କୌଣସି ବିବାଦ ନାହିଁ । ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ବିଜେଡିର ବିବାଦ ଥିଲେ ମଧ୍ୟ ବିଜୟ ସମ୍ଭାବନା ସହ ସଙ୍ଗଠନ ଠିକ ରହିଛି । ମୋତିରାମ ନାୟକଙ୍କୁ ଡାବୁଗାଁରୁ ପ୍ରାର୍ଥୀ କରିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରୁଥିବା ସମ୍ପର୍କରେ ଖବରଦାତାମାନେ ପଚାରିବାରୁ ସେ କହିଥିଲେ ଯେ, ମୋତିରାମଙ୍କୁ ପ୍ରାର୍ଥୀ କରିବା ପାଇଁ ଯେଉଁ ଦାବି କରୁଛନ୍ତି ତାହା ଠିକ ନୁହେଁ । ତାଙ୍କୁ ଦଳ ଦୁଇଥର ଟିକଟ ଦେଇଛି, ଜିଲାପରିଷଦ ଅଧ୍ୟକ୍ଷ ମଧ୍ୟ କରିସାରିଛି । ଦ୍ୱିତୀୟ ଥର ପରାଜିତ ହେବା ପରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ କରାଯାଇଛି । ତାଙ୍କୁ ଦଳ ଉପଯୁକ୍ତ ସମ୍ମାନ ଦେଇ ଆସିଛି । ଆଉ ଥରେ ପ୍ରାର୍ଥୀ କରିବା ପାଇଁ ସମର୍ଥକ ଦାବି କରିବା କେତେ ଦୂର ଯୁକ୍ତି ଯୁକ୍ତ ବୋଲି କହିଥିଲେ । ବର୍ତ୍ତମାନ ରାଜନୀତି ପରିସ୍ଥିତିକୁ ଅନୁଧ୍ୟାନ କରି ବିଜୟୀ ପ୍ରାର୍ଥୀଙ୍କୁ ଟିକଟ ଦିଆଯାଉଥିବା କହିଥିଲେ । ପରୋକ୍ଷ ଭାବରେ ସେ ମନୋହର ରନ୍ଧାରୀଙ୍କ ନାମକୁ ଇସାରା ଦେଇଥିଲେ । ନବରଙ୍ଗପୁର ଜିଲାର ତିନୋଟି ବିଧାନସଭା ନିର୍ବାଚନମଣ୍ଡଳୀ ରେ ବିଜେଡି ପାଇଁ ବିଜୟ ସହଜ ସାପେକ୍ଷ ଥିବା ବେଳେ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବର୍ତ୍ତମାନ ପାଇଁ ଜଟିଳ ପରିସ୍ଥିତି ରହିଛି ବୋଲି କହିଥିଲେ । ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦଳୀୟ ପ୍ରାର୍ଥୀ ଚୟନ ପାଇଁ ପଦକ୍ଷେପ ନିଆଯାଉଥିବା କହିଥିଲେ। କମ ଦିନ ମଧ୍ୟରେ ସମସ୍ତ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କହିଥିଲେ ।

**ସର୍କିଟହାଉସଠାରେ ପର୍ଯ୍ୟବେକ୍ଷକଙ୍କ ରୁଦ୍ଧଦ୍ୱାର ବୈଠକ**



ପର୍ଯ୍ୟବେକ୍ଷକଙ୍କୁ ଭେଟି ନବରଙ୍ଗପୁର ବ୍ଲକର କର୍ମକର୍ତ୍ତାମାନେ ବାହାରକୁ ଆସୁଛନ୍ତି ।

## ■ ତେଜିଲା ମଦ ବିରୋଧୀ ଆନ୍ଦୋଳନ
# ମହିଳାମାନେ ରାସ୍ତାରେ ଢାଳିଲେ ମଦ, ପୋଚ

**ଉମରକୋଟ, ୭।୩(ଡି.ଏନ.ଏ)**

ଉମରକୋଟ ଥାନା ଅନ୍ତର୍ଗତ ଗରମ୍ଭା ଗ୍ରାମରେ ବେଆଇନ ଭାବେ ମଦରନ୍ଧାକୁ ଗୁରୁବାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିରୋଧ କରିଛନ୍ତି । ମଦମୁକ୍ତ ଗ୍ରାମ ଗଠନ କରିବାକୁ ଅଣ୍ଟା ଭିଡିଛନ୍ତି ଗରମ୍ଭା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ରନ୍ଧାମଦ ଆଣି ଗାଁ ଦାଣ୍ଡରେ ଢାଳିବା ସହ ପୋଚଗୁଡିକ ମହିଳାମାନେ ନଷ୍ଟ କରିଦେଇଛନ୍ତି । ଉକ୍ତ ଗ୍ରାମର ମା' ତୁଳସୀ, ମା' ଠାକୁରାଣୀ, ଅଲେଖ ମହିମା, ମା' ଖଣ୍ଡାଦେଇ, ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିଶି ଏହି ଅଞ୍ଚଳର ମଦ ବିରୋଧ ଆନ୍ଦୋଳନର ନେତୃତ୍ୱ ନେଉଥିବା ନାରୀନେତ୍ରୀ କୁନି ସାହୁଙ୍କ ନେତୃତ୍ୱରେ ଏକ ବୈଠକ କରିଥିଲେ । ଗରମ୍ଭା ଗ୍ରାମରେ ମଦରନ୍ଧା ଓ ବିକ୍ରିକୁ ବିରୋଧ କରିଥିଲେ । କିନ୍ତୁ ଏହା ପରେ ମଧ୍ୟ ପୂର୍ବଭଳି ମଦରନ୍ଧା ଓ ବିକ୍ରି ଚାଲୁ ରହିଥିଲା । ଏହାର ପ୍ରତିବାଦ କରି ସ୍ଥାନୀୟ ଉମରକୋଟ ପୋଲିସ ଓ ଅବକାରୀ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିଲେ । ଶେଷରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ମିଳିତ ହୋଇ ଗରମ୍ଭା ଗ୍ରାମରେ ମଦରନ୍ଧା ଓ ବିକ୍ରି କରୁଥିବା ଘର ଉପରେ ଚଢାଉ କରି ପ୍ରାୟ ୫୦ଲିଟର ଦେଶୀମଦ ଓ ପୋଚଗୁଡିକ ଆଣି ଗାଁ ଦାଣ୍ଡରେ ଫୋପାଡି ଦେଇଥିଲେ । ଆଗକୁ ଗରମ୍ଭା ଗ୍ରାମରେ କେହି ମଦ ରାନ୍ଧିଲେ କିମ୍ବା ବିକ୍ରି କଲେ ଏହିପରି ବିରୋଧ କରିବୁ ବୋଲି ମହିଳାମାନେ କହିଛନ୍ତି । ଏହି ଗ୍ରାମର ଗୁଣକମାର, ବୁଧବାର ମାଝି, ଡାଳିମ୍ବ ମାଝି, ସାବିତ୍ରୀ ପନକା, ସନ୍ତା ଭତ୍ରା, କୁଷମ ପୂଜାରୀ, ନୀଳା ଭତ୍ରା, ଅସମତି ଭତ୍ରା, ପଦମନି ମାଝି, ଜୟମାନି କମାର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ।



ମହିଳାମାନେ ମଦ ଓ ପୋଚକୁ ରାସ୍ତାରେ ଢାଳୁଛନ୍ତି ।

# ଯୁକ୍ତ ୨ ପରୀକ୍ଷା ଦେଲେ ୩୯୫ ପରୀକ୍ଷାର୍ଥୀ

**ଡାବୁଗାଁ/ଚନ୍ଦାହାଣ୍ଡି,୭।୩(ଡି.ଏନ.ଏ.)–** ନବରଙ୍ଗପୁର ଜିଲା ଡାବୁଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ ୩୯୫ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ତି । ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ +୨ ବାଣିଜ୍ୟ ପରୀକ୍ଷା ମୋଟ ୭୭ ଛାତ୍ରୀଛାତ୍ର ଦେଇଥିଲେ । ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅଧ୍ୟାପକ ଗିରିଶ ମୋହନ ଦାସ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସଦାଶିବ ମହାପାତ୍ର ଦାୟିତ୍ୱରେ ରହିଛନ୍ତି । ଡାବୁଗାଁ ତହସିଲଦାର ନରସିଂହ ଗାଦବାଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯାଇଥିଲା । ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ ସେଣ୍ଟର କରାଯାଇଛି । ଏହି କେନ୍ଦ୍ରରୁ ମାଇଦଲପୁର କନିଷ୍ଠ ମହାବିଦ୍ୟାଳୟ ଓ କୋଡିଗାଁ କନିଷ୍ଠ ମହାବିଦ୍ୟାଳୟକୁ ପ୍ରଶ୍ନପତ୍ର ପଠାଯାଇଛି । ଏହି ହବ ସୁପରଭାଇଜର ଭାବେ ଶଶାଙ୍କ ଶେଖର ତ୍ରିପାଠୀ, ଡେପୁଟି ସୁପରଭାଇଜର ଭାବେ ସିବା ପ୍ରସାଦ ସାହୁ ଦାୟିତ୍ୱରେ ରହିଛନ୍ତି । ଚନ୍ଦାହାଣ୍ଡି ବ୍ଲକର ପାନାବେଡା ମହାବିଦ୍ୟାଳୟ ଏବଂ ଏସଏସଡି ଧୋଡିପାଣି କଲେଜରେ ୩୧୮ଜଣ ପରୀକ୍ଷାର୍ଥୀ ବାଣିଜ୍ୟ ଏବଂ ବିଜ୍ଞାନ ପରୀକ୍ଷା ଦେଇଛନ୍ତି । ପ୍ରଥମ ଥର ପାଇଁ ଦୁଇଟି କଲେଜରେ କପି ରୋକିବା ପାଇଁ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି । ପାନାବେଡା କଲେଜରେ ଅଧ୍ୟକ୍ଷ ବସନ୍ତ ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଅଧ୍ୟାପକ ଅରୁଣ କୁମାର ହୋତାଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ଏସଏସଡି ଧୋଡିପାଣି କଲେଜର ଅଧ୍ୟକ୍ଷ ରଘୁମଣି ଜାନିଙ୍କୁ ସୁପରିଣ୍ଟେଣ୍ଡେଣ୍ଟ, ଅଧ୍ୟାପକ ମନୋରଞ୍ଜନ କରଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ଦିଆଯାଇଛି । ତହସିଲଦାର ହୃଦାନନ୍ଦ ସିଂ ମାଝି ମାଜିଷ୍ଟ୍ରେଟ ଭାବେ ଦୁଇଟି ପରୀକ୍ଷା କେନ୍ଦ୍ରର ଅନୁଧ୍ୟାନ କରିଛନ୍ତି । ପର୍ଯ୍ୟବେକ୍ଷକ ଭାବେ ପାନାବେଡା କଲେଜର ସମାଜ କଲ୍ୟାଣ ଅଧିକାରୀ ତୁଷାର ରଞ୍ଜନ ସାହୁ ଏବଂ ଏସଏସଡି ଧୋଡିପାଣି କଲେଜରେ ମଙ୍ଗଳ ଅଧିକାରୀ ବିଜୟ କୁମାର ମଲ୍ଲିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ରୀ

**କୋଷାଗୁମୁଡ଼ା, ୭।୩ (ଡି.ଏନ୍.ଏ.)–** ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ସହଦେବ ଉଚ୍ଚ ବିଦ୍ୟାଳୟ ପଣ୍ଡୁଗୁଡ଼ାର ଛାତ୍ରୀ ପଦ୍ମା ଭତରା ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛି । ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ସମସ୍ତଙ୍କ ଅନ୍‌ଲାଇନ୍ କରାଯାଇଥିଲା । କିନ୍ତୁ ପଦ୍ମାଙ୍କ ଫର୍ମ ଅନ୍‌ଲାଇନ୍ କରାଯାଇ ନ ଥିଲା । ଫଳରେ ତାଙ୍କ ଆଡମିଡ କାର୍ଡ ଆସି ନ ଥିଲା । ବିଦ୍ୟାଳୟର ଅବହେଳା ଯୋଗୁ ଏପରି ହୋଇଥିବା ପଦ୍ମାଙ୍କ ବାପା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସହଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ କହିଥିଲେ ଯେ ଶୁକ୍ରବାର ବିଦ୍ୟାଳୟକୁ ଆସିଲେ କହିବି । ଏଥିରେ ମୁଁ କଣ କରିପାରିବି ବୋଲି କହିଥିଲେ ।


**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. -(0674)- 2391523, Fax:- (0674)-2395245
1366-B

**INVITATIONS FOR BIDS (IFB)**

File No-B-IV-H-(H&D)-38/2018 Lr. No.- 12037 / Bhubaneswar, the 2nd March. 2019

Invitation for Bids
Bid Identification No. CE (B) –57 / 2018-19

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building works |
| 3. | No. of work | : | 02 nos. |
| 4. | Bid Cost. | : | ₹.10,000/- (each) |
| 5. | Class of Contractor | : | 'A' / Special / Super |
| 6. | Availability of Bid Documents in the website | | From dt. 15.03.2019 to 17.00 Hours of dt.30.03.2019. |
| 7. | Date of Opening of Bid | : | Dt. 02.04 .2019 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

34117/11/0233/1819 Sd./- Chief Engineer (Buildings), Odisha, Bhubaneswar

GOVERNMENT OF ODISHA
**OFFICE OF THE EXECUTIVE ENGINEER, RURAL WORKS DIVISION, BALLIGUDA**
Phone No.-06846-243114, Mobile No: 9437562286
No.1919-O:- E-Mail: rw_balliguda@yahoo.com
No. 604 / RWDB, Dated: 01.03.2019
Government of Odisha e-Procurement Notice
Bid Identification No. Online Tender/ 17 /EE RWD BLG/2018-19

1. Name of the work :: Building Works.
2. Total Number of Works :: 3 (Three) Nos.
3. Estimated cost :: As per Annexure
4. Class of Contractors :: As per Annexure
5. Period of Completion :: As per Annexure
6. Others Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, Rural Works Division, Balliguda | Online Tender/ 17 /EE RWD BLG/ 2018-19 | 08.03.2019 at 10.00 AM | 23.03.2019 up to 5.00 PM |

Further details can be seen from the e-procurement portal website www.tendersorissa.gov.in.
25164/11/0005/1819 Executive Engineer, Rural Works Division, Balliguda

GOVT. OF ODISHA
**OFFICE OF THE ENGINEER-IN-CHIEF, RURAL WORKS, BHUBANESWAR**
Identification No: Online- / 2018-19 (RFP-Plan Roads)
Letter No. 7402 Dt. 02.03.2019
REQUEST FOR PROPOSAL (RFP)
No.1912-O:- (SERVICES FOR SUPERVISION CONSULTANT)

1. The Chief Engineer, Plan Roads, Rural Works, Odisha (the "Authority) on behalf of the Rural Development Department, Govt. of Odisha is engaged in the development of Rural Roads Infrastructure and as part of this endeavor, Govt. of Odisha decided to undertake bidding process with selection of Consultants for Construction Supervision of rural roads under OMBADC funding consisting of 60 numbers of different road work grouped in to two packages as Package-I & Package-II for engagement of Supervision consultant.

| Sl. No. | Name of the Work | Indicative Length of Roads (in KM) | Concerned E.E. with Head-quarter | Cost of Document | Security Deposit |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Supervision Consultancy for construction of 32 numbers of different roads under OMBADC funding in the district of Keonjhar (Package-I) | 66.098 Km | R.W. Division-II, Keonjhar | Rs. 10,000.00 | Rs. 50,000/- |
| 2 | Supervision Consultancy for construction of 28 numbers of different roads under OMBADC funding in the district of Keonjhar (Package-II) | 93.882 Km | R.W. Division-II, Keonjhar | Rs. 10,000.00 | Rs. 50,000/- |

1. The Chief Engineer, Plan Roads, Rural Works, Odisha intends to appoint reputed Consulting Firm having proven track record in providing consultancy services for the above projects under two different packages. Accordingly Request for Proposal (RFP) is hereby invited from the eligible consulting engineering firms (Consultants) for the purpose. Joint venture or Association with other consulting firms/ agencies shall not be allowed.
2. The Request for Proposal (the "RFP" document) will be available in the website https://tendersodisha.gov.in from 10.00 AM of 12.03.2019 to 5.00 PM of 03.04.2019 for online bidding.
3. The bidder must possess compatible Digital Signature Certificate (DSC) of Class II or Class III for online bidding.
4. The Request for Proposal documents shall be received only on "online" on or before 5.00 PM of 03.04.2019.
5. Applications received on line shall be opened at 11.30 AM on 08.04.2019 in the office of the Engineer-in-Chief, Rural Works, Odisha, Sachivalaya Marg, Unit-IV, Bhubaneswar, Odisha-751001.
6. Further details can be seen from the website https://tendersodisha.gov.in.

Sd./-
Chief Engineer, Plan Roads, Rural Works, Odisha
25123/11/0069/1819

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com
**INVITATION FOR BIDS (IFB)**
BID IDENTIFIACTION NO. EIC/RWSS/74/2018-19
1921-O
No. 2846 Date: 06.03.2019

| | | | |
|---|---|---|---|
| 1 | The Engineer-In-Chief, RWSS, Odisha, Bhubaneswar, on behalf of Panchayati Raj & Drinking Water Department, Governor of Odisha invite tenders in double cover system in ONLINE MODE only for implementation of LED Street lighting system in one village of each Gramapanchayat district wise in 16 districts of Odisha on turn-key basis including AMC for 5 years after one year guarantee period and 2 years extended warranty period throughout the state. | | |
| 2 | Nature of work | : | Implementation of LED Street lighting system in one village of each Gramapanchayat district wise in 16 districts of Odisha on turnkey basis including AMC for 5 years after one year guarantee period and 2 years extended warranty period throughout the state. |
| 3 | Number of works | : | 16 Nos individual works (01 no. per each district) |
| 4 | Estimated Cost | : | Ranging from Rs. 1.0 crore to Rs.7.5 Crore |
| 5 | Cost of Bid Document | : | Rs. 10,000/- each district (Non-refundable) |
| 6 | Class of Contractor | : | Sole Proprietor/Partnership firms/ company having electrical contract license (MV & above) or HT license registered with the State Government/ Central Government/ MES/ Railway or other Licensing Authority or OEM (LED Bulb) or its authorized dealer in Odisha in consortium with electrical contractors having license (MV & above or HT license). |
| 7 | Availability of Bid Documents in the portal for Online Bidding | : | From 5 PM of 11.03.2019 to 5 PM of 11.04.2019 |
| 8 | Date of opening of Bid in Online | : | 12.04.2019 at 11 AM |
| 9 | Instructions to Bidder | : | One bidder can participate up to a maximum of 5 districts. |
| 10 | The bidders have to participate in ONLINE Bidding only for which the bidder must possess compatible Digital Signature Certificate (DSC) of Class II or Class III. Further details can be seen from the e-procurement portal http://tendersorissa.gov.in | | |

25040/11/0050/1819 Sd./- 6.3.2019, Engineer-in-Chief, RWSS

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର ଫାଟ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

GOVERNMENT OF ODISHA 1371-B
**OFFICE OF THE SUPERINTENDING ENGINEER, SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : sescpwd@yahoo.co.in
**INVITATIONS FOR BIDS (IFB) [e-Procurement]**
Bid Identification No. S.E, S.C (R&B)-BAM-22/2018-19 No. 724 // Dated : 02.03.2019

1) The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building works as detailed in the table below.
2) Nature of work : Road works
3) No. of work : 01 No.
4) Tender Cost : Rs.10,000/- (online)
5) Class of Contractor : "B" & "A" Class
6) Availability of Bid document in the website : From 18.03.2019, 10.00 AM to 04.04.2019, 4.00 PM
7) Date of Opening of Bid : 05.04.2019 at 11.30AM
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any addendum / corrigendum / cancellation of tender can also be seen in the said website only.

34103/11/0052/1819 Sd./- Superintending Engineer, Southern (R&B) Circle, Berhampur

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଡିଜିଟାଲ ଉପକରଣ
–କମ୍ପାନୀ–
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ୱା କଲ୍ କିମ୍ୱା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ୱା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ 10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।




## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ବୈପାରୀଗୁଡ଼ା,୭।୩(ଡି.ଏନ୍.ଏ.): ଗୁରୁବାର ଅପରାହ୍ନରେ ଏଠାରୁ ୫ କିମି ଦୂର ଚନ୍ଦ୍ରପଡ଼ା ନିକଟରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଅମଲାଭଟ୍ଟା ନିକଟସ୍ଥ ପୁରୁଣାଗୁଡ଼ା ଗ୍ରାମର ନାରାୟଣ ମାଝି (୨୮)। ସେ ଜୟପୁରରୁ ନିଜ ଗାଁକୁ ଫେରିବା ବାଟରେ କଲଭର୍ଟ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲେ। ଘଟଣାସ୍ଥଳକୁ ପୋଲିସ ଯାଇ ତଦନ୍ତ କରୁଛି।

### ବାଇକ୍ ଦୁର୍ଘଟଣା, ୨ ଗୁରୁତର

ଲମତାପୁଟ,୭।୩(ଡି.ଏନ୍.ଏ.): ଲମତାପୁଟ ବ୍ଲକର ଆନନ୍ଦ ନିକେତନଠାରେ ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନା ଅନୁଯାୟୀ, ବୈପାରୀଗୁଡ଼ା ବ୍ଲକ ମାଝିଗୁଡ଼ା ପଞ୍ଚାୟତ ମାଙ୍କିଡ଼ି ଗ୍ରାମର ମଙ୍ଗଳା ଗୌଡ଼ଙ୍କ ପୁଅ ନରହରି ଓ ଗୋରା ଗୌଡ଼ଙ୍କ ପୁଅ ଦୈତାରୀ ବାଇକ୍‌ରେ ଲମତାପୁଟରୁ ସଗର ରାସ୍ତାରେ ଯାଉଥିଲେ। ଲମତାପୁଟରୁ ୨ କିମି ଦୂର ଆନନ୍ଦ ନିକେତନ ରାସ୍ତା ପାଖରେ ସେମାନଙ୍କ ବାଇକ୍ ଆଗରେ ଥିବା ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେଇ ଛିଟ୍‌କି ପଡ଼ିଥିଲା। ଏଥିରେ ନରହରି ଓ ଦୈତାରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଦୈତାରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

### ଉତ୍ତମ ମଲ୍ଲିକ ସେବା ଟ୍ରଷ୍ଟ ଦ୍ୱାରା ସ୍ୱାସ୍ଥ୍ୟ ସେବା ଶିବିର

ମାଲକାନଗିରି,୭।୩ (ଡି.ଏନ.ଏ.): ମାଲକାନଗିରି ଜିଲାର ଜଳଦୂତ କୁହାଯାଉଥିବା ଉତ୍ତମ ମଲ୍ଲିକ ସେବା ଟ୍ରଷ୍ଟ ପକ୍ଷରୁ ଜିଲାର ଉପାନ୍ତ ତଥା ଆନ୍ଧ୍ର-ଛତିଶଗଡ ସୀମାନ୍ତବର୍ତ୍ତୀ କାଲିମେଳା ବ୍ଲକର ପୁଟମପାଲିଠାରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଦ୍ରାବାଦର ଆପୋଲୋ ହସ୍ପିଟାଲ,ଏଭିସି ମେଡିକାଲ ଡେଣ୍ଟାଲ କଲେଜ ଏବଂ ଅନ୍ୟାନ୍ୟ ସଂସ୍ଥାର ବହୁ ବିଶେଷଜ୍ଞ ଡାକ୍ତର ସାମିଲ ହୋଇଥିଲେ। ଡା. କେ.ଜେ. ରେଡ୍ଡି, ଡା. କେ. କିଶୋର କୁମାର, ଡା. ଶିବା ରେଡ୍ଡିଙ୍କ ସମେତ ବହୁ ଡାକ୍ତର ଶିବିରରେ ୫ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସମାଜସେବୀ ଉତ୍ତମ ମଲିକ ଏହି ଶିବିର ଆୟୋଜନ କରିଥିଲେ।

### ଭାଜପାରୁ ଇସ୍ତଫା ଦେଲେ କାମରାଜ



ମାଲକାନଗିରି,୭।୩(ଡି.ଏନ.ଏ.): ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. କାମରାଜ କବାସୀ ଗୁରୁବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ବ୍ୟକ୍ତିଗତ କାରଣରୁ ଦଳର ପ୍ରାଥମିକ ସଦସ୍ୟ ପଦ ସହ ସମସ୍ତ ପଦପଦବୀରୁ ଇସ୍ତଫା ଦେଉଛନ୍ତି ବୋଲି ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଦଳର ପାତରଅନ୍ତର ନୀତି ତାଙ୍କୁ ବ୍ୟଥିତ କରିଛି। ଦଳର କଳାହାଣ୍ଡି ସମାବେଶରେ ତାଙ୍କୁ ନିମନ୍ତ୍ରଣ କରାନ ଯିବା ନେଇ କବାସୀ ପ୍ରଶ୍ନ ଉଠାଇଛନ୍ତି।

■ କୋରାପୁଟରେ ପୋଲିସ ଡିଜିଙ୍କ ସମୀକ୍ଷା ବୈଠକ

# ଶୃଙ୍ଖଳିତ ନିର୍ବାଚନ, ମାଓବାଦୀ ଦମନ ପ୍ରାଥମିକତା

କୋରାପୁଟ,୭।୩(ସ୍ୱ.ପ୍ର.)

କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜରେ ମାଓବାଦୀଙ୍କ କାର୍ଯ୍ୟକଳାପ ରୋକିବା ସହ ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ଶେଷ କରିବ ପୋଲିସ। ଗୁରୁବାର କୋରାପୁଟରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଉପରୋକ୍ତ ୨ଟି ଦିଗ ଉପରେ ଜୋର୍ ଦେଇଛନ୍ତି।

କୋରାପୁଟସ୍ଥିତ ଏସ୍‌ପି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଡିଜିପି ଶର୍ମା ଅଧ୍ୟକ୍ଷତା କରି କହିଲେ ଯେ, ଆଗାମୀ ସାଧାରଣ ନିର୍ବାଚନରେ ଭୋଟରମାନେ ନିର୍ଭୟରେ ମତଦାନ କରିବା ପାଇଁ ଏଠାରେ ମୁତୟନ ବିଏସ୍‌ଏଫ୍, କୋବ୍ରା ବାହିନୀ, ଜିଲା ପୋଲିସ, ଡିଭିଏଫ, ଏସ୍‌ଓଜିଙ୍କ ମିଳିତ ସହଯୋଗ ଜରୁରୀ। ସେହିପରି ମାଓବାଦୀ ଦମନ ପାଇଁ ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ର ପୋଲିସ ସହ ଗୋଇନ୍ଦା ତଥ୍ୟ ବିନିମୟ, ରେଲୱେ ଲାଇନ ସୁରକ୍ଷିତ ରଖିବା, ଅଞ୍ଚଳର ନିର୍ବାଚନୀ ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା, ସୀମାନ୍ତରେ କୋମ୍ବିଂ ଜୋରଦାର କରିବା ନେଇ ସେ ଆଲୋଚନା କରିଥିଲେ। ବୈଠକ ପରେ କୋରାପୁଟ ପୋଲିସ ମେଡିକାଲରେ ଆୟୋଜିତ ରକ୍ତଦାନ ଶିବିର ଓ ଏସ୍‌ପି କାର୍ଯ୍ୟାଳୟରେ ପୋଲିସ ଦକ୍ଷତା ବୃଦ୍ଧି ପାଇଁ ସାଇବର ସେଲ୍‌ର ଉଦ୍‌ଘାଟନ କରିଥିଲେ। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜର ଏସ୍‌ପିମାନେ ନିଜ ଜିଲାରେ ଏପରି ସେଲ୍ ପ୍ରତିଷ୍ଠା କରିବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ପୋଲିସ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନିଲ ରାୟ, ଅତିରିକ୍ତ ଡିଜି (ଶାନ୍ତି ଶୃଙ୍ଖଳା) ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜି (ଅପରେସନ) ଆର୍.ପି. କୋଚେ, ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ, ବିଏସ୍‌ଏଫ୍ ଆଇଜି ଏ.କେ. ସିଂ, ଡିଆଇଜି ଏ. ଶ୍ରୀନିବାସ, ଡିଆଇଜି ଘନଶ୍ୟାମ ଉପାଧ୍ୟାୟ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଡିଆଇଜି ହିମାଂଶୁ ଲାଲ ଓ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନ ୭ଟି ଜିଲାର ଏସ୍‌ପି ଉପସ୍ଥିତ ଥିଲେ।



ଡିଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୋଲିସ ଅଧିକାରୀଙ୍କ ବୈଠକ।

■ ବ୍ୟବସାୟୀଙ୍କୁ ହତ୍ୟା ଧମକର ପ୍ରତିବାଦ

# ଥାନାରେ ଏତଲା, କାକିରିଗୁମ୍ମା ବଜାର ବନ୍ଦ

କୋରାପୁଟ/କାକିରିଗୁମ୍ମା, ୭।୩(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା କାକିରିଗୁମ୍ମା ବସଷ୍ଟାଣ୍ଡ ଅଞ୍ଚଳ ଦେଇ କୋଡିଙ୍ଗାମାଳି ଖଣିରୁ ପ୍ରତିଦିନ ଶତାଧିକ ଟ୍ରକ୍ ମାଟି ଚାଲାଣ ହେଉଛି। ଏହାଦ୍ୱାରା ସ୍ଥାନୀୟ ପରିବେଶ ପ୍ରଦୂଷିତ ଓ ଧୂଳିମୟ ହେଉଥିବା ବେଳେ ଖଣି ଉତ୍ତୋଳନ କମ୍ପାନି ନାଁରେ ଜିଲାପାଳଙ୍କୁ ମଧ୍ୟ ଅଭିଯୋଗ ହୋଇଛି। ଏହି ଘଟଣାରେ ଗତ ୫ ତାରିଖ କାକିରିଗୁମ୍ମା ବସଷ୍ଟାଣ୍ଡ ଅଞ୍ଚଳର ବ୍ୟବସାୟୀ ଟୁକୁନା ବିଶୋଇଙ୍କୁ ହତ୍ୟା ଧମକ ମିଳିଛି। ସ୍ଥାନୀୟ ଲଛମଣୀ ଗ୍ରାମର ହରିଶ ନାମକ ଜଣେ ବ୍ୟକ୍ତି ରାତିରେ ଟୁକୁନାଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହ କହିଥିଲେ ଯେ କମ୍ପାନି ଦ୍ୱାରା ବହୁତ ଲୋକ କାମ ଧନ୍ଦା ପାଉଛନ୍ତି। କମ୍ପାନି ବିରୋଧରେ ଗଲେ ତୁମେ ଓ ତୁମ ପରିବାରକୁ ହତ୍ୟା କରିବୁ। ଏଭଳି ଧମକ ପାଇବା ପରେ ଟୁକୁନା କାକିରିଗୁମ୍ମା ଥାନାରେ ବୁଧବାର ରାତିରେ ଏତଲା ଦେଇଥିଲେ। ଏଭଳି ଧମକର ପ୍ରତିବାଦରେ ଗୁରୁବାର କାକିରିଗୁମ୍ମା ବଜାର ବନ୍ଦ କରାଯାଇଥିବା ବେଳେ ବସଷ୍ଟାଣ୍ଡ ନିକଟରେ କାକିରିଗୁମ୍ମା ବାସୀ ଏକାଠି ହୋଇ ଧମକ ଦେଇଥିବା ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ କୋଡିଙ୍ଗାମାଳିରୁ କାକିରିଗୁମ୍ମା ଦେଇ ମାଟି ଚାଲାଣ ବନ୍ଦ କରିବାକୁ ଦାବି ହୋଇଛି। ଏନେଇ କାକିରିଗୁମ୍ମା ଥାନା ଅଧିକାରୀ କହିଥିଲେ, ବନ୍ଦ ସେମାନଙ୍କ ନିଜସ୍ୱ କାରଣ ଯୋଗୁଁ ହୋଇଛି। ପୋଲିସ ଏନେଇ ତଦନ୍ତ ଚଳାଇଛି।



କାକିରିଗୁମ୍ମା ବଜାର ବନ୍ଦ କରି ବ୍ୟବସାୟୀଙ୍କୁ ଧମକ ଘଟଣାରେ ପ୍ରତିବାଦ ପ୍ରଦର୍ଶନ କରାଯାଉଛି।

■ ରାହୁଲଙ୍କ ଜୟପୁର ଗସ୍ତ ପୂର୍ବରୁ କଂଗ୍ରେସରେ କନ୍ଦଳ

# ତାରା-ବୀରେନ ଧକ୍କା ମରାମରି

ଜୟପୁର,୭।୩(ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପୂର୍ବରୁ ଶୁକ୍ରବାର ଜୟପୁରରେ କଂଗ୍ରେସର ମହାସମାବେଶ ଅନୁଷ୍ଠିତ ହେବ। ଏଥିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ଯୋଗଦେଇ ଲକ୍ଷାଧିକ ଜନତା ଓ କର୍ମୀଙ୍କୁ ସମ୍ବୋଧିତ କରିବେ। କିନ୍ତୁ ଏହା ପୂର୍ବରୁ ଗୁରୁବାର ଚାଲିଥିବା ପ୍ରସ୍ତୁତି ପର୍ବ ବେଳେ ଜିଲା କଂଗ୍ରେସ ଭିତରେ ଚାଲିଥିବା କନ୍ଦଳ ପଦାରେ ପଡ଼ିଛି। ସମାବେଶ ସ୍ଥଳରେ ଏଆଇସିସି ସମ୍ପାଦକ ଅନିଲ ଚୌଧୁରୀଙ୍କ ସମ୍ମୁଖରେ ବିଧାୟକ ତାରାପ୍ରସାଦ ବାହିନୀପତି ଓ ରାଜ୍ୟ ସେବାଦଳ ମୁଖ୍ୟ ବୀରେନ ମୋହନ ପଟ୍ଟନାୟକଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଧକ୍କା ମରାମରି ହେବା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣା ଆଗକୁ ବଢ଼ିବା ପୂର୍ବରୁ ସେଠାରେ ଉପସ୍ଥିତ ଥିବା କର୍ମୀ ଉଭୟଙ୍କୁ ଏଥିରୁ ନିବୃତ୍ତ କରାଇଥିଲେ। ସୂଚନା ଅନୁଯାୟୀ, ସମାବେଶ ସ୍ଥଳରେ ଅନୀଲ ଚୌଧୁରୀଙ୍କ ସହ ସେବାଦଳ ମୁଖ୍ୟ ବୀରେନ ପଟ୍ଟନାୟକ ସେବାଦଳ ସଦସ୍ୟ ଓ କର୍ମୀଙ୍କୁ ଭିତରକୁ ପ୍ରବେଶ ପାସ୍ ଦେବା ପାଇଁ ଆଲୋଚନା କରୁଥିଲେ। ସେଠାରେ ବିଧାୟକ ବାହିନୀପତି ପହଞ୍ଚିବା ପରେ କୌଣସି କଥାକୁ ନେଇ ବୀରେନ ଓ ତାଙ୍କର କଥା କଟାକଟି ହେବା ସହ ଉଭୟ ପରସ୍ପରକୁ ଧକ୍କା ମାରିଥିଲେ। ଏନେଇ ବାହିନୀପତିଙ୍କୁ ୯୯୩୭୦ ୫୧୪୯୨ ନମ୍ବରରେ ରିଙ୍ଗ୍ କରି ତାଙ୍କ ମତାମତ ଜାଣିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ। ଅନ୍ୟପକ୍ଷରେ ବୀରେନ ପଟ୍ଟନାୟକ ଘଟଣାକୁ ସ୍ୱୀକାର କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ତାରା-ବୀରେନଙ୍କ ମଧ୍ୟରୁ ପୂର୍ବରୁ ବିବାଦ ରହିଆସିଥିବା ବେଳେ ଏଥର ନିର୍ବାଚନ ପାଇଁ ଜୟପୁରର ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ବୀରେନ ସ୍କ୍ରିନିଂ କମିଟି ନିକଟରେ ଏଥିପାଇଁ ଆବେଦନ ମଧ୍ୟ କରିଥିବା ଜଣାପଡ଼ିଛି।

## ହାତ ଛାଡ଼ି ପଦ୍ମ ଧରିଲେ ତ୍ରିନାଥ ଘାସି



ଭୃଗୁ ବକ୍ସିପାତ୍ର ଓ ଜୟରାମ ପାଙ୍ଗିଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଉଛନ୍ତି ତ୍ରିନାଥ।

ବୋରିଗୁମ୍ମା,୭।୩(ଡି.ଏନ୍.ଏ.)

ରାହୁଲଙ୍କ ଜୟପୁର ଗସ୍ତର ଅବ୍ୟବହିତ ପୂର୍ବରୁ ଗୁରୁବାର କଂଗ୍ରେସର ଜଣେ ବରିଷ୍ଠ ନେତା ଦଳ ଛାଡ଼ି ଭାଜପାରେ ଯୋଗ ଦେବା ଦଳକୁ ଧକ୍କା ଦେଇଛି। ଜୟପୁର ନିର୍ବାଚନ ମଣ୍ଡଳୀ ଅଧୀନ ବୋରିଗୁମ୍ମା ବ୍ଲକର କଂଗ୍ରେସ ନେତା ତ୍ରିନାଥ ଘାସି ହାତ ଛାଡ଼ି ପଦ୍ମ ଧରିଛନ୍ତି। ଭୁବନେଶ୍ୱରଠାରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, କୋରାପୁଟ ଜିଲା ଭାଜପା ସଭାପତି ବିଜୟ ମିଶ୍ର, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ବୋରିଗୁମ୍ମା ମଣ୍ଡଳ ସଭାପତି ବିଜୟ ସାହୁ, ଯୁବମୋର୍ଚ୍ଚା ସଭାପତି ଶଙ୍କର ମହାନ୍ତିଙ୍କ ଉପସ୍ଥିତିରେ ତ୍ରିନାଥଙ୍କୁ ପଦ୍ମ ଶିବିରକୁ ସ୍ୱାଗତ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ତ୍ରିନାଥ ପୂର୍ବରୁ ଜିଲା କଂଗ୍ରେସ ସମ୍ପାଦକ, ବ୍ଲକ ସାଧାରଣ ସମ୍ପାଦକ, ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ରହିସାରିଛନ୍ତି।

## ପଟ୍ଟାଙ୍ଗି ଗସ୍ତକଲେ କେନ୍ଦ୍ର ସଚିବ

ପଟ୍ଟାଙ୍ଗି,୭।୩(ଡି.ଏନ୍.ଏ.)

ଆନ୍ଧ୍ର ସୀମାନ୍ତ ତଥା ପଟ୍ଟାଙ୍ଗି ବ୍ଲକ ଅଧୀନ ସୁଙ୍କି ପଞ୍ଚାୟତ ଗସ୍ତ କରିଛନ୍ତି କେନ୍ଦ୍ର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସଚିବ ପରମେଶ୍ୱରନ ଆୟର। ପ୍ରଥମେ ସେ ପଞ୍ଚାୟତର ପନସମାନଗୁଡ଼ି ଗ୍ରାମକୁ ଗସ୍ତକରି ସେଠାରେ ନିର୍ମିତ ହୋଇଥିବା ପାଇଖାନା ଗୃହର ମାନ ତଦାରଖ ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ପଞ୍ଚାୟତରୁ କୋରାପୁଟ ଫେରିବା ବାଟରେ ବ୍ଲକର ଅନ୍ୟତମ ଗାଙ୍ଗରାଜପୁର ପଞ୍ଚାୟତ ଅଧୀନସ୍ଥ ସାକିରାଇ ଗ୍ରାମକୁ ମଧ୍ୟ ଗସ୍ତକରି ସେଠାରେ ଶୌଚାଳୟ କାର୍ଯ୍ୟକାରିତା ତଦାରଖ କରିଥିଲେ। ସଚିବ ଆୟରଙ୍କ ଦୁଇଦିନିଆ କୋରାପୁଟ ଜିଲା ଗସ୍ତ ଅବସରରେ ତାଙ୍କ ସହ ଏକ ଚାରିଜଣିଆ ପ୍ରତିନିଧି ଦଳ ମଧ୍ୟ ଉପରୋକ୍ତ ଦୁଇ ପଞ୍ଚାୟତ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଏମ୍. ଅଖତାର, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜେତା ମାଝି, ବିଡିଓ କରୁଣାକର ପ୍ରଧାନ, ସହକାରୀ ଯନ୍ତ୍ରୀ ସଞ୍ଜୟ କେସପଟା, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବାସୁଦେବ ଦାଶ ଓ ସରପଞ୍ଚ ସିମାଦ୍ରି ଜାନି ଉପସ୍ଥିତ ଥିଲେ।



■ ବନ୍ୟଜନ୍ତୁ ଆକ୍ରମଣ ମାମଲା

# ମୃତାହତଙ୍କୁ ୫ବର୍ଷରେ ମିଳିଛି ୩୬ ଲକ୍ଷ ଟଙ୍କାର ସହାୟତା

ମାଲକାନଗିରି,୭।୩ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ଗତ ୫ ବର୍ଷ ମଧ୍ୟରେ ବନ୍ୟଜନ୍ତୁଙ୍କ ଆକ୍ରମଣରେ ଆହତ ହୋଇଥିବା ଏବଂ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ଗତ ୫ ବର୍ଷ ମଧ୍ୟରେ ବନ ବିଭାଗ ପକ୍ଷରୁ ୩୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ବର୍ତ୍ତମାନ ଘଞ୍ଚ ଜଙ୍ଗଲ ଅଞ୍ଚଳରେ ଜନବସତି ବୃଦ୍ଧି , ଜଙ୍ଗଲ କ୍ଷୟ ଏବଂ ଜଙ୍ଗଲ ଅଞ୍ଚଳରେ ଚାଷ ଯୋଗୁ ଜଙ୍ଗଲ ସଙ୍କୁଚିତ ହୋଇଆସୁଛି । ବନ୍ୟପ୍ରାଣୀଙ୍କ ବାସସ୍ଥାନ ପ୍ରତି ବିପଦ ସୃଷ୍ଟି ହେଉଛି। ଫଳରେ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମଧ୍ୟକୁ ପଶି ଆସୁଛନ୍ତି। ଜଙ୍ଗଲ ଏବଂ ପରିବେଶ ବିଭାଗ ଏହାକୁ ଗୁରୁତର ସହ ବିଚାରକୁ ନେଇ ଆହତ ଏବଂ ମୃତ୍ୟୁବରଣ କରୁଥିବା ପରିବାର ବର୍ଗଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କରୁଛି। ମାଲକାନଗିରି ଜିଲାରେ ୨୦୧୫ରେ ଭାଲୁ କାମୁଡାରେ ଆହତ ହୋଇଥିବା ୧୧ ଜଣଙ୍କୁ ୫୫ ହଜାର, ବିଭିନ୍ନ ଅଙ୍ଗ ହରାଇଥିବା ୪ ଜଣଙ୍କୁ ୩ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ୨୦୧୬ରେ ଭାଲୁ ଆକ୍ରମଣରେ ଆହତ ୭ ଜଣଙ୍କୁ ୩୫ ହଜାର, ଅଙ୍ଗ ହରାଇଥିବା ୪ ଜଣଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ଏବଂ ମୃତ୍ୟୁବରଣ କରିଥିବା ୩ ଜଣଙ୍କୁ ୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୨୦୧୭ରେ ଆଂଶିକ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ୨୫ ହଜାର, ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୪ ଲକ୍ଷ ଏବଂ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କୁ ୩ ଲକ୍ଷ ଟଙ୍କା ସହାୟତା ମିଳିଛି। ୨୦୧୮ରେ ଭାଲୁ ଆକ୍ରମଣରେ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ୫ ଜଣଙ୍କୁ ୨୫ ହଜାର, ଅଙ୍ଗ ହରାଇଥିବା ୬ ଜଣଙ୍କୁ ୬ ଲକ୍ଷ ଟଙ୍କା, ୨୦୧୯ରେ ଏଯାବତ୍ ଆଂଶିକ କ୍ଷତିଗ୍ରସ୍ତ ୨ ଜଣଙ୍କୁ ୧୦ ହଜାର, ଅଙ୍ଗ ହରାଇଥିବା ୬ ଜଣଙ୍କୁ ୬ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ମାଲକାନଗିରି ବନଖଣ୍ଡର ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାଜ୍ୟ ସରକାର ବନାଞ୍ଚଳଗୁଡିକରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ ଆଗରୁ ୮୨ଟି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି ପାଇଁ ରହିଥିବା କଟକଣା ଉଠାଇ ଦେଇଛନ୍ତି। ୨୦୦୫ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ମାଲକାନଗିରି ଜିଲାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଜନଜାତିଙ୍କୁ ସେମାନଙ୍କ ଜଙ୍ଗଲ ଜମି ଅଧିକାର ମିଳିଛି । ତେବେ ବନ୍ୟଜନ୍ତୁଙ୍କ ସୁରକ୍ଷା ସମସ୍ତଙ୍କ ପ୍ରାଥମିକତା ହେବା ଆବଶ୍ୟକ। ସମସ୍ତେ ଏ ଦିଗରେ ସଚେତନ ହେଲେ ବନ୍ୟଜନ୍ତୁ ସୁରକ୍ଷିତ ହୋଇପାରିବେ ଏବଂ ବନ୍ୟଜନ୍ତୁ ଆକ୍ରମଣଜନିତ ଘଟଣା କମିପାରିବ ବୋଲି ନାୟକ କହିଛନ୍ତି।

■ ମହଙ୍ଗା ପଡ଼ିଲା ଫାଇନାନ୍ସ କମ୍ପାନୀ କ୍ରେଡିଟ କାର୍ଡ

# ମହିଳାଙ୍କ ନାଁରେ ଲକ୍ଷାଧିକ ଟଙ୍କା ଠକିନେଲେ ଯୁବକ

ଜୟପୁର,୭।୩(ଡି.ଏନ୍.ଏ.)

ଫାଇନାନ୍ସରେ ମୋବାଇଲ କିଣିବା ପରେ ଜଣେ ମହିଳାଙ୍କୁ କ୍ରେଡିଟ୍ କାର୍ଡ଼ ମିଳିଥିଲା। ମଧ୍ୟସ୍ଥ ସାଜିଥିବା ଜଣେ ଯୁବକ କିନ୍ତୁ ଓଟିପି ସହ କ୍ରେଡିଟ୍ କାର୍ଡ଼ ହାତେଇ ସେଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ କିଣି ଛୁ ମାରିଛନ୍ତି। ଫାଇନାନ୍ସ କମ୍ପାନି ମହିଳାଙ୍କୁ ଉକ୍ତ ଅର୍ଥରାଶି ବ୍ୟାଙ୍କଖାତାରେ ଜମା କରିବା ପାଇଁ ଚେତାବନୀ ଦେବା ପରେ ଅନ୍ୟ ଉପାୟ ନପାଇ ମହିଳା ଜଣକ ସଦରଥାନାରେ ଏତଲା ଦେଇଛନ୍ତି।

ଘଟଣା ଅନୁଯାୟୀ, ଗତ ଡିସେମ୍ବର ୨୪ରେ ଜୟପୁର ସଦର ଥାନା ପାଞ୍ଜିଆଗୁଡ଼ା ଗ୍ରାମର ମହିଳା ସ୍ୱର୍ଣ୍ଣଲତା ପାତ୍ର (୪୩) ଫାଇନାନ୍ସରେ ୨୫,୯୯୦ ଟଙ୍କା ମୂଲ୍ୟର ଏକ ମୋବାଇଲ ସ୍ଥାନୀୟ ଦୋକାନରୁ କିଣିଥିଲେ। ମୋବାଇଲ କିଣିବାରେ ସ୍ୱର୍ଣ୍ଣଲତା ଓ ଫାଇନାନ୍ସ କମ୍ପାନୀ ଭିତରେ ମଧ୍ୟସ୍ଥ ସାଜିଥିଲେ ସୌରାଗୁଡ଼ା ଗ୍ରାମର ମୁକ୍ତିକାନ୍ତ ବେହେରା। ପ୍ରଥମ ଡିପୋଜିଟ ଭାବେ ୭,୫୨୬ ଟଙ୍କା ମୁକ୍ତିକାନ୍ତ ନିଜ ତରଫରୁ ପୈଠ କରିବା ପରେ ଫାଇନାନ୍ସ କମ୍ପାନି ଏକ କ୍ରେଡିଟ୍ କାର୍ଡ଼ ପ୍ରଦାନ କରିଥିଲା। କିଛି ଟେକନିକାଲ ଫଙ୍କସନିଂ କରାଯିବାକୁ ବାକି ଥିବା ଆଳ ଦେଖାଇ ମୁକ୍ତିକାନ୍ତ ନୂଆ ମୋବାଇଲ ଓ କ୍ରେଡିଟ୍ କାର୍ଡ଼ ନିଜ ପାଖରେ ରଖିବା ସହ ଏହାର ଓଟିପି ହାତେଇ ନେଇଥିଲେ। ଏହାର କିଛି ମାସ ପରେ ସ୍ୱର୍ଣ୍ଣଲତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା କଟୁଥିବା ମୋବାଇଲ ମେସେଜ ଆସୁଥିଲା। ଏ ବାବଦରେ ସେ ପଚାରିବାରୁ ମୁକ୍ତିକାନ୍ତ କଥା ଏଡ଼ାଇ ଯାଉଥିଲେ। କିନ୍ତୁ ସ୍ୱର୍ଣ୍ଣଲତାଙ୍କ କ୍ରେଡିଟ କାର୍ଡରେ ଏକଲକ୍ଷ ଟଙ୍କାର ସାମଗ୍ରୀ କିଣାଯାଇଥିବା ନେଇ ଫେବୃଆରୀରେ ଫାଇନାନ୍ସ କମ୍ପାନୀ ଜଣାଇଥିଲା। ବ୍ୟାଙ୍କ ଖାତାରେ ଟଙ୍କା ନ ଥିବା ଯୋଗୁଁ ତୁରନ୍ତ କ୍ରେଡିଟ୍ କାର୍ଡ଼ର ରାଶି ଜମା କରିବା ପାଇଁ ଫାଇନାନ୍ସ କମ୍ପାନି କହିବା ସହ ଏହା ନହେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲା। ମୁକ୍ତିକାନ୍ତଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ସେ ସ୍ୱର୍ଣ୍ଣଲତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଶେଷରେ ନିରାଶ ହୋଇ ସ୍ୱର୍ଣ୍ଣଲତା ସଦର ଥାନାର ଆଶ୍ରୟ ନେଇ ଏତଲା ଦେଇଥିଲେ। ନ୍ୟାୟ ନ ମିଳିଲେ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି। କିନ୍ତୁ ଉକ୍ତ ଘଟଣା ଟାଉନଥାନା ଅଞ୍ଚଳର ହୋଇଥିବା ଯୋଗୁଁ ଏହାକୁ ଉକ୍ତ ଥାନାକୁ କମାଣ୍ଡ ମାଧ୍ୟମରେ ପଠାଯାଇଥିଲା । ଏନେଇ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି, ତଦନ୍ତ ଚାଲିଛି। ଅତିଶୀଘ୍ର ପୋଲିସ ମାମଲା ରୁଜୁ କରିବ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ପୁରସ୍କୃତ

ମାଲକାନଗିରି,୭।୩(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ନାୟକଗୁଡା ଗ୍ରାମରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଗ୍ରାମର ବାଳିକା ବାଳକଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନାୟକଗୁଡା ସରପଞ୍ଚ ଲକ୍ଷ୍ମୀଧର ବାକା, ମୁଖ୍ୟବକ୍ତା ସରୋଜ କୁମାର ଅଗସ୍ତି, ସମ୍ମାନିତ ଅତିଥି କସ୍ତୁରିବା ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚଞ୍ଚଳା ନାୟକ ଓ ସତ୍ୟସୁନ୍ଦର ବେହେରା ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚଗୀତ, ଚିତ୍ରାଙ୍କନ ଓ ଖୋଟି ପ୍ରତିଯୋଗିତା ହୋଇଥିଲା। ପ୍ରଥମ ସ୍ଥାନ ସୌଦାମିନୀ ନାୟକ ପ୍ରଥମ, କସ୍ତୁରିବା ଗାନ୍ଧି ବାଳିକା ବିଦ୍ୟାଳୟର ଦଳ ଦ୍ୱିତୀୟ, ମମତା ଖରା ଦଳ ତୃତୀୟ ହୋଇଥିଲେ। ନେହୁରୁ ଯୁବକେନ୍ଦ୍ର ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦ୍ରର ସଂଯୋଜକ ସନ୍ତୋଷ କୁମାର ପାତ୍ର ଓ ବିରଞ୍ଚି ଦାସ , ପ୍ରୀତି ରଜ ବେହେରା ତପନ ବାଲା, ମୋହନ ଖରା, ନରେଶ ଭୂମିଆ ପରିଚାଳନା କରିଥିଲେ।

# ସମସ୍ୟାରେ ପ୍ରାଥମିକ ବିଦ୍ୟାଳୟ

କୋରକୋଣ୍ଡା, ୭।୩ (ଡି.ଏନ୍.ଏ.)



କଲୋନୀ-୧୨ ପ୍ରାଥମିକ ବିଦ୍ୟାଳୟ ।

- ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ନାହିଁ
- ପାଚେରି ନ ଥିବାରୁ ଘଟୁଛି ଦୁର୍ଘଟଣା
- ଅଭିଯୋଗ କଲେ ଶୁଣୁନାହାନ୍ତି କର୍ତ୍ତୃପକ୍ଷ

ମାଲକାନଗିରି ଜିଲା ବାଲିମେଳା ଏନ୍ଏସ୍ସ୍ଥିତ କଲୋନୀ-୧୨ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘବର୍ଷ ହେଲାଣି ବିଭିନ୍ନ ସମସ୍ୟା ଲାଗିରହିଛି। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସମାଧାନ ହୋଇପାରୁନାହିଁ। ୨୦୦୧ରୁ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ପାଚେରିକୁ ଲାଗି ରହିଥିଲେ ମଧ୍ୟ ଏଯାଏ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବିଦ୍ୟାଳୟର ପାଚେରି ନ ଥିବାରୁ ବିଦ୍ୟାଳୟ ସମ୍ମୁଖରେ ଥିବା ରାସ୍ତାରେ ବିଭିନ୍ନ ସମୟରେ ଛାତ୍ରୀଛାତ୍ର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି। ମଧ୍ୟାହ୍ନ ଭୋଜନ ରାନ୍ଧିବା ଲାଗି ପାଣି ପାଇଁ ହଇରାଣ ହେବାକୁ ପଡେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୯୫ ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଥାଳି ଧୋଇବା ପାଇଁ ନିଜ ଘରୁ ପାଣି ବୋତଲ ଧରି ଆସିଥାନ୍ତି। ଏହି ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକ ନିର୍ମଳ ବିଶ୍ୱାସ ଏବଂ ପରିଚାଳନା କମିଟି ସଭ୍ୟାସଭ୍ୟମାନେ ବାରମ୍ବାର ବାଲିମେଳା କାର୍ଯ୍ୟନିର୍ବାହୀ ଅଧିକାରୀ, କୋରୁକୋଣ୍ଡା ବିଡ଼ିଓ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କସ୍ତୁରବା ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

ଗୋବିନ୍ଦପାଲୀ, ୭।୩(ଡି.ଏନ୍.ଏ.)

କୁମାରପୁଟ କସ୍ତୁରବା ବାଳିକା ବିଦ୍ୟାଳୟରେ ୮ମ ବର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏବିଇଓ ଶିବାନୀ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ସୀସା ମୁଖ୍ୟ ଅତିଥି ଓ ଖଇରପୁଟ ବ୍ଲକ ଅଧ୍ୟକ୍ଷା କୁମୁଦିନୀ କୀର୍ଷାନୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଖଇରପୁଟ ବିଡିଓ ବିଶ୍ୱଜିତ ବର୍ମାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷା ବନଶ୍ରୀ ଦଳେଇ, ସିଆରସିସି ସୌଭାଗ୍ୟ କାନୁନ୍‌ଗୋ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାଦିନା ଟୁଡୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖଇରପୁଟ ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଭୁଦତ୍ତ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାଇୱା-ଟ୍ରକ ଧକ୍କା: ୨ ଗାଡିର ଡ୍ରାଇଭର ଆହତ

ପାଣ୍ଡ୍ରିପାଣି,୭।୩(ଡି.ଏନ.ଏ)

ମାଲକାନଗିରି ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ବନ୍ଧଗୁଡା ଗାଁରେ ବୁଧବାର ବିଳମ୍ବିତ ରାତିରେ ହାଇୱା ଓ ଟ୍ରକ ମୁହାଁମୁହିଁ ହେବା ଫଳରେ ଦୁଇ ଗାଡିର ଡ୍ରାଇଭର ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ପରେ ହେଲ୍‌ପରମାନେ ଫେରାର ହୋଇଯାଇଛନ୍ତି। ଡ୍ରାଇଭର ଦୁଇଜଣଙ୍କର ଗୋଡ ଭାଙ୍ଗିଯାଇଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ODISHA HYDRO POWER CORPORATION LIMITED

BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232659 (O) : FAX:06861-232541
E-mail:unit.head_balimela@yahoo.com CIN :U40101OR1995SGC003963

No. CAD-1558

**TENDER CALL NOTICE NO: BHEP-47/2018-19; DATED-06.03.2019.**

Sealed tenders are invited from the **Reputed Firms** having valid Firm Registration Certificate issued by Govt. Authori with IT PAN and GST Registration Certificate, for the following works at BHEP, Balimela

| Group | Description of Material | Cost of Tender Paper (Non Refundable) | EMD in Rs | Sale of Tender Paper | Last Date & Time of receipt of Tender | Date & Time of Opening of Tender |
|---|---|---|---|---|---|---|
| A | Repair of 02 Nos Russian make Defunct 40Kgf/Cm² HP Air Compressor of BHEP, Balimela with supply of required spares. | Rs.2360/- (Rs2000+GST@18%) | 1% of quoted value | 09.03.2019 to 13.00 Hrs of 23.03.19 | Upto 16.00 Hrs of 23.03.19 | 16.30 Hrs of 23.03.2019 |
| B | Repair of one No 10T Overhead manual crane at Valve House of BHEP, Balimela. | Rs 4720/-/- (Rs 4000+GST@18%) | 1% of quoted value | 09.03.2019 to 13.00 Hrs of 23.03.19 | Upto 16.00 Hrs of 23.03.19 | 16.30 Hrs of 23.03.2019 |

For details of the tender documents, terms & conditions please visit our website www.ohpcltd.com

04019/11/0123/1819 Sd./- SR. GENERAL MANAGER (EL) BHEP, BALIMELA.

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No.RDM-LAA-MBJ-0066-2018 / 46066** R&DM, Dated:**22.12.2018**

**No.XXI-151:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୁରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳଭଣ୍ଡାର (ଓଡ଼ିଶା ଅଂଶ) ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା - ଜିରେଇ (ଅତିରିକ୍ତ), ଥାନା-ତିରିଙ୍ଗ, ନଂ.୪୯, ତହସିଲ-ତିରିଙ୍ଗ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୨୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR &R ACT, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ର ଧାରା ୧୧ (୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ**-ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳଭଣ୍ଡାର (ଓଡ଼ିଶା ଅଂଶ) ନିର୍ମାଣ ନିମନ୍ତେ।
୨- **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ**-ନିର୍ବାହୀ ଯନ୍ତ୍ରୀ, ସୁବର୍ଣ୍ଣରେଖା ଡିଭିଜନ ନଂ-୨, ଦେଉଳି, ମୟୂରଭଞ୍ଜ।
୩- **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ**-ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪- **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ**-ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ**-ଉପ ଜିଲ୍ଲାପାଳ, ରାଇରଙ୍ଗପୁର।
୬- **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ତିରିଙ୍ଗ | ଜିରେଇ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨.୦୩ | ଏ.୧.୨୯ | ଏଥି ସହିତ ସଂଲଗ୍ନ |

**• ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏକର ୧.୨୯ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ-୨, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବହଳଦା, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା-୭୧/୨୦୧୭** **ଏ.୧.୨୯ଡି**

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳଭଣ୍ଡାର (ଓଡ଼ିଶା ଅଂଶ ଅତିରିକ୍ତ) ମାମଲା ସଂଖ୍ୟା-୩/୧୬ ଅଧିଗ୍ରହଣ କରାଯାଇଥିବା ନିୟଣ୍ଟ ଗୋଚର ପ୍ରତିବଦଳ ଭରଣା ନିମନ୍ତେ ମୌଜା-ଜିରେଇ, ଥାନା-ତିରିଙ୍ଗ, ନଂ-୪୯, ତହସିଲ-ତିରିଙ୍ଗ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୩ ରୟତି | ୧୫୮ | ୧.୫୨ | ୦.୭୮ | ଶାରଦ ତିନି | କର୍ତ୍ତା ମାଝୀ, ପି-ଗୋପତ ମାଝୀ,ଟୁରା ମାଝୀ, ପି-ଲକ୍ଷ୍ମଣ ମାଝୀ, ଅର୍ଜୁନ ମାଝୀ, ପି-କିଶୁନ ମାଝୀ, ଲକ୍ଷ୍ମଣ ମାଝୀ, ପି-କର୍ତ୍ତା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| ୨୯ | ୧୬୪ | ୦.୫୧ | ୦.୫୧ | ଶାରଦ ଦୁଇ | ଲକ୍ଷ୍ମଣ ମାଝୀ, ମଦନ ମାଝୀ, ମଦନ ମୋହନ ସୋରେନ, ବାଘରାୟ ସୋରେନ୍, ଅନନ୍ତ ସୋରେନ୍, ପି-ବାସ୍ତା ସୋରେନ୍, ଓରଫ ମାଝୀ,ବାସ୍ତା ସୋରେନ, ମାନ୍ଦ ସୋରେନ, ପି-ସିଦ୍ଧେଶ୍ୱର ସୋରେନ, ସାଲଗେ ସୋରେନ, ସ୍ୱା-ସିଦ୍ଧେଶ୍ୱର ସୋରେନ, ରାଇମାତ ସୋରେନ, ସ୍ୱା-ପୂର୍ଣ୍ଣଚନ୍ଦ୍ର ସୋରେନ, ଶିବା ସୋରେନ, ଶ୍ୟାମଚରଣ ସୋରେନ, ମଦନ ମୋହନ ସୋରେନ, ପି-ପୂର୍ଣ୍ଣଚନ୍ଦ୍ର ସୋରେନ, ଜା-ସାନ୍ତାଳ, ବା-ନିଜଗାଁ |
| ମୋଟ | ୨ପ୍ଲଟ୍‌କୁ | ଏ.୨.୦୩ ଡେ.ମି. | ଏ.୧.୨୯ ଡେ.ମି. | | |

24001/14/0599/1819

## GOVERNMENT OF ODISHA
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,**
No.20-AA **3RD FLOOR HEADS OF DEPARTMENT BUILDING, BHUBANESWAR-751 001.**
**Email-secyelbo@nic.in, Fax/Ph.0674-2394873,2394572**

**NOTICE**

No.ELBO/WP EXAM.-2018/112/2018/**247**(WE)/Dated Bhubaneswar, the **06.03.2019.**

The Workman Permit Examination-2018 at Sambalpur Centre is rescheduled to be conducted on 15.03.2019 under jurisdiction of S.E-cum-E.I, Sambalpur which was deferred due to unavoidable circumstances.

**Sd./- SUPERINTENDING ENGINEER -CUM-SECRETARY,ELBO**
04009/11/0008/1819

## ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା, ଜିଲ୍ଲା: ନୂଆପଡ଼ା

**ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ମୋରମ ଖାଦାନ/ବାଲି ଘାଟ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ**

ଇସ୍ତାହାର ସଂଖ୍ୟା ୭୩୧ / ତାରିଖ: ୦୭।୦୩।୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋମନା ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ମୋରମ ଖାଦାନ/ ବାଲିଘାଟ)ଗୁଡ଼ିକ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦୀ ସୂତ୍ରରେ ପାଞ୍ଚବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଏଥିପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଦିଷ୍ଟ ଫାରମରେ ଆବେଦନ କରିବେ। ଟେଣ୍ଡର ଫାରମ (ସମସ୍ତ ବିବରଣୀ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ [OMMC Rule, 2016] ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମ-M, ଟ.୧୦୦୦.୦୦ଙ୍କା ଏବଂ ଅତିରିକ୍ତ ୫ ପ୍ରତିଶତ ଜିଏସ୍‌ଟି ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା୦୮।୦୩।୧୯ରିଖଠାରୁ ତା୨୩।୦୩।୧୯ରିଖ ଘ.୫.୦୦ଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ଓ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଏବଂ କୋମନା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡ଼ା ଜିଲ୍ଲା ୱେବ୍‌ସାଇଟରେ (www.nuapada.nic.in) ମଧ୍ୟ ଉପଲବ୍ଧ ଅଟେ।

**ସ୍ୱା./- ତହସିଲଦାର, କୋମନା**

## ଜିଲ୍ଲା ଖଣିଜ ପ୍ରତିଷ୍ଠାନ, କେନ୍ଦୁଝର
(ଦ୍ୱିତୀୟ ମହଲା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦୁଝର-୭୫୮୦୦୧)
(ଇମେଲ: dmfkeonjhar@gmail.com)

**ବିଜ୍ଞାପନ ସଂଖ୍ୟା: ୩୪୯/ଡିଏମ୍ଏଫ୍** **ତାରିଖ: ୦୭।୦୩।୨୦୧୯**

ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ଖଣି ପ୍ରଭାବିତ ଅଞ୍ଚଳରେ ଉଠାଜଳସେଚନ ପ୍ରକଳ୍ପ (ସୂର୍ଯ୍ୟଶକ୍ତି ଚାଳିତ) କେନ୍ଦୁଝର ଜିଲ୍ଲା ଖଣି ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଚାଷୀମାନଙ୍କ ନିମନ୍ତେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ସୂର୍ଯ୍ୟଶକ୍ତି ଚାଳିତ ୫ ଅଶ୍ୱଶକ୍ତି ବିଶିଷ୍ଟ ଉଠାଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ।

**ଯୋଗ୍ୟତା:**

୧. ନିୟମାନୁସାରେ ଚାଷୀ ଲିଆବିଲିଟି ଗ୍ରୁପ୍ ଗଠନ କରିବାକୁ ଇଚ୍ଛୁକ ଥିବେ।
୨. ଏହି ଗ୍ରୁପ୍‌ର ସବୁ ସଦସ୍ୟମାନେ ଖଣି ପ୍ରଭାବିତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ, ଯାହାଙ୍କର ଚାଷୋପଯୋଗୀ ଜମି ସମ୍ପୃକ୍ତ ଅଞ୍ଚଳରେ ହୋଇଥିବା ଆବଶ୍ୟକ।
୩. ଗ୍ରୁପ୍‌ର ସବୁ ସଦସ୍ୟ ଚାଷୀ ନାମମାତ୍ର ଚାଷୀ ହୋଇଥିବା ଆବଶ୍ୟକ, ଯାହାଙ୍କର ସମସ୍ତ ଜମି ୨.୫ ଏକରରୁ କମ୍ ହୋଇଥିବ ଓ ଯେଉଁ ଜାଗାରେ ପ୍ରକଳ୍ପ ପ୍ରତିଷ୍ଠା ହେବ ସେଠାରେ ଗ୍ରୁପ୍‌ର ସବୁ ସଦସ୍ୟମାନଙ୍କ ଜମିର ପରିମାଣ ୫ ଏକର କିମ୍ବା ତା'ଠାରୁ ଅଧିକ ହୋଇଥିବ। ସମସ୍ତ ଜମି ଉକ୍ତ ଜାଗାରେ ସନ୍ନିହିତ ପରିବେଷ୍ଟିତ ହୋଇଥିବା ଆବଶ୍ୟକ।
୪. ଚିରସ୍ରୋତା ନଦୀ, ନାଳ ବା ଅନ୍ୟକୌଣସି ଜଳଉତ୍ସଠାରୁ ଅନ୍ତତଃ ୩୦ମିଟର ଦୂରରେ ଗ୍ରୁପ୍‌ର ସଦସ୍ୟଙ୍କ ଜମି ରହିଥିବା ଆବଶ୍ୟକ।
୫. ଜଳଉତ୍ସଠାରୁ ନିକଟରେ ଥିବା ଜମିର ମାଲିକ (ଗ୍ରୁପ୍‌ର ସଦସ୍ୟ ହୋଇଥିବା ଆବଶ୍ୟକ) ଅନ୍ତତଃ ୫୦ ବର୍ଗମିଟର ଉକ୍ତ ସୂର୍ଯ୍ୟଚାଳିତ ଉଠାଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ଛାଡ଼ିବାକୁ ଆଗ୍ରହୀ ଥିବେ।
୬. କୌଣସି ସଦସ୍ୟଙ୍କୁ ଜଳସେଚନ ନିମନ୍ତେ କୌଣସି ଦେୟ ନିଆଯିବ ନାହିଁ ବୋଲି ସମସ୍ତ ସଦସ୍ୟ ଏକ ସତ୍ୟପାଠ ନୋଟାରୀ ପବ୍ଲିକ୍‌ରେ ପଞ୍ଜିକୃତ କରିବାକୁ ହେବ।
୭. ଗ୍ରୁପ୍‌ର ସମସ୍ତ ସଦସ୍ୟ ନିଜ ଜମିରୁ ଜଳସେଚନ ନିମନ୍ତେ ଦରକାର ହେଉଥିବା ପାଇପ୍‌ର ବ୍ୟବସ୍ଥା ନିଜେ କରିବେ।
୮. ଗୋଟିଏ ପରିବାରର ଜଣେମାତ୍ର ବ୍ୟକ୍ତି ଗ୍ରୁପ୍‌ରେ ସଦସ୍ୟ ହୋଇପାରିବେ।

ଏଥିନିମନ୍ତେ ଦରଖାସ୍ତ ଫର୍ମ ଆପଣ ଜିଲ୍ଲା ୱେବ୍‌ସାଇଟ୍ "www.keonjhar.nic.in"ରୁ ଡାଉନ୍‌ଲୋଡ଼ କରିପାରିବେ। ତା'ଛଡ଼ା ଏହି ଦରଖାସ୍ତ ଫର୍ମ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ସହକାରୀ କୃଷି ଅଧିକାରୀଙ୍କ ପାଖରେ ମଧ୍ୟ ଉପଲବ୍ଧ।

ଇଚ୍ଛୁକ ଚାଷୀ ଏହି ଫର୍ମକୁ ପୂରଣ କରି ନିଜ ଦସ୍ତଖତ ଓ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ସହ ରେଜେଷ୍ଟ୍ରି ଡାକ ଯୋଗେ କିମ୍ବା ନିଜ ହାତରେ ନିମ୍ନ ଠିକଣାରେ ପଠାଇବାକୁ ହେବ।

**ନିର୍ବାହୀ ଯନ୍ତ୍ରୀ**
**ଉଠାଜଳସେଚନ ବିଭାଜନ, କେନ୍ଦୁଝର**
**ଗ୍ରାମ: ଧୂପଦା, ଭାୟା: ରାଇସୁଆଁ, କେନ୍ଦୁଝର- ୭୫୮୦୧୩**

**ଦରଖାସ୍ତ ପଠାଇବାର ଶେଷ ତାରିଖ: ୩୧।୦୫।୨୦୧୯। ଏହାପରେ କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ।**

**ବି.ଦ୍ର.:** ଦରଖାସ୍ତ ପାଇଁ କୌଣସି ମୂଲ୍ୟ ଦେବାକୁ ପଡ଼ିବ ନାହିଁ।

*Sd./- Collector-cum-Managing Trustee, D.M.F., Keonjhar*

## Orissa Water Supply & Sewerage Board
**Satyanagar, Bhubaneswar, Odisha, E-mail:msowssb@gmail.com, Phone:(0674) 2571185**

**Bid Identification No. 05/OWSSB OF 2018-19**

Member Secretary, OWSSB, Bhubaneswar invites bids for construction of Septage Treatment Facilities at following places in Odisha.

| Package No. | Name of Work | Estimated Cost (₹ in Crore) | Eligible Class of Contractor |
|---|---|---|---|
| 1. | Construction of Septage Treatment Facilities in Balangir, Titlagarh and Kantabhanji towns in Balangir District, Khariar town in Nuapada District and Bhawanipatna and Kesinga towns in Kalahandi District. | Rs. 9.95 | Super Class and Special Class |
| 2. | Construction of Septage Treatment Facilities in Barbil, Joda and Anandpur towns in Kendujhar District, Kamakshya nagar town in Dhenkanal District. | Rs. 6.81 | Super Class and Special Class |
| 3. | Construction of Septage Treatment Facilities in Hinjilcut, Asika, Sorada and Polasara towns in Ganjam District. | Rs. 5.83 | Special Class and 'A' Class |
| 4. | Construction of Septage Treatment Facilities in Jatani and Khorda, towns in Khorda District, Nimapada town in Puri District and Nayagarh town in Nayagarh District. | Rs. 5.30 | Special Class and 'A' Class |
| 5. | Construction of Septage Treatment Facilities in Jharsuguda, Belpahar, Brajrajnagar towns in Jharsuguda District and Sundargarh town in Sundargarh District. | Rs. 8.09 | Super Class and Special Class |
| 6. | Construction of Septage Treatment Facilities in Paradip, town in Jagatsinghpur District, Nilagiri and Jaleshwar towns in Balasore District and Basudebpur town in Bhadrak District. | Rs. 6.32 | Super Class and Special Class |

The notice can be viewed/downloaded from e-Procurement Portal of the State Govt i.e. https://tendersodisha.gov.in from **15.03.2019 (10.00 hrs IST) to 12.04.2019 (17.00 hrs IST).**

**Sd/- Member Secretary**

## OFFICE OF THE ROURKELA MUNICIPAL CORPORATION: ROURKELA
**INVITATION FOR BID**
**No. 4066/ Dated : 06.03.2019**
**Bid Identification No. : MC/RMC/21/18-19**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation Invites bids for works on percentage rate basis in single cover on online mode. Bid Identification No. MC/RMC/21/18-19 for 5 nos Electrical work with value of Rs. 4.25 to 49.65 lakh.

1. Bid documents will be available in website www.tendersorissa.gov.in from 07.03.2019.
2. Bids must be submitted on "online" on or before 16.03.2019 by 17.00 hours.
3. Hard copies of bid document must be submitted before 18.03.2019 upto 2.00 PM
4. Bids shall be opened at 4.00 PM on 18.03.2019 in the office of the undersigned in the presence of the bidders or their authorized agents.
5. Other details will be available in the website tendersorissa.gov.in

**Sd./- Municipal Commissioner, Rourkela Municipal Corporation**

## GOVERNMENT OF ODISHA
## OFFICE OF THE EXECUTIVE ENGINEER, BOLANGIR (R&B) DIVISION: BOLANGIR
## e - Procurement Notice
**Mail ID: - eepwd.bgr@rediffmail.com eepwd.bgr@gmail.com, Ph. No. 06652-232374**

**BID IDENTIFICATION No: BGR R&B/ 27/ 2018-19**
No.1374-B **No. 1073 // Dtd.02.03.2018**

1. The Executive Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work detailed in the table below from eligible contractors.
2. Nature of work : Building Work
3. No. of tender : 1 No. Building Work
4. Tender cost : Rs. 6,000/- (Tender paper cost )
5. Class of Contractor : "B" and "A" Class
6. Date & Time of sale & Receipt of Bids : From Dt.08.03.2019,11.00 A.M Dt. 23.03.2019 up to 5.00 P.M
7. Date of opening bid : Dt. 25.03.2019 at 11.30 A.M
8. The bidders have to participate in ONLINE bidding only. Further details can be seen from the **website:http://tendersodisha.gov.in.**

34028/11/0060/1819 **Sd./- Executive Engineer, Balangir (R&B) Division**

## GOVERNMENT OF ODISHA
**'e'-PROCUREMENT NOTICE**
## WORKS DEPARTMENT
**E-mail : ceroads.bbsr@gmail.com**
**Bid Identification No. CE-DPI & R-92/2018-19**

No.1378-B

| | | | |
|---|---|---|---|
| 1 | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road / Bridge works as mentioned below: | | |
| 2 | Nature of Work | : | Bridge work |
| 3 | No. of Work | : | 01 No |
| 4 | Tender Paper Cost | : | Rs. 10,000.00 |
| 5 | Class of Contractor | : | Super Class as noted against each work |
| 6 | Available of bid document in the website | : | From 10.00 A.M. of 18.03.2019 to 5.00 PM of 08.04.2019 |
| 7 | Date of opening of Bid | : | Dt. 09.04.2019 at 11.30 AM |
| 8 | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website. | | |

34117/11/0235/1819 **Sd./- Chief Engineer (DPI & Roads), Odisha**

## THE ASKA CO-OPERATIVE SUGAR INDUSTRIES LTD.
P.O.: Nuagam, (Aska) 761111, Dist.- Ganjam, Odisha State
Ph.: 06822-273464, 273465, 273737, Fax: 06822-273023
Email: askasugar@yahoo.co.in, GSTIN: 21AAAAT5989L1Z0

No. PUR./ 3553 & 3554 / Date: 27.02.2019

**QUOTATION CALL NOTICE**

The Aska Cooperative Sugar Industries Ltd., Aska invites sealed quotations from Manufacturer / Dealers / Suppliers having GSTIN for supply of (1) 200ML Empty Glass Bottles, (2) Alluminium ROPP Cap, (3) Corrugated Boxes, (4) Lable, (5) Industrial Adhesive Tape, (6) Industrial Adhesive Gum, (7) Ordinary Gum for its bottling unit. Manufacturer / Dealers / Suppliers are requested to give their offer with detail terms & conditions on or before 17 & 18.03.2019 & visit our website www.askasugar.com for details of the Quotation Call Notice.

*Sd./-*
*Managing Director*

## ଭୁବନେଶ୍ୱର ମହାନଗର ନିଗମ
ସଂଖ୍ୟା : ୭୧୨ ତା.୦୭.୦୩.୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମାଞ୍ଚଳରେ ଥିବା ୮ ଗୋଟି ବିଭିନ୍ନ ପାର୍କି ସ୍ଥଳକୁ ସ୍ୱଟ ଅକ୍ସନ୍ କରିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ତରଫରୁ ତା.୧୮.୦୩.୨୦୧୯ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ସ୍ଥିରିକୃତ କରାଯାଇଛି। ଯାହାର ସମସ୍ତ ବିବରଣୀ www.bmc.gov.in ରେ ଉପଲବ୍ଧ। ସମସ୍ତ ଅକ୍ସନ୍ ମହାନଗର ନିଗମ ଦକ୍ଷିଣ ପଶ୍ଚିମ ମଣ୍ଡଳର କାର୍ଯ୍ୟାଳୟ କକ୍ଷରେ ଚୟନ କରାଯିବ ।

ଏଣୁ ଯେଉଁ ବ୍ୟକ୍ତି ବିଶେଷମାନେ ଉକ୍ତ ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଛନ୍ତି, ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଧାର୍ଯ୍ୟ ଦିବସ ଓ ସମୟରେ ନିଜର ଦରଖାସ୍ତ ପ୍ରଦାନ କରିବା ସଙ୍ଗେସଙ୍ଗେ ୫% EMD ଆକାରରେ ଧାର୍ଯ୍ୟ ନିଲାମର ପରିମାଣ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଜମା କରିବେ । ଯଦିଓ କୌଣସି ନିଲାମ ଧାରୀ ଉକ୍ତ ନିଲାମରେ କୃତକାର୍ଯ୍ୟ ହୋଇ ତାଙ୍କର ନିବିଦା ଦର ପଇଠ ନକରନ୍ତି ତେବେ ତାଙ୍କ EMD ପରିମାଣ ବାଜ୍ୟାପ୍ତି କରାଯିବ ।

ଉପ ଆୟୁକ୍ତ,ଦକ୍ଷିଣ ପଶ୍ଚିମ ମଣ୍ଡଳ
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ




# ରାସ୍ତାର ରାଣୀ

ଏମାନେ ରାସ୍ତାର ରାଣୀ। ରାସ୍ତାରେ ବାଇକ୍ ଚଲାଇଗଲେ ଲୋକେ ଏମାନଙ୍କୁ ଗାଡ଼ି ଅଟକାଇ ଅନାନ୍ତି। ଯେଉଁ ବାଇକ୍ ଚଲାଇବାକୁ ଅନେକ ପୁରୁଷ ଭୟ କରନ୍ତି, ତାକୁ ଏମାନେ ବେଶ୍ ଆରାମରେ ଚଲାନ୍ତି। ୧୦୦, ୨୦୦ ସିସି ନୁହେଁ, ୮୦୦, ୧୦୦୦ ସିସି ବାଇକ୍ ଚଲାଇବା ଏମାନଙ୍କ ପାଇଁ ସାମାନ୍ୟ କଥା। ବୁଲେଟ୍, ହାର୍ଲେ ଡାଭିଡସନ୍, ଥଣ୍ଡରବାର୍ଡ, ଆଭେଞ୍ଜର୍ ଭଳି ବାଇକ୍ ଉପରେ ରାଜ୍ କରୁଥିବା ଏହି ମହିଳାମାନେ ହେଲେ ଆଜିର ରୋଡ୍ କୁଇନ୍। କେତେବେଳେ ଓଡ଼ିଶୀ ବେଶପୋଷାକରେ ତ କେତେବେଳେ ବାଇକର୍ ଜ୍ୟାକେଟ୍ ସହ ଏମାନେ ବାଇକ୍ ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ଝିଅ ଓ ମହିଳା ବାଇକ୍ ଚଲାଇବା ଆଜି ବି ସମାଜ ପାଇଁ ଅଗ୍ରହଣୀୟ ହୋଇଥିବା ବେଳେ ଏହି ମହିଳା ବାଇକର୍ ଗ୍ରୁପ୍ କିନ୍ତୁ ସବୁ ପ୍ରତିବନ୍ଧକ ଡେଇଁ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି। ଏହା କେବଳ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିନି, ବରଂ ମହିଳାମାନେ ଯେକୌଣସି କ୍ଷେତ୍ରରେ ସଫଳ ହୋଇପାରିବେ, ତାହା ପ୍ରମାଣିତ କରିଛି।

ବାଇକ୍ ମହିଳା କିମ୍ବା ପୁରୁଷଙ୍କ ମଧ୍ୟରେ ଭେଦଭାବ ଜାଣେନା, ତାହାକୁ ପ୍ରମାଣିତ କରିଛି 'ଓ୍ୱି ଦ ରୋଡ୍ କୁଇନ୍‌ସ' ବାଇକର୍ ଗ୍ରୁପ୍। ୨୦୧୮ ସେପ୍ଟେମ୍ବରରେ ଭୁବନେଶ୍ୱରର କେତେଜଣ ମହିଳାଙ୍କୁ ନେଇ ଗଢ଼ି ଉଠିଥିବା ଏହି ଅଲ୍ ଓ୍ୱମେନ୍ ବାଇକର୍ ଗ୍ରୁପ୍ କେବଳ ବାଇକ୍ ଚଲାଇବା ପାଇଁ ନୁହେଁ, ନିଜର ସାମାଜିକ କାମ ଲାଗି ଲୋକପ୍ରିୟତା ହାସଲ କରିଛି। ସାମାଜିକ ପ୍ରତିବନ୍ଧକକୁ ଡରି ଝିଅମାନେ ଆଜି ବି ବାପା ଓ ଭାଇଙ୍କ ବାଇକ୍‌କୁ ଲୁଚି ଛପି ଚଲାଉଥିବା ବେଳେ ବାଇକ୍ ଚଲାଇବା କୌଣସି ଅପରାଧ ନୁହେଁ, ଏହାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ବାଇକିଂ କମ୍ୟୁନିଟି ଅଫ୍ ଇଣ୍ଡିଆ(ବିସିଆଇ)ର ଓଡ଼ିଶା ମୁଖ୍ୟ ଥିବା ସଙ୍ଗୀତା ସାହୁ ଏହି ଗ୍ରୁପ୍ ଆରମ୍ଭ କରିଥିଲେ। ଏହାପରେ ଏହାସହ ଯୋଡ଼ିହୋଇଥିଲେ ବର୍ଷା ମଲ୍ଲିକ, ଦୀପାରାଣୀ ମହାକୁଡ଼ ଓ ସୋଫିଆ ଜାରିନ୍। ବର୍ତ୍ତମାନ ଗ୍ରୁପ୍‌ରେ ୯ଜଣ ସଦସ୍ୟ ଥିବାବେଳେ ସେମାନେ ଅଧିକରୁ ଅଧିକ ମହିଳାଙ୍କୁ ବାଇକ୍ ଚଲାଇବାକୁ ଉତ୍ସାହିତ କରୁଛନ୍ତି। କେବଳ ସେତିକି ନୁହେଁ, ବାଇକ୍ ଚଳାଇ ଶିଖି ନ ଥିବା ମହିଳାମାନଙ୍କୁ ସ୍ୱତନ୍ତ୍ର ଭାବେ ଟ୍ରେନିଂ ମଧ୍ୟ ଦେଉଛନ୍ତି। ନିୟମିତ ବ୍ୟବଧାନରେ ଗ୍ରୁପ୍ ଓ ସୋଲୋ ବାଇକ୍ ଟ୍ରିପ୍‌ରେ ଯାଉଛନ୍ତି। ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର ଆଦି ସ୍ଥାନକୁ ରାଇଡ୍‌ରେ ଯିବା ସହ ଆଗକୁ ଭାଇଜାଗ୍ ଟ୍ରିପ୍‌ରେ ଯିବାକୁ ଯୋଜନା ରଖିଛନ୍ତି ଏମାନେ। ବର୍ତ୍ତମାନ ସମୟରେ ବିଶ୍ୱରେ ମହିଳା ପାଇଲଟ୍ ଅଧିକ ଥିବାବେଳେ ଭାରତରେ ମହିଳାମାନେ ମିଗ୍ ୨୧ ଭଳି ଫାଇଟର ଜେଟ୍ ମଧ୍ୟ ଉଡ଼ାଉଛନ୍ତି। ତେବେ ଏଭଳି କ୍ଷେତ୍ରରେ ଆମେ ସାଧାରଣ ବାଇକ୍ କ'ଣ ପାଇଁ ଚଲାଇପାରିବୁନି ବୋଲି ଏମାନେ ପ୍ରଶ୍ନ କରନ୍ତି। ନିଜ ପ୍ୟାସନକୁ ପ୍ରଥମେ ନିଜେ ଗ୍ରହଣ କର। ବାକି ଲୋକ ଓ ସମାଜ ଆପେ ଆପେ ତାହାକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଏଭଳି ବାର୍ତ୍ତା ନେଇ 'ଓ୍ୱି ଦ ରୋଡ୍ କୁଇନ୍‌ସ' ମହିଳା ସଶକ୍ତୀକରଣ କ୍ଷେତ୍ରରେ ବହୁପାଦ ଆଗରେ ରହିଛନ୍ତି। ତେବେ ସଙ୍ଗୀତା ସାହୁଙ୍କ ମତରେ– 'ଝିଅମାନେ ବାଇକ୍ ଚଲାଇଲେ ଯେଉଁମାନେ ସେମାନଙ୍କୁ ଉଦଣ୍ଡୀ ବୋଲି କହୁଛନ୍ତି, ତାହାକୁ ଆମେ ଭୁଲ୍ ପ୍ରମାଣିତ କରିବାକୁ ଚାହୁଁଛୁ। ଘର ସହ ଚାକିରି, ପିଲାଛୁଆଙ୍କୁ ସମ୍ଭାଳିବା ଏବଂ ଏହାପରେ ନିଜ ପ୍ୟାସନକୁ ଅନୁକରଣ କରିବା ଲାଗି ଆମେ ପ୍ରତି ମହିଳାଙ୍କୁ କହିବାକୁ ଚାହୁଁଛୁ'।

## ସମାଜ ଆମ ପାଇଁ ଦ୍ୱିତୀୟ ପରିବାର

କେବଳ ବାଇକ୍ ରାଇଡ୍ କରିବା ବଡ଼କଥା ବୋଲି ଏମାନେ ଭାବନ୍ତିନି କି କେବଳ ଆଡ୍‌ଭେଞ୍ଚର୍ ବାଇକିଂ କରିବା 'ଦ ରୋଡ୍ କୁଇନ୍‌ସ'ର ଲକ୍ଷ୍ୟ ନୁହେଁ। ଏହାସହ ସମାଜ ପାଇଁ କିଛି କରିବାକୁ ଏମାନେ ପ୍ରାଥମିକତା ଦିଅନ୍ତି। ପରିବେଶ ସୁରକ୍ଷାଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଦିଗ ପ୍ରତି ଲୋକଙ୍କୁ ସଚେତନ କରିବା କ୍ଷେତ୍ରରେ ଏହି ଗ୍ରୁପ୍ କାମ କରୁଛି। ଯେଉଁଥିପାଇଁ ଏହାର ଟ୍ୟାଗ୍‌ଲାଇନ୍ ରହିଛି, 'ବାଇକିଂ ବାଇ ପ୍ୟାସନ, ସୋସିଆଲ ଓ୍ୱାର୍କ ବାଇ କମ୍ପାସନ୍'। ସମାଜ ଏମାନଙ୍କ ଲାଗି ଦ୍ୱିତୀୟ ପରିବାର ବୋଲି 'ଓ୍ୱି ଦ ରୋଡ୍ କୁଇନ୍‌ସ'ର ପ୍ରତ୍ୟେକ ସଦସ୍ୟ ବିଶ୍ୱାସ କରନ୍ତି। ବାଇକ୍ ଚଳାଇ ପ୍ରଦୂଷଣ କରୁଥିବାରୁ ତାହାକୁ ଭରଣା କରିବା ବି ତାଙ୍କର କର୍ତ୍ତବ୍ୟ ବୋଲି ଭାବନ୍ତି। ତେଣୁ ଗ୍ରୁପ୍ ଆରମ୍ଭ ହେବାଠାରୁ ମାତ୍ର ୬ମାସରେ ସେମାନେ ୬୦୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଛନ୍ତି। 'ୟୋର୍ ମେସ୍, ୟୋର୍ ରେସ୍‌ପନ୍ସିବିଲିଟି' ଭଳି ଯେଉଁ ସ୍ଥାନକୁ ରାଇଡିଂରେ ଯାଆନ୍ତି, ସେଠାରେ ଗଛ ଲଗାନ୍ତି। କେବଳ ସେତିକି ନୁହେଁ, ଏସିଡ୍ ଆକ୍ରମଣ ରୋକିବାକୁ ଏସିଡ୍ ବିକ୍ରି ଉପରେ କିଭଳି ପ୍ରତିବନ୍ଧ ଲାଗିବ, ସେଥିପାଇଁ ଲୋକଙ୍କୁ ସଚେତନ କରାନ୍ତି। ୨୦୧୩ରୁ ଏସିଡ୍ ବିକ୍ରି ଉପରେ କଟକଣା ଲାଗିଥିଲେ ମଧ୍ୟ ଏହାକୁ କେହି ମାନୁନାହାନ୍ତି। ଏଭଳିସ୍ଥଳେ ସରକାରଙ୍କୁ ବିରୋଧ ନ କରି ନିଜେ କିଭଳି ଲୋକଙ୍କୁ ସଚେତନ କରିବେ, ସେଥିପାଇଁ ଚେଷ୍ଟା ଜାରି ରଖିଛନ୍ତି। ବାଇକିଂ କରି ଯେଉଁଠାକୁ ବି ଯାଆନ୍ତି, ସେଠାରେ ଏସିଡ୍ ବିକ୍ରି ନ କରିବା ଲାଗି ସ୍ଥାନୀୟ ଲୋକ ଓ ଦୋକାନୀଙ୍କୁ ବୁଝାନ୍ତି। ଏହାବ୍ୟତୀତ ଐତିହ୍ୟସ୍ଥଳୀର ସଂରକ୍ଷଣ ପାଇଁ ହେରିଟେଜ୍ ରାଇଡ୍, ବିଚ୍ କ୍ଲିନିଂ କ୍ୟାମ୍ପେନ୍ ଓ ଶହୀଦମାନଙ୍କ ସ୍ମୃତିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରନ୍ତି। ନିକଟରେ ପୁଲଓ୍ୱାମା ଆକ୍ରମଣରେ ଶହୀଦ ହୋଇଥିବା ୪୦ ଯବାନଙ୍କ ନାମରେ ସେମାନେ ନିଆଳିଠାରେ ୪୦ଟି ଗଙ୍ଗଶିଉଳି ଗଛ ଲଗାଇଛନ୍ତି। ପୁଲଓ୍ୱାମା ଶହୀଦ ସ୍ମୃତି ପାର୍କ ନାମରେ ଏହି ପାର୍କର ନାମକରଣ କରାଯାଇଛି। ପ୍ରତି ଗଛ ପ୍ରତ୍ୟେକ ଶହୀଦଙ୍କର ସ୍ମୃତିକୁ ବହନ କରୁଥିବା ବେଳେ ଗଙ୍ଗଶିଉଳି ଫୁଲର ବାସ୍ନାରେ ଲୋକେ ସେମାନଙ୍କ ବଳିଦାନକୁ ମନେପକାଇବା ପାଇଁ ଏହି ଗଛ ଲଗାଯାଇଛି ବୋଲି ଏମାନେ କୁହନ୍ତି।

ରିପୋର୍ଟ: **ସସ୍ମିତା ପାଇକରାୟ**

# କର୍କଟ ପୀଡ଼ିତ ପିଲାଙ୍କ ପାଇଁ ଦେବଦୂତ



ମନସ୍ୱିନୀ

ମନସ୍ୱିନୀ ପରିଡ଼ା। ପୁରୀ ଜିଲା ନିମାପଡ଼ା ଅଞ୍ଚଳର ଏହି ମହିଳା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ମେଡିକାଲ ଅନ୍‌କୋଲଜି ବିଭାଗରେ କାଉନ୍‌ସେଲର ଭାବେ କାର୍ଯ୍ୟ କରୁଛନ୍ତି। ପେସା କାଉନ୍‌ସେଲର ହେଲେ ବି ନିଶା ତାଙ୍କର ଛୋଟ ଛୋଟ ପିଲାଙ୍କ ପାଇଁ କିଛି କରିବା। କର୍କଟ ବିଶେଷ କରି ରକ୍ତ କର୍କଟ ଭଳି ଦୁରାରୋଗ୍ୟରେ ପୀଡ଼ିତ କୁନି କୁନି ପିଲାଙ୍କ ସେବାରେ ସେ ନିଜକୁ ଉତ୍ସର୍ଗ କରିଛନ୍ତି। କର୍କଟ ରୋଗର ଚିକିତ୍ସା ପାଇଁ ଡାକ୍ତରଖାନା ଆସୁଥିବା ପିଲାଙ୍କୁ କାଉନ୍‌ସେଲିଂ ସହ ରକ୍ତ ଯୋଗାଇଦେବା, ଚିକିତ୍ସାରେ ଅର୍ଥ ବାଧକ ସାଜୁଥିବା ରୋଗୀଙ୍କ ପାଇଁ ବିଭିନ୍ନ ସଂସ୍ଥା ଦ୍ୱାରା ଅର୍ଥର ବ୍ୟବସ୍ଥା ଦିଗରେ ସେ ସହଯୋଗର ହାତ ବଢ଼ାଇଥାଆନ୍ତି। ଏହାସହ ଖାଦ୍ୟପେୟ ସମ୍ପର୍କରେ ବୁଝିବା, ପିଲାଙ୍କ କେମୋଥେରାପି ସମ୍ପର୍କରେ ପରାମର୍ଶ ଦେବା, ରୁଟିନ୍ ଅନୁଯାୟୀ ଚେକ୍‌ଅପ୍ ନିମନ୍ତେ ଅବଗତ କରାଇବାକୁ ମଧ୍ୟ ସେ ନିଜର କର୍ତ୍ତବ୍ୟ ଭାବନ୍ତି। ସେହିଭଳି ସବୁଦିନ ପିଲାଙ୍କ ସୁବିଧା, ଅସୁବିଧା ପଚାରି ବୁଝିବାଠାରୁ ଆରମ୍ଭକରି ମାତାପିତାଙ୍କ ସହ ଯୋଗାଯୋଗ କରି ପିଲାଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରିବା ପର୍ଯ୍ୟନ୍ତ ସାହାଯ୍ୟ ସହଯୋଗ ସେ ଯୋଗାଇ ଦିଅନ୍ତି। ୨୦୧୩ରୁ ପ୍ରଥମେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ କୁନି କୁନି ପିଲାଙ୍କ ସେବା ଆରମ୍ଭ କରିଥିବା ମନସ୍ୱିନୀ ଆଜି ପର୍ଯ୍ୟନ୍ତ ୫୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଏଭଳି ନୀରବଚ୍ଛିନ୍ନ ଭାବେ ସେବା ଯୋଗାଇଆସିଥିବା କୁହନ୍ତି। ଭୁବନେଶ୍ୱର ଏମ୍ସରେ କାର୍ଯ୍ୟ କରିବା ପରେ ବି ଏସ୍‌ସିବି, ଏଲ୍‌ଭି ପ୍ରସାଦ, ଆଚାର୍ଯ୍ୟ ହରିହର କ୍ୟାନ୍‌ସର ଚିକିତ୍ସାଳୟ ଭଳି ଏକାଧିକ ହସ୍ପିଟାଲ ସହ ମିଶି ସେ ସେବା ଯୋଗାଇ ଦେଉଛନ୍ତି। ଭବିଷ୍ୟତରେ ଭୁବନେଶ୍ୱରରେ ବିଭିନ୍ନ ବ୍ୟକ୍ତି ଓ ସଂସ୍ଥା ସହଯୋଗରେ କର୍କଟ ପୀଡ଼ିତ ପିଲାଙ୍କ ନିମନ୍ତେ ସେଲ୍‌ଟର ହୋମ କରିବା ଲାଗି ନିଜର ଚେଷ୍ଟା ଜାରି ରଖିଛନ୍ତି। ଆଗକୁ ଏକ୍ଷେତ୍ରରେ କାମ କରି ଭୟାବହ କ୍ୟାନ୍‌ସର କବଳରୁ ଛୋଟ ପିଲାମାନେ କିପରି ମୁକୁଳିପାରିବେ, ସେ ନେଇ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାସହ ଏଥିରେ ଆକ୍ରାନ୍ତ ଶିଶୁକୁ କିପରି ସମ୍ପୂର୍ଣ୍ଣ ମାଗଣା ସେବା ଯୋଗାଇ ଦିଆଯାଇପାରିବ, ସେ ନେଇ ମଧ୍ୟ ଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି ମନସ୍ୱିନୀ।

ରିପୋର୍ଟ: **ରାଜୀବଲୋଚନ ପଣ୍ଡା**

LOKANATH JEWELLERS
Special Offer for Women's Day
BIS Halmark 916 Gold Making charges
FLAT ₹222/- per gm
Making charges free on Silver items
From 8th March to 15th March
150 (A), Ashok Nagar, Rajmahal Square, BBSR, Ph.: 0674-2530563

ORANE
INTERNATIONAL SCHOOL OF BEAUTY & WELLNESS
Celebrating Women's Month
ଓରେନ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲ, ଭୁବନେଶ୍ୱର
FREE DEMO CLASS
ORANEଦ୍ୱାରା ମହିଳାମାନେ ଦୁନିଆ ସହିତ ଯୋଡ଼ିବା ପାଇଁ ଏକ ପ୍ରୟାସ, ମହିଳା ଦିବସ ଉପଲକ୍ଷେ 40% ପର୍ଯ୍ୟନ୍ତ କୋର୍ସ ଫି ରିହାତି । SELECTED COURSE* ସହିତ ଏକ SMART PHONE* ଉପହାର।
(Worth Rs.19,990/-)*
*Terms & Conditions apply
ଆଡ୍‌ଭାନ୍ସ ଡିପ୍ଲୋମା
ହେୟାର । ବ୍ୟୁଟି । ମେକ୍‌ଅପ୍
Limited Seats
For Admission Call:
73288-24255, 73288-24260
Plot No.- 5, 3rd Floor, Santosh Plaza, Janpath, Satya Nagar, BBSR

DSPL - 487



ଆନ୍ତର୍ଜାତିକ ମହିଳା ଦିବସ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମହିଳା ସଶକ୍ତିକରଣ ଓଡ଼ିଶା ସରକାରଙ୍କ ପ୍ରାଥମିକତା । ବିକାଶ ପ୍ରକ୍ରିୟାରେ ମହିଳାମାନଙ୍କର ଯୋଗଦାନକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ପଞ୍ଚାୟତିରାଜ ସଂସ୍ଥା ଓ ମିଶନ ଶକ୍ତି କାର୍ଯ୍ୟକ୍ରମରେ ମହିଳାମାନେ ସେମାନଙ୍କ ନେତୃତ୍ୱର ଦକ୍ଷତା ପ୍ରତିପାଦନ କରିଛନ୍ତି । ଶିକ୍ଷା, କ୍ରୀଡ଼ା, ରାଜନୀତି, ପ୍ରଶାସନ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ପ୍ରଶଂସନୀୟ ସଫଳତା ହାସଲ କରୁଛନ୍ତି ।

ଆନ୍ତର୍ଜାତିକ ମହିଳା ଦିବସ–୨୦୧୯ ପାଳନ ଅବସରରେ ମୁଁ ରାଜ୍ୟର ମା'ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ରାଜ୍ୟର ସର୍ବାଙ୍ଗୀନ ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଅଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା।
33001/13/0033/1819

# ଇତିହାସରୁ...

## ମାର୍ଚ୍ଚ ୮

ସେଦିନ ଥିଲା ୧୮୩୮ ମସିହା ମାର୍ଚ୍ଚ ୮। ଆମେରିକାର ସେନେକା ଫଲସେର ଅଖ୍ୟାତ ଅଞ୍ଚଳରେ ଥିବା ଗୀର୍ଜାରେ ପ୍ରଥମ ନାରୀବାଦୀ ଆନ୍ଦୋଳନର ସୂଚନା ମିଳିଥିଲା। ସେଦିନ ବି ଥିଲା ରବିବାର। ଗୀର୍ଜାକୁ ଆସିଥିଲେ ଶହଶହ ମହିଳା। ପ୍ରାର୍ଥନା ସରିବା ପରେ ଏଲିଜାବେଥ କେଡି ଷ୍ଟ୍ୟାଟେନ୍ ନାମ୍ନୀ ଜଣେ ମହିଳା ନାରୀ ସମାଜକୁ ସଚେତନ କରିବା ପାଇଁ ଆଗେଇ ଆସିଥିଲେ। ବିଭିନ୍ନ କ୍ଷେତ୍ରରେ ନାରୀକୁ ତା'ର ଅଧିକାର ଦେବା ସହ ଭୋଟ ଦେବା ଅଧିକାର ହାସଲ କରିବା ଥିଲା ଏହି ନାରୀ ଆନ୍ଦୋଳନର ମୂଳଲକ୍ଷ୍ୟ। ଶ୍ୱେତାଙ୍ଗ ମହିଳାଙ୍କ ଏହି ଦୀର୍ଘ ସଂଗ୍ରାମ ଫଳରେ ଆମେରିକାର କେତୋଟି ରାଜ୍ୟର ମହିଳାମାନେ ସେମାନଙ୍କର ଅଧିକାର ହାସଲ କରିବାକୁ ସମର୍ଥ ହୋଇଥିଲେ। ୧୮୫୭ମାର୍ଚ୍ଚ ୮ ଦିନ ନ୍ୟୁୟର୍କର ଏକ ଲୁଗାମିଲ୍‌ରେ କାମ କରୁଥିବା ମହିଳା କର୍ମଚାରୀଙ୍କ ଦରମା ଓ ଦୈନିକ ୧୬ ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା କାମ କରିବା ଦାବିକୁ କେନ୍ଦ୍ରକରି ସଂପୃକ୍ତ ଅଞ୍ଚଳରେ ମହିଳାମାନେ ବିଶାଳ ଶୋଭାଯାତ୍ରା କରିବା ସହ ଆନ୍ଦୋଳନ କରିଥିଲେ। ଏହାକୁ ବିଶ୍ୱର ପ୍ରଥମ ମହିଳା ଆନ୍ଦୋଳନ ଆଖ୍ୟା ଦିଆଯାଇଛି। ଏହି ନାରୀ ଆନ୍ଦୋଳନର ସୂତ୍ରପାତ ହେବା ପରେ ଏହା ସମଗ୍ର ନାରୀ ସମାଜକୁ ଉଦ୍‌ବୁଦ୍ଧ କରିଥିଲା। ପରବର୍ତ୍ତୀ ସମୟରେ ଏହା ବହୁ ଐତିହାସିକ ଆନ୍ଦୋଳନକୁ ଇନ୍ଧନ ଯୋଗାଇଥିଲା। ଏଥିରେ ଉଦ୍‌ବୁଦ୍ଧ ହୋଇ ଜର୍ମାନୀର ଷ୍ଟୁଆର୍ଟ ଗାର୍ଟେ ସହରରେ ୧୯୦୭ ମସିହା ଏହି ଦିନରେ ନାରୀ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନରେ ପ୍ରମୁଖ ନେତ୍ରୀ କ୍ଲାରା ଜେଟ୍‌କିନ୍ ପୁରୁଷ ପ୍ରଧାନ ଏହି ନିରଙ୍କୁଶ ସମାଜ ବିରୋଧରେ ଜୋରଦାର ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ଆନ୍ଦୋଳନକୁ ସମଗ୍ର ବିଶ୍ୱରେ କ୍ଲାରା ଜେଟ୍‌କିନ୍‌ଙ୍କ'' ଭୋଟ ଫର ଓମ୍ୟାନ'' ଦାବି ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ। ସେହିଭଳି ୧୯୦୮ ମସିହା ଏହି ଦିନରେ ରାଜନୈତିକ ଓ ସାମାଜିକ ଅଧିକାର ପାଇବା ଲାଗି ନ୍ୟୁୟର୍କରେ ଏକ ସଭା ଡକାଯାଇଥିଲା, ଯେଉଁ ସଭାରେ କେବଳ ପ୍ରବଳ ଜନସମାଗମ ହୋଇ ନ ଥିଲା। ଏହା ଆନ୍ଦୋଳନକୁ ମଧ୍ୟ ସାଫଲ୍ୟ ଆଣି ଦେଇଥିଲା। ୧୯୧୦ ମାର୍ଚ୍ଚ ୮ରେ୧୭ଟି ପ୍ରମୁଖ ରାଷ୍ଟ୍ରର ମହିଳା ପ୍ରତିନିଧିଙ୍କୁ ନେଇ ପ୍ରଥମ ଥର ପାଇଁ ବିଶ୍ୱସ୍ତରୀୟ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମାର୍ଚ୍ଚ ୮ ତାରିଖକୁ ମହିଳା ଦିବସ ରୂପେ ପାଳନ କରାଯିବାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ବିଶ୍ୱବାସୀଙ୍କୁ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଅଭିହିତ ହେବା ପାଇଁ ନିବେଦନ କରାଯାଇଥିଲା। ତେବେ ୧୯୭୫ରେ ମାର୍ଚ୍ଚ ୮କୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପ୍ରଥମ ଥର ଲାଗି ମିଳିତ ଜାତିସଂଘ ପକ୍ଷରୁ ପାଳନ କରାଯାଇଥିଲା।










DSPL - 487



ଆନ୍ତର୍ଜାତିକ ମହିଳା ଦିବସ ଅବସରରେ
ବାର୍ତ୍ତା

ଆନ୍ତର୍ଜାତିକ ମହିଳା ଦିବସ–୨୦୧୯ ପାଳନ ଉପଲକ୍ଷେ ମୁଁ ଓଡ଼ିଶାର ସମସ୍ତ ମା ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ସେମାନଙ୍କର ସର୍ବାଙ୍ଗୀନ ଅଭିବୃଦ୍ଧି କାମନା କରୁଅଛି ।

(ପ୍ରଫୁଲ୍ଲ ସାମଲ)
ମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା।
33001/13/0033/1819

# ଆଶାୟୀଙ୍କ ଭିଡ଼ ସବୁ ଦଳ ପାଇଁ କଣ୍ଟା

**ବାଲେଶ୍ୱର ଅଫିସ, ୭।୩ (ମାନସ ବିଶ୍ୱାଳ):** ସାଧାରଣ ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ସବୁ ରାଜନୈତିକ ଦଳ ଆଗୁଆ ପ୍ରସ୍ତୁତି ଜାରି ରଖିଛନ୍ତି। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସରେ ବଳ କଷାକଷି ଜୋର ଧରିଥିବାରୁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଓଡ଼ିଶା ବିଧାନସଭା ୩୮ ନମ୍ବର କ୍ଷେତ୍ର ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବଡ଼ ବଡ଼ ହୋର୍ଡିଂ, ବ୍ୟାନର ଲଗାଯାଇ ସଭା, ସମାବେଶ କରାଯାଉଛି। ୩ ପ୍ରମୁଖ ଦଳରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀମାନେ ଲବି ଚଳାଇଛନ୍ତି। ସବୁ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ଦଳ ପାଇଁ କଣ୍ଟା ସାଜିବ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସରେ ଆଭ୍ୟନ୍ତରୀଣ କନ୍ଦଳ ଓ ଅସ୍ଥିରତା ଲାଗି ରହିଥିବା ବେଳେ ଶାସକ ବିଜେଡିରେ ଅଧିକ ସଂଖ୍ୟାରେ ଆଶାୟୀ ଟିକେଟ ଦୌଡରେ ନିଜକୁ ସାମିଲ କରିଛନ୍ତି। ଭାଜପାର ସ୍ଥିତି ଏକପ୍ରକାର ସ୍ଥିର ଥିବା ଦଳ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିଥିବା ସୂଚନା ମିଳୁଛି। ସଦର ନିର୍ବାଚନମଣ୍ଡଳୀ ବାଲେଶ୍ୱର ଲୋକ ସଭା ଆସନର ପ୍ରମୁଖ କ୍ଷେତ୍ର ଭାବେ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ୨୦୧୯ ସାଧାରଣ ନିର୍ବାଚନ ଲଢିବା ଲାଗି ବିଜେଡିରେ ଏକାଧିକ ଆଶାୟୀ ପ୍ରାର୍ଥୀ ନିଜ ସମର୍ଥକଙ୍କୁ ଧରି ସଭା, ସମାବେଶ ଜାରି ରଖିଛନ୍ତି। ବିଭିନ୍ନ ସ୍ଥାନରେ ଆଶାୟୀଙ୍କ ଫଟୋ ଥିବା ହୋର୍ଡିଂ ଦେଖିବାକୁ ମିଳୁଛି। ଅନୁରୂପ ଭାଜପା ଓ କଂଗ୍ରେସ ମଧ୍ୟ ପଛରେ ପଡିନାହାନ୍ତି। ଏସବୁ ଦଳର ଟାଣୁଆ ନେତା ଓ ଆଶାୟୀ ପ୍ରାର୍ଥୀଙ୍କୁ ନେଇ କର୍ମୀ ମହଲରେ ନାନା ଚର୍ଚ୍ଚା ହେଉଛି। ଆଶାୟୀମାନେ ଟିକେଟ ପାଇବାରୁ ବଞ୍ଚିତ ହେଲେ ଦଳ ପାଇଁ ଭିନ୍ନ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି ବୋଲି ପୁରୁଖା ନେତାମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।




ବାଲେଶ୍ୱର ଲୋକ ସଭା ଆସନ ଅଧୀନ ସଦର ନିର୍ବାଚନମଣ୍ଡଳୀକୁ ବିଜେଡି ୨୦୦୯ରୁ ଏଯାଏ ନିଜ ଅକ୍ତିଆରରେ ରଖିଆସିଛି। ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଭାବରେ ରହିଛି ଭାଜପା। ବିଜେଡିରୁ ଜୀବନ ପ୍ରଦୀପ ଦାସ ୨୦୦୯ ଏବଂ ୨୦୧୪ରେ ବିଜୟୀ ହୋଇଥିବାରୁ ସେ ଟିକେଟ୍ ଆଶାରେ ରହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ହାର ବୃଦ୍ଧି ଭାଜପାର ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଛି। ଅନ୍ୟପକ୍ଷେ ରାଜନୈତିକ ସମୀକରଣ ବଦଳାଇବା ଆଶାରେ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଚାଲିଛି।

୨୦୦୪ରେ ସଦର ନିର୍ବାଚନମଣ୍ଡଳୀରୁ ଓଜିପି (ଓଡ଼ିଶା ଗଣ ପରିଷଦ- ତାଲା ଚାବି ଚିହ୍ନ) ପ୍ରାର୍ଥୀ ଅରୁଣ ଦେ ବିଜୟୀ ହୋଇଥିଲେ। ଭାଜପାରେ ଥିବା ବେଳେ ଜୀବନ ପ୍ରଦୀପ ଦାସ ୨୦୦୦ ରେ ଏହି ଆସନରୁ ବିଜୟୀ ହୋଇଥିଲେ। ୧୯୫୧ ମସିହାରୁ ଅନୁଷ୍ଠିତ ହୋଇ ଆସୁଥିବା ବିଧାନସଭା ନିର୍ବାଚନରେ କଂଗ୍ରେସ ୪ଥର, ପ୍ରଜା ସୋସିଆଲିଷ୍ଟ ପାର୍ଟି ୨ଥର, ସିପିଆଇ ୩ଥର, ଜନତା ପାର୍ଟି ଥରେ, ସ୍ୱାଧୀନ ଥରେ, ଭାଜପା ଥରେ, ଓଜିପି ଥରେ ଏବଂ ବିଜେଡି ପ୍ରାର୍ଥୀ ୨ ଥର ବିଜୟୀ ହୋଇଛନ୍ତି। ୨୦୧୪ ନିର୍ବାଚନରେ ଲୋକସଭା ଏବଂ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କର ବିଜୟ କାରଣରୁ ଦଳ ଭଲ ସ୍ଥିତିରେ ଥିବା ବିଚାର କରୁଛି। ଏଥି ସକାଶେ ଦଳରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ଲମ୍ବାଲାଇନ୍ ଲାଗିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟ୍ ବୃଦ୍ଧି ବିଜେଡି ନେତାଙ୍କୁ ଚିନ୍ତାରେ ପକାଇଥିଲା। ଏହି କାରଣରୁ ଏଥର ବିଧାୟକଙ୍କ ଟିକେଟ କଟିଯାଇପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ବିଧାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ଦଳର ଅଳ୍ପ କିଛି ଭୋଟ୍ ହାର କମିଥିଲା, ତାହା ସେପରି କିଛି ପ୍ରଭାବ ପକାଇବ ନାହିଁ। ଏଠାରେ ଦଳର ବିଜୟ ନିଶ୍ଚିତ। ବ୍ରିଟ୍ ଚେୟାରମ୍ୟାନ୍ ଗୌରୀ ରାଉତ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଶ୍ରମିକ ନେତା ଅରୁଣ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ରଘୁନାଥ ଲେଙ୍କା, ବିଜେଡି ଟାଉନ ସଭାପତି ସ୍ୱରୂପ ଦାସ ପ୍ରମୁଖ ଟିକେଟ ଲବିରେ ସାମିଲ ଥିବା ଚର୍ଚ୍ଚା ହେଉଥିବାରୁ ଦଳରେ ଆଭ୍ୟନ୍ତରୀଣ ଉଷ୍ମତା ଲାଗି ରହିଛି। ଭାଜପା ଜିଲାସଭାପତି ମଦନମୋହନ ଦତ୍ତ ରେମୁଣା ବ୍ଲକ ଚେୟାରମ୍ୟାନ୍ ଏବଂ ଜିଲାପରିଷଦ ଉପାଧ୍ୟକ୍ଷ ହେବା ପରେ ୨୦୧୪ ବିଧାନସଭା ନିର୍ବାଚନ ଲଢିଥିଲେ। ସେ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଯୋଗିତା କରି ବିଜେଡିକୁ ଟକ୍କର ଦେଇଥିଲେ ବି ୯ ହଜାରରୁ ଅଧିକ ଭୋଟ୍‌ରେ ହାରି ଯାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ପୁନଶ୍ଚ ପ୍ରତିଦ୍ୱନ୍ଦ୍ୱିତା କରିବା ଏକପ୍ରକାର ସ୍ଥିର ହୋଇଛି। ଉକ୍ତ ନିର୍ବାଚନମଣ୍ଡଳୀରେ ଭାଜପାରୁ ଅନ୍ୟ କେତେଜଣ ପ୍ରତିଦ୍ୱନ୍ଦ୍ୱୀ ଥିବା କୁହାଯାଉଥିଲେ ମଧ୍ୟ ସେମାନଙ୍କ ସମ୍ପର୍କରେ ସେଭଳି ଚର୍ଚ୍ଚା ହେବା ଦେଖାଯାଉନାହିଁ। ପ୍ରମୁଖ ଆଶାୟୀ ପ୍ରାର୍ଥୀ ଦତ୍ତ କହିଛନ୍ତି, ୨୦୧୪ ବିଧାନସଭା ନିର୍ବାଚନରେ ସଦର ନିର୍ବାଚନମଣ୍ଡଳୀ ପଞ୍ଚାୟତଗୁଡ଼ିକରେ କୌଣସି ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡ଼ମେମ୍ବର ଭାଜପାର ନ ଥିଲେ। ଏହା ଦଳ ପାଇଁ ପରାଜୟର କାରଣ ହୋଇଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଧାନସଭା କ୍ଷେତ୍ରର ବହୁ ପଞ୍ଚାୟତରେ ଭାଜପା ପ୍ରାର୍ଥୀ ବିଜୟଲାଭ କରିଛନ୍ତି। ଏଣୁ ଦଳର ସ୍ଥିତି ବଦଳିଛି। ୧୯୮୫ ମସିହାରେ ଉକ୍ତ ନିର୍ବାଚନମଣ୍ଡଳୀରୁ ଗୋପ ନାରାୟଣ ଦାସ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ପରେ ଦୀର୍ଘ ୩୦ବର୍ଷ ଧରି କଂଗ୍ରେସ ଦଳ ଏଠାରୁ ପରାଜୟକୁ ସାମ୍ନା କରିଆସିଛି। ୨୦୧୪ ନିର୍ବାଚନରେ କଂଗ୍ରେସ ଦଳରୁ ଅରୁଣ ଦେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେତେବେଳେ ଦଳର ଅସନ୍ତୁଷ୍ଟ ଯୁବନେତା ମାନସ ଦାସପଟ୍ଟନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ଫଳରେ ଉଭୟ ନେତା ପରାଜିତ ହୋଇଥିଲେ। ଗୋଷ୍ଠୀକନ୍ଦଳ କାରଣରୁ ୨୦୧୭ ମସିହା ପଞ୍ଚାୟତ ନିର୍ବାଚନରେ ଦଳକୁ ସେପରି ସଫଳତା ମିଳି ନ ଥିଲା। ଆଗାମୀ ସାଧାରଣ ନିର୍ବାଚନ ଲଢିବା ପାଇଁ ଆଶାୟୀଙ୍କ ତାଲିକାରେ ମାନସ ଦାସପଟ୍ଟନାୟକଙ୍କ ନାମ ରହିଥିବା ଆଲୋଚନା ହେଉଛି। ୮ମାସ ପୂର୍ବରୁ ତାଙ୍କୁ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପଦବୀ ମିଳିଥିଲେ ମଧ୍ୟ କୌଣସି କାର୍ଯ୍ୟକ୍ରମରେ ସାମିଲ୍ ନ ହେବା ବାଧକ ସାଜିବ ବୋଲି କେତେକେ ଚର୍ଚ୍ଚା କରୁଛନ୍ତି। ସେହିପରି ଯୁବନେତା ବିକ୍ରମ ପଣ୍ଡା, ରାଜ୍ୟ ସମ୍ପାଦକ ସଞ୍ଜୀବ ଗିରି, ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା, ବେଣୁମାଧବ ପଣ୍ଡା, ଅର୍ଜିତ୍ ଘୋଷାଲ ପ୍ରମୁଖ ଦଳ ପକ୍ଷରୁ ଟିକେଟ ହାତେଇବାକୁ ଉଦ୍ୟମ ଜାରି ରଖିଛନ୍ତି।

୨୦୦୯ ସାଧାରଣ ନିର୍ବାଚନରେ ବାଲେଶ୍ୱର ଲୋକ ସଭା ଆସନରୁ ଶ୍ରୀକାନ୍ତ ଜେନା ବିଜୟୀ ହୋଇଥିବା ବେଳେ ୨୦୧୪ ଲୋକ ସଭା ନିର୍ବାଚନରେ ପରାସ୍ତ ହୋଇ ତୃତୀୟ ସ୍ଥାନରେ ଥିଲେ। ବିଜେଡି ଏହି ଆସନ ଅକ୍ତିଆର କରିଥିଲା। ଆଗାମୀ ସାଧାରଣ ନିର୍ବାଚନରେ ବାଲେଶ୍ୱର ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ଲାଗି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ଆଶାୟୀ ରହିଥିବା ଚର୍ଚ୍ଚା ହେଉଛି। ସେହିପରି ଲୋକ ସଭା ଆସନ ପାଇଁ ଅନ୍ୟ ପ୍ରମୁଖ ଦଳ ପକ୍ଷରୁ କାହାକୁ ଟିକେଟ ଦିଆଯିବ ତାହା ଏଯାବତ୍ ସ୍ଥିର ହୋଇ ନ ଥିବାରୁ ନାନା କଳ୍ପନାଜଳ୍ପନା ଲାଗି ରହିଛି।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଜୀବନ ପ୍ରଦୀପ ଦାସ | ୪୭,୬୧୫ |
| ଭାଜପା | ମଦନ ମୋହନ ଦତ୍ତ | ୩୭,୮୨୪ |
| କଂଗ୍ରେସ | ଅରୁଣ ଦେ | ୨୮,୬୫୦ |
| ସ୍ୱାଧୀନ | ମାନସ ରଞ୍ଜନ ଦାସ ପଟ୍ଟନାୟକ | ୨୪,୭୨୦ |

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଜୀବନ ପ୍ରଦୀପ ଦାସ | ୫୫, ୭୧୦ |
| ସ୍ୱାଧୀନ | ଅନୁପ କୁମାର ଦାସ | ୪୨,୨୨୦ |
| କଂଗ୍ରେସ | ଶୁଭଙ୍କର ମହାପାତ୍ର | ୧୧,୨୮୨ |
| ଭାଜପା | ସଞ୍ଜୟ କୁମାର ପାତ୍ର | ୭,୪୧୪ |


ଜୀବନ ପ୍ରଦୀପ ଦାସ


ମଦନ ମୋହନ ଦତ୍ତ


ବିକ୍ରମ ପଣ୍ଡା

# ଫୋକସରେ ମହିଳା କାର୍ଡ

**ଯାଜପୁର ଅଫିସ,୭।୩(ହର୍ଷବର୍ଦ୍ଧନ ବେହେରା/ ବାଞ୍ଛାନିଧି ସାହୁ):** ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ରାଜନୀତି ବେଶ୍ ରୋଚକ ସ୍ଥିତିରେ ରହିଛି। ଏହି ନିର୍ବାଚନମଣ୍ଡଳୀରେ ଶାସକ ଦଳର ଏକାଧିକ ମହିଳା ନେତ୍ରୀ ଟିକେଟ୍ ଆଶାରେ ରହିଛନ୍ତି। ଏଭଳିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ମହିଳା କାର୍ଡ ବିଧାୟକ ଦେବାଶିଷଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏହାବାଦ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଅନ୍ତରୀଣ କନ୍ଦଳ ରାଜନୈତିକ ଦୃଶ୍ୟପଟକୁ ଆନ୍ଦୋଳିତ କରୁଛି । ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପରେ ପରିବର୍ତ୍ତିତ ରୂପରେଖରେ ୪ର୍ଥ ଥର ନିର୍ବାଚନ ହେବାକୁ ଯାଉଛି। ୨୦୦୪ରେ ବରୀ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ରସୁଲପୁର ବ୍ଲକର ୧୦ ଓ ଯାଜପୁର ବ୍ଲକର ୮ଟି ଗ୍ରାମପଞ୍ଚାୟତକୁ ନେଇ ବରୀ ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହୋଇଛି । ପୂର୍ବରୁ କେନ୍ଦ୍ରାପଡ଼ା ଜିଲାର ଡେରାବିଶ ବ୍ଲକର ୧୮ଟି ପଞ୍ଚାୟତ ଏହି ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିଲା। ପ୍ରତିବର୍ଷ ବନ୍ୟା ଯୋଗୁ ଏହି ନିର୍ବାଚନମଣ୍ଡଳୀର ପ୍ରାୟ ୮୦ହଜାର ପରିବାର ପ୍ରଭାବିତ ହେଉଛନ୍ତି। ପ୍ରାୟ ୧୪ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେଉଥିବାବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ଆସୁଛନ୍ତି । ତେଣୁ ଚାଷୀ ଓ ଚାଷ ସଂକ୍ରାନ୍ତୀୟ ବିଷୟ ନିର୍ବାଚନକୁ ବେଶ୍ ପ୍ରଭାବିତ କରିପାରେ ବୋଲି ଏଠାରେ ମତପ୍ରକାଶ ପାଇଛି। ଗତ ୫ବର୍ଷ ମଧ୍ୟରେ ବରୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳରେ ଅନେକ ପରିବର୍ତ୍ତନ ହୋଇଛି। ଗତ ନିର୍ବାଚନରେ ଟକ୍କର ଦେଇଥିବା ବିଶ୍ୱରଞ୍ଜନ ଇତିମଧ୍ୟରେ ଭାଜପାରେ ଯୋଗ ଦେଇଛନ୍ତି । ଏପରି କି ଗତ ପଞ୍ଚାୟତ ନିର୍ବାଚନରେ ୨୯ ରୁ ୨୧ଟି ପଞ୍ଚାୟତର ସମିତି ସଭ୍ୟ ପଦବୀ ହାସଲ କରି ଭାଜପା ସମର୍ଥିତ ସମିତି ଗଠନ ସମ୍ଭବ ହୋଇପାରିଛି । ଯାହାକି ଏଠାରେ ବିଜେଡିକୁ ଶକ୍ତ ଧକ୍କା ଲାଗିଛି। କୃଷି ଓ କୃଷକଙ୍କୁ ଅବହେଳା ତଥା ବନ୍ୟା ମୁକାବିଲା କରିବାରେ ଅସମର୍ଥ ଗତ ପଞ୍ଚାୟତ ନିର୍ବାଚନରେ ବିଫଳତାର କାରଣ ବୋଲି କୁହାଯାଇଛି । ଦଳମତ ନିର୍ବିଶେଷରେ ଏଠାରେ ଶକ୍ତିଶାଳୀ ଚାଷୀ ସଂଗଠନ ଗଢି ଉଠିଛି । ଚାଷୀ ସଂଗଠନ ଯଦିଓ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପକ୍ଷଧର ହୋଇ ନାହିଁ, ତଥାପି ସଂଗଠନ ଓ ଏହାର ଆନ୍ଦୋଳନରେ ସାମିଲ ହୋଇଥିବା ରାଜନେତାଙ୍କ ପ୍ରତି ଚାଷୀ ମହଲରେ ସମର୍ଥନ ରହିଛି। ଅନ୍ୟପକ୍ଷେ ନିଜର ଜଣେ ଅତି ଘନିଷ୍ଠ ନେତାଙ୍କ ହାତରେ ବରୀବାସୀଙ୍କ ଭାଗ୍ୟ ଛାଡ଼ି ଦେଇଥିବାରୁ ବିଧାୟକଙ୍କ ଏକଚାଟିଆ କାରବାର ବହୁ ପୁରୁଖା ସଂଗଠକ ଓ କର୍ମକର୍ତ୍ତାଙ୍କୁ ବିଦ୍ରୋହୀ କରିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ମହିଳା କାର୍ଡରେ ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧକ୍ଷା ସୁଲତା ଦେଓ ଓ କଂଗ୍ରେସରୁ ଆସି ମିଶିଥିବା ଦଳର ମୁଖପାତ୍ର ସୁଲୋଚନା ଦାସ ରହିଛନ୍ତି। ଏହାବାଦ ବିଜେଡିର ସାଧାରଣ ସମ୍ପାଦକ ବିଜୟ ନାୟକ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। ବିଧାୟକ ଦେବାଶିଷ ନାୟକଙ୍କୁ ପଚାରିବାରେ କହିଛନ୍ତି, ସେ ଏନେଇ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି। ମୁଖପାତ୍ର ସୁଲୋଚନା ଦାସ କୁହନ୍ତି, ରାଜନୀତିରେ ନିଶ୍ଚୟ ଆଶା ରଖିବା ଉଚିତ। ଦଳର ସୁପ୍ରିମୋ ଯଦି ସୁଯୋଗ ଦିଅନ୍ତି ସେ ମଇଦାନକୁ ଓହ୍ଲାଇବେ। ଟିକେଟ ନ ମିଳିଲେ ବି ଦଳ ପାଇଁ ଅବିଚଳିତ ଭାବେ କାମ ଜାରି ରଖିବେ। ଅନ୍ୟତମ ମୁଖପାତ୍ର ସୁଲତା ଦେଓ କହିଛନ୍ତି ବରୀ ତାଙ୍କର ଜନ୍ମମାଟି। ବରୀର ସେବା କରିବାର ସୌଭାଗ୍ୟ ଯଦି ମିଳେ ନିଶ୍ଚିତ ଭାବେ ଠିଆ ହେବେ। ତେବେ ଟିକେଟ ନ ମିଳିଲେ ବି ବିଚଳିତ ହେବାର ଆବଶ୍ୟକତା ନାହିଁ। ବିଜୟ ନାୟକ କୁହନ୍ତି ବିଜେଡି ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ସଭାପତି ଯଦି ବରୀ ପାଇଁ ପ୍ରାର୍ଥୀ କରାନ୍ତି ନିଶ୍ଚିତ ଭାବେ ମଇଦାନରେ ଓହ୍ଲାଇବେ ବୋଲି କହିଛନ୍ତି। ସେହିପରି ମୟୂରଭଞ୍ଜ ଜିଲା ଯଶିପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ରହିଥିବା ମନୋଜ ନାୟକଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ମନୋଜଙ୍କ କହିବା ହେଲା, ସେ ଦୀର୍ଘବର୍ଷ ଧରି ବିଜେଡିର ସାଂଗଠନିକ ଦାୟିତ୍ୱ ତୁଲାଇ ଆସୁଛନ୍ତି। ବରୀ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ପାଇଁ ଆଶା ରହିଛି। ଯଦି ବି ଟିକେଟ ନ ମିଳେ ତଥାପି ଦଳ ପାଇଁ କାର୍ଯ୍ୟ ଜାରି ରହିବ।




ଏଠାରେ ଭାଜପାର ସାଂଗଠନିକ ସ୍ଥିତି ସୁଦୃଢ଼ ରହିଛି। ପଞ୍ଚାୟତ ସମିତି ଦଖଲ କରିବା ପରେ ବହୁ ନେତାକର୍ମୀ ଭାଜପା ଉପରେ ଭରସା ରଖିଛନ୍ତି । ତେବେ ଗତ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଦଳରେ ବିରାଟ ଫାଟ ସୃଷ୍ଟି ହୋଇଛି। ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ ଓବିସି ମୋର୍ଚ୍ଚାର ଉପସଭାପତି ଓ ରାଷ୍ଟ୍ରୀୟ ଓବିସି ମୋର୍ଚ୍ଚାର କାର୍ଯ୍ୟକାରୀ ସଦସ୍ୟ ଆଶୁତୋଷ ପରିଡା ଓ ତାଙ୍କ ସମର୍ଥକମାନେ ଏଥିରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଶୁତୋଷ ଓ ବିଶ୍ୱଙ୍କ ସମର୍ଥକଙ୍କ ମଧ୍ୟରେ ଭାଜପା ଦୁଇଫାଳ ହୋଇଯାଇଛି। ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ପରେ ବିଜେଡି ଓ ଭାଜପାରେ ଏଭଳି ଅନ୍ତର୍ଦ୍ୱନ୍ଦ୍ୱ ବିଦ୍ରୋହୀ ସଂଖ୍ୟାକୁ ବୃଦ୍ଧି କରିବା ନିଶ୍ଚିତ ବୋଲି ମନେହେଉଛି । ଭାଜପା ନେତା ବିଶ୍ୱ କହିଛନ୍ତି ଭାଜପା ତାଙ୍କୁ ନିଶ୍ଚିତ ଭାବେ ପ୍ରାର୍ଥୀ କରିବ। ଏହା ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ ବରୀ ଗ୍ରସ୍ତରେ ଆସି ଏକ ସଭାରେ ତାଙ୍କ ନାମ ଘୋଷଣା କରି ସାରିଛନ୍ତି। ଦଳ ପାଇଁ ନିଷ୍ଠାର ସହ କାମ କରୁଛନ୍ତି, ସେଥିପାଇଁ ଦଳ ଉପରେ ତାଙ୍କର ଭରସା ରହିଛି ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୂର୍ବତନ ଭାଜପା ଜିଲା ସଭାପତି ଆଶୁତୋଷ ପରିଡା କୁହନ୍ତି, ଭାଜପାରେ ଦୀର୍ଘ ୨୦ବର୍ଷ ହେବ କାମ କରି ଆସୁଛି। ଦଳ ଯେତେବେଳେ ଯାହା ନିଷ୍ପତ୍ତି ନେଇଛି ସେ ସୁଚାରୁରୂପେ ତୁଲାଇଛନ୍ତି। ପ୍ରାର୍ଥୀ ହେବାକୁ ସେ ଆଶା ରଖିଛନ୍ତି। ଦଳ ଯଦି ଟିକେଟ ଦିଏ ପ୍ରଶ୍ନର ଉତ୍ତରରେ ସେ ସମୟକୁ ଅପେକ୍ଷା କରିବାକୁ କହିଛନ୍ତି। ଅନ୍ୟଜଣେ ଭାଜପାର ଆଶାୟୀ ନେତା ପ୍ରଫୁଲ୍ଲ ଗିରି କୁହନ୍ତି, ସ୍ୱଚ୍ଛ ଭାରତ ଅଭିଯାନର ସଂଯୋଜକ ଭାବେ ସେ କାର୍ଯ୍ୟ କରୁଛନ୍ତି। ଦଳ ଯଦି ଟିକେଟ ଦିଏ ନିଶ୍ଚିତ ଭାବେ ମଇଦାନକୁ ଓହ୍ଲାଇବେ ।

ଗତ ନିର୍ବାଚନରେ କଂଗ୍ରେସ ଏଠାରେ ୪ର୍ଥ ସ୍ଥାନରେ ରହିଥିଲା । ଦଳର ସାଂଗଠନିକ ସ୍ଥିତିକୁ ସଜାଡିବାରେ କଂଗ୍ରେସ କର୍ମକର୍ତ୍ତା ଏବେ ଲାଗି ପଡ଼ିଛନ୍ତି। ତେବେ ନିର୍ବାଚନରେ ଆଶାୟୀଙ୍କ ଲମ୍ଫାଧାଡ଼ି ଲାଗିଛି । ବରୀରେ କଂଗ୍ରେସର ସଂଗଠନକୁ ମଜଭୁତ କରିବାରେ ଉମେଶ ଜେନା ପ୍ରମୁଖ ଭୂମିକା ନେଉଛନ୍ତି। ଦଳର କର୍ମକର୍ତ୍ତା ନିଶ୍ଚିତ ଭାବରେ ତାଙ୍କ କାର୍ଯ୍ୟକ୍ରମକୁ ଅନୁଭବ କରୁଛନ୍ତି। ଯଦି କଂଗ୍ରେସ ତାଙ୍କୁ ପ୍ରାର୍ଥୀ କରାଏ ନିଶ୍ଚୟ ଲଢିବେ। ନଚେତ୍ କଂଗ୍ରେସରେ ରହି କାର୍ଯ୍ୟ ଜାରି ରଖିବେ ବୋଲି ଉମେଶ କହିଛନ୍ତି । ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କୁହନ୍ତି ଦୀର୍ଘ ଦିନ ଧରି ଦଳରେ ରହି ବିଭିନ୍ନ କାର୍ଯ୍ୟକ୍ରମ ସହିତ ସାଂଗଠନିକ ଦାୟିତ୍ୱରେ ରହିଛନ୍ତି। ତେଣୁ ଟିକେଟ ମିଳିଲେ ନିର୍ବାଚନ ଲଢିବେ ଏବଂ ନ ମିଳିଲେ ବି କଂଗ୍ରେସ ପାଇଁ ଲଢେଇ ଜାରି ରଖିବେ। ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା କହିଛନ୍ତି,ଟିକେଟ ପାଇଁ ସେ ଆଗ୍ରହୀ ରହିଛନ୍ତି । ପ୍ରାର୍ଥୀ ହେଲେ ସେ ନିଶ୍ଚିତ ଭାବେ ଜୟଯୁକ୍ତ ହେବେ।


ବିଶ୍ୱ ରଞ୍ଜନ ମଲ୍ଲିକ


ଦେବାଶିଷ ନାୟକ


ସୁଲୋଚନା ଦାସ


ସୁଲତା ଦେଓ


ଉମେଶ ଜେନା

**ଭୋଟର ସଂଖ୍ୟା**

| | ୨୦୧୪ | ୨୦୧୯ |
|---|---|---|
| ପୁରୁଷ ଭୋଟର | ୧,୦୩,୮୪୬ | ୧,୧୧,୦୭୪ |
| ମହିଳା ଭୋଟର | ୮୭,୩୧୯ | ୯୬,୦୨୩ |
| ଅନ୍ୟାନ୍ୟ | ୨ | ୨ |
| ମୋଟ | ୧,୯୧,୧୬୭ | ୨୦୭୦୯୯ |

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଦେବାଶିଷ ନାୟକ | ୫୯,୮୦୦ |
| ସ୍ୱାଧୀନ | ବିଶ୍ୱରଞ୍ଜନ ମଲ୍ଲିକ | ୫୨,୬୨୭ |
| ଭାଜପା | ନୀଳମଣି ସାମଲ | ୯,୧୮୩ |
| କଂଗ୍ରେସ | ଗଗନ ଜେନା | ୭,୬୮୨ |

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଦେବାଶିଷ ନାୟକ | ୫୫,୮୪୨ |
| କଂଗ୍ରେସ | ନବକିଶୋର ସାମଲ | ୪୪,୦୭୫ |

# ବିଜେଡି, ଭାଜପାର ଗୋଷ୍ଠୀ କନ୍ଦଳ


ଅରୁଣ ସାହୁ


ଇରାନୀ ରାୟ


ମନୋଜ କୁମାର ସାହୁ


ରଞ୍ଜିତ ଦାସ

**ନୟାଗଡ଼ ଅଫିସ,୭।୩(ରଞ୍ଜନ କୁମାର ପ୍ରଧାନ):** ନୟାଗଡ଼ ଜିଲାର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ହେଉଛି ନୟାଗଡ଼। ଏଠାରୁ ୨୦୦୪ ମସିହାରୁ ଲଗାତର ୩ଥର ବିଧାୟକ ଭାବେ ଜିତିଆସୁଛନ୍ତି ବିଧାୟକ ଅରୁଣ କୁମାର ସାହୁ। ବିଧାୟକ ହେବା ପରେ ସେ ପଞ୍ଚାୟତିରାଜ, ଶକ୍ତି, ଆଇନ, ସୂଚନା ଓ ଲୋକସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ରାଜ୍ୟରେ ଜଣେ ଚର୍ଚ୍ଚିତ ନେତା ଭାବେ ମଧ୍ୟ ସେ ପରିଚିତ। ୨୦୧୯ ଷୋଡ଼ଶ ବିଧାନସଭା ନିର୍ବାଚନ ଜିତିବା ପାଇଁ ଅରୁଣ ଦିନ ରାତି ଏକ କରିଦେଇଛନ୍ତି। ଜନସାଧାରଣଙ୍କ ନିକଟତର ହେବା ପାଇଁ କେତେବେଳେ କ୍ରିକେଟ ଟୁର୍ନାମେଣ୍ଟ ତ ଆଉ କେତେବେଳେ ବିଭିନ୍ନ ସମାରୋହ କରିଆସୁଛନ୍ତି। ହେଲେ ଚଳିତ ନିର୍ବାଚନ ଜିତିବା ଅରୁଣଙ୍କ ପାଇଁ ବଡ଼ ଆହ୍ୱାନ ହେବ ବୋଲି ଆଲୋଚନା ହେଉଛି। ବିରୋଧୀମାନେ ତାଙ୍କୁ ହରାଇବା ପାଇଁ ସମସ୍ତ କୌଶଳ ଅବଲମ୍ବନ କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୟାଗଡ଼ର ଲାଠିପଡ଼ାରେ ଜବାବ୍ ମାଗୁଛି ନୟାଗଡ଼ ସଭା କରି ଅରୁଣ ସାହୁଙ୍କୁ ବିଭିନ୍ନ ପ୍ରସଙ୍ଗର ଜବାବ ମାଗିଥିଲେ। ସେହିପରି ପାରାଦୀପର ବିଧାୟକ ଡା. ଦାମୋଦର ରାଉତ ସହରସ୍ଥିତ ଦୁର୍ଗାମଣ୍ଡପଠାରେ ସଭା କରି ଅରୁଣଙ୍କ ଅତୀତ ବଖାଣିଥିଲେ। ସାଧାରଣ ଲୋକେ ନିର୍ବାଚନ ସମୟରେ ଏହାର ଜବାବ ଦେବେ ବୋଲି ଗାଁ ଗାଁରେ ଚର୍ଚ୍ଚା ହେଉଛି। ସେହିଭଳି ବିଧାୟକଙ୍କ ବିରୋଧୀ ଗୋଷ୍ଠୀ ନିର୍ବାଚନରେ ତାଙ୍କ ପାଇଁ କଣ୍ଟା ସାଜିପାରନ୍ତି। ବିଧାୟକ ସାହୁ ନୟାଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ ବରାଡ଼ଙ୍କୁ ଗତ ପଞ୍ଚାୟତ ନିର୍ବାଚନରେ ସମର୍ଥନ ନ କରିବାରୁ ସେ ଓ ଅନ୍ୟ କେତେଜଣ ବିଜେଡି ନେତା ବିରୋଧୀ ଗୋଷ୍ଠୀ କରିଛନ୍ତି। ନିର୍ବାଚନରେ ଏହା ଅରୁଣଙ୍କ ପାଇଁ ମହଙ୍ଗା ହୋଇପାରେ। ବିଧାୟକ ସାହୁଙ୍କୁ ଏଥର ଟିକେଟ ମିଳି ନ ପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ତାଙ୍କ ବଦଳରେ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନାମ ଚର୍ଚ୍ଚା ହେଉଛି। ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ନୟାଗଡ଼ ନିର୍ବାଚନମଣ୍ଡଳୀରୁ ଟିକେଟ ପାଇବା ପାଇଁ ଲବିରେ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ପ୍ରତ୍ୟୁଷା ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡିର କିଛି ବିଦ୍ରୋହୀ ଲୋକଙ୍କୁ ଏକାଠି କରି ନିଜର ପତିଆରା ବୃଦ୍ଧି କରୁଥିଲେ। ହେଲେ ପାଖାପାଖି ୬ମାସ ହେଲା ନୟାଗଡ଼ ନିର୍ବାଚନମଣ୍ଡଳୀରେ ତାଙ୍କ ପାଦ ପଡୁନାହିଁ।




ବିଧାୟକ ସାହୁ କୁହନ୍ତି, ଦଳର ସେ ଜଣେ ଶୃଙ୍ଖଳିତ କର୍ମୀ। ଦଳ ଯାହା ନିଷ୍ପତ୍ତି ନେବ ତାହାକୁ ସେ ପାଳନ କରିବେ। ଭାଜପାରୁ ଲାଲା ମନୋଜ ରାୟଙ୍କ ସ୍ତ୍ରୀ ଇରାନୀ ରାୟ ଠିଆ ହେବା ନେଇ ଏକପ୍ରକାର ନିଶ୍ଚିତ। ଲାଲା ମନୋଜ ୨୦୧୪ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ୫୪,୬୭୧ ଖଣ୍ଡ ଭୋଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବର୍ତ୍ତମାନ ସେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ଚଳିତଥର ସେ ନିଜେ ଠିଆ ନ ହୋଇ ସ୍ତ୍ରୀ ଇରାନୀ ରାୟଙ୍କୁ ମଇଦାନକୁ ଆଣିଛନ୍ତି। ଭାଜପାରେ ଯୋଗଦାନ ପରେ ଇରାନୀ ଗାଁ ଗାଁରେ ବୁଲି ଲୋକଙ୍କ ସାଙ୍ଗରେ ମିଶି ସଙ୍ଗଠନ ଦୃଢ଼ କରିବାରେ ଲାଗିଛନ୍ତି। ଇରାନୀ ରାୟ କହନ୍ତି, ନୟାଗଡ଼ବାସୀଙ୍କ ଲାଗି କିଛି କରିବା ପାଇଁ ରାଜନୀତିକୁ ଓହ୍ଲାଇଛି। ବର୍ତ୍ତମାନ ଲୋକ ପରିବର୍ତ୍ତନ ଚାହୁଁଥିବା ବେଳେ ତାଙ୍କୁ ନୟାଗଡ଼ବାସୀ ବିପୁଳ ଭୋଟରେ ଜିତାଇବେ ବୋଲି ସେ ଆଶାବାଦୀ ଅଛନ୍ତି। ସେହିଭଳି ଭାଜପାର କିଛିଟା ଗୋଷ୍ଠୀକନ୍ଦଳ ଇରାନୀ ରାୟଙ୍କ ପାଇଁ ମହଙ୍ଗା ହୋଇପାରେ। ଭାଜପାରୁ ନିଲମ୍ବିତ ହୋଇଥିବା ଯୁବନେତା ସନ୍ତୋଷ ପ୍ରଧାନ ଓ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ଜେନା ଇରାନୀଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରନ୍ତି। କଂଗ୍ରେସ ବିଧାୟକ ସୀତାକାନ୍ତ ମିଶ୍ରଙ୍କ ପରେ ୧୯୯୫ ମସିହାରୁ ଜିଲାରେ କଂଗ୍ରେସର ଛାପ ଦେଖିବାକୁ ମିଳିନାହିଁ। କଂଗ୍ରେସର ସ୍ଥିତି ସେଭଳି ମଜଭୁତ ନ ଥିବାବେଳେ ଜିଲା ସଭାପତି ରଣଜିତ୍ ଦାଶ କଂଗ୍ରେସକୁ ଜିତାଇବା ପାଇଁ ଲାଗିପଡ଼ିଛନ୍ତି। ରଣଜିତ୍ ଛାତ୍ର ଜୀବନରୁ କଂଗ୍ରେସ ସହିତ ରହିଆସିଥିବା ବେଳେ ବର୍ଷେ ତଳେ ଜିଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରସଙ୍ଗକୁ ଅସ୍ତ୍ର କରି କେତେବେଳେ ରାସ୍ତାରୋକୋ ତ ଆଉ କେତେବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଛନ୍ତି। କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ମନୋଜ ସାହୁ ନିଜର ଦାୟିତ୍ୱ ତୁଲାଇ ଆସୁଛନ୍ତି। ଜିଲା ସଭାପତି ରଣଜିତ୍ ଦାଶ ଓ କାର୍ଯ୍ୟକାରୀ ସଭାପତି ସାହୁ କଂଗ୍ରେସ ଦଳରୁ ଟିକେଟ ପାଇବା ନେଇ ଆଶାବାଦୀ ଅଛନ୍ତି। ରଣଜିତ୍‌ଙ୍କ କହିବାନୁସାରେ ସେ ଛାତ୍ର ଜୀବନରୁ କଂଗ୍ରେସ ସହିତ ରହିଆସିଥିବାରୁ ଦଳ ତାଙ୍କୁ ନିଶ୍ଚିତ ଟିକେଟ ଦେବ। ନିର୍ବାଚନମଣ୍ଡଳୀର ସମସ୍ୟା ଓ କୃଷି ଋଣ ଛାଡ଼କୁ ଅସ୍ତ୍ର କରି ସେ ନିର୍ବାଚନ ବୈତରଣୀ ପାର ହେବେ ବୋଲି ଆଶା ରଖିଛନ୍ତି।

**ନିର୍ବାଚନ ମଣ୍ଡଳୀ ରୂପରେଖ**

ନୟାଗଡ଼ ପୌରାଞ୍ଚଳ, ଓଡ଼ଗାଁ ଏନ୍‌ଏସି, ନୟାଗଡ଼ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ଓଡ଼ଗାଁର ୧୮ ପଞ୍ଚାୟତକୁ ନେଇ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୨,୬୧,୦୫୨। ୨୦୧୯ ଭୋଟର ତାଲିକା ଅନୁଯାୟୀ ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨,୧୮,୮୧୨ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୧,୧୬,୦୦୬ ଜଣ ପୁରୁଷ, ୧,୦୨,୭୯୭ ଜଣ ମହିଳା ଓ ଅନ୍ୟାନ୍ୟ ବର୍ଗର ୯ଜଣ। ୨୦୧୪ ନିର୍ବାଚନରେ ମତଦାନ ହାର ୭୪.୧୫% ରହିଥିଲା। ବିଜେଡି ୫୨.୭୮% ଭୋଟ ପାଇଥିବାବେଳେ କଂଗ୍ରେସ ୩୮.୨% ଓ ଭାଜପା ମାତ୍ର ୫.୨୫ % ଭୋଟ ହାତେଇଥିଲା। ୨୦୦୯ ନିର୍ବାଚନରେମତଦାନହାରଥିଲା୬୭.୭୪% ।ବିଜେଡି୫୪.୨୫%ଭୋଟପାଇଥିବାବେଳେସ୍ୱାଧୀନ ପ୍ରାର୍ଥୀସ୍ୱର୍ଗତହେମେନ୍ଦ୍ରଚନ୍ଦ୍ରସିଂ୩୨.୧୫%,ଭାଜପା୩.୯୪%ଓକଂଗ୍ରେସ୩.୨୧%ଭୋଟପାଇଥିଲା।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଅରୁଣ କୁମାର ସାହୁ | ୭୫,୫୩୮ |
| କଂଗ୍ରେସ | ଲାଲା ମନୋଜ ରାୟ | ୫୪,୬୭୧ |
| ଭାଜପା | ପ୍ରଦୀପ୍ତ ଜେନା | ୭,୫୨୧ |

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଅରୁଣ କୁମାର ସାହୁ | ୬୭,୧୦୦ |
| ସ୍ୱାଧୀନ | ହେମେନ୍ଦ୍ର ଚନ୍ଦ୍ର ସିଂହ | ୩୯,୭୫୯ |
| ଭାଜପା | ଯୁଗାଂଶୁ ଶେଖର ପଣ୍ଡା | ୪,୮୭୮ |

$ Dollar 28 70.00 | Sensex 89.32 36,725.42 | Nifty 5.20 11,058.20 | Gold ₹360 33,070.00 | Silver ₹520 38,980.00



“ ୨୦୧୪ ପରଠାରୁ ୬୪ ନିୟୁତ ରୁପେ କାର୍ଡ ଜାରି କରାଯାଇଛି। ଅନ୍ତର୍ଜାତୀୟ ଆଦୃତି ଉପରେ କାର୍ଯ୍ୟକ୍ରମ ଜାରି ରହିଛି।
– ପ୍ରବୀଣା ରାଏ, ଏନପିସିଆଇ, ସିଓଓ



“ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ଗତ କିଛି ବର୍ଷ ଧରି ଦେଶର ମର୍ଚ୍ଚାଣ୍ଡାଇଜ ରପ୍ତାନିରେ ବିଶେଷ ବୃଦ୍ଧି ଘଟିଛି।
– ସୁରେଶ ପ୍ରଭୁ, ବାଣିଜ୍ୟ ମନ୍ତ୍ରୀ

# ମହିଳାଙ୍କ ବେତନ ପୁରୁଷଙ୍କଠାରୁ କମ୍

**ଏମ୍ଏସଆଇ ରିପୋର୍ଟ**
- ୨୦୧୮ରେ ମହିଳାଙ୍କୁ ମିଳିଛି ୧୯% କମ୍ ଦରମା
- ପୁରୁଷଙ୍କୁ ପ୍ରତି ଘଣ୍ଟାରେ ୪୬.୧୯ ଟଙ୍କା ଅଧିକ ମିଳିଥିଲା

ନୂଆଦିଲ୍ଲୀ,୭-୩

ସମାଜରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଭେଦଭାବ ଦୂର ଲାଗି ପ୍ରତିବର୍ଷ ବିଶ୍ୱରେ ମହିଳା ଦିବସ ପାଳନ କରାଯାଉଛି। ଶୁକ୍ରବାର ସାରା ଦେଶ ଏହା ପାଳନ କରିବ। କିନ୍ତୁ ସଦ୍ୟ ପ୍ରକାଶିତ ମନଷ୍ଟର ସାଲାରି ଇଣ୍ଡେକ୍ସ(ଏମ୍ଏସ୍ଆଇ) ରିପୋର୍ଟ ଅନୁଯାୟୀ ଭାରତରେ ୨୦୧୮ ସୁଦ୍ଧା ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କୁ ପୁରୁଷଙ୍କ ତୁଳନାରେ କମ୍ ବେତନ ମିଳିଛି।

ଶୁକ୍ରବାର ବିଶ୍ୱ ମହିଳା ଦିବସ ପାଳନ ହେବାକୁ ଯାଉଥିବା ବେଳେ ଏହାର ପୂର୍ବ ଦିନ ପ୍ରକାଶିତ ମନଷ୍ଟର ସାଲାରି ଇଣ୍ଡେକ୍ସ ରିପୋର୍ଟ ସମସ୍ତଙ୍କୁ ଚକିତ କରିଛି। ରିପୋର୍ଟ ଅନୁଯାୟୀ ଦେଶରେ ୨୦୧୮ରେ ମହିଳାଙ୍କୁ ପୁରୁଷଙ୍କ ତୁଳନାରେ ୧୯% କମ୍ ବେତନ ମିଳିଛି ଅର୍ଥାତ୍ ମହିଳାଙ୍କ ତୁଳନାରେ ପୁରୁଷମାନେ ପ୍ରତି ଘଣ୍ଟାରେ ୪୬.୧୯ ଟଙ୍କା ଅଧିକ ଦରମା ପାଇଛନ୍ତି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୮ରେ ଦେଶରେ ପୁରୁଷଙ୍କୁ ହାରାହାରି ପ୍ରତି ଘଣ୍ଟା ୨୪୨.୪୯ ଟଙ୍କା ବେତନ ମିଳିଥିବା ବେଳେ ମହିଳାଙ୍କୁ ସମାନ ସମୟ ପାଇଁ ୧୯୬.୩ ଟଙ୍କା ମିଳିଛି। କେତେକ ବଡ଼ ଉଦ୍ୟୋଗରେ ଏହି ଭେଦଭାବ ଅତ୍ୟଧିକ ବୋଲି ଇଣ୍ଡେକ୍ସରୁ ଜଣାପଡ଼ିଛି। ସେହିପରି ଆଇଟି/ଆଇଟିଇଏସ୍ ସର୍ଭିସେସ୍‌ରେ ମହିଳାଙ୍କ ମୁକାବିଲାରେ ପୁରୁଷଙ୍କୁ ୨୬% ଅଧିକ ଦରମା ଦିଆଯାଇଛି। ଅନ୍ୟପକ୍ଷରେ ମାନୁଫାକ୍ଚରିଂ ସେକ୍ଟରରେ ମହିଳା ୨୪ ପ୍ରତିଶତ କମ୍ ଦରମା ପାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ସ୍ୱାସ୍ଥ୍ୟସେବା, କ୍ୟାଟରିଂ ସର୍ଭିସେସ୍ ଏବଂ ସାମାଜିକ କାର୍ଯ୍ୟ ଭଳି ସେକ୍ଟରରେ ମଧ୍ୟ ମହିଳାଙ୍କ ସ୍ଥାନରେ ପୁରୁଷଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇ ସେମାନଙ୍କୁ ୨୧ ପ୍ରତିଶତ ଅଧିକ ବେତନ ଦିଆଯାଇଛି।

# ଆସିଲା ନୂଆ ହୋଣ୍ଡା ସିଭିକ୍





ନୂଆ ମଡେଲ ସହ କମ୍ପାନୀର ସିଇଓ ଗାକୁ ନାକାନିସି ଏବଂ ବରିଷ୍ଠ ଉପସଭାପତି ରାଜେଶ ଗୋଏଲ।

ନୂଆଦିଲ୍ଲୀ/ଭୁବନେଶ୍ୱର(ବ୍ୟୁରୋ),୭-୩

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ୧୦ ପିଢିର ନୂଆ ସିଭିକ୍ ମଡେଲ ବଜାରକୁ ଆସିଛି। ଏଥିରେ ବୈପ୍ଳବିକ ବଡି ଲାଇନ ଏବଂ ସ୍ପୋର୍ଟିଲୁକ ଗ୍ରାହକ ପାଇପାରିବେ। ମଡେଲଟି ୫ ଷ୍ଟାର ଏସିଆନ୍ ଏନ୍ କ୍ୟାପ ସେଫ୍ଟି ରେଟିଂ ଲାଭ କରିଛି। ଏହାର ଡିଜେଲ ଭାରିଆଣ୍ଟ ସର୍ବୋତ୍ତମ ଇନ୍ଧନ କ୍ଷମତା ପ୍ରଦାନ କରିବା ସହ ଲିଟର ପ୍ରତି ୨୬.୮ କିମି ମାଇଲେଜ ଦେବ। ନିରାପତ୍ତା ଏବଂ ସୁଗମତା ଦୃଷ୍ଟି କୋଣରୁ ଏଥିରେ ଲେନ୍ ୱାଚ୍, ବ୍ରେକ୍ ହୋଲ୍ଡ ସହ ଇଲେକଟ୍ରୋନିକ୍ସ ପାର୍କିଂ ବ୍ରେକ୍, ରିମୋଟ ଇଞ୍ଜିନ ଷ୍ଟାର୍ଟର, ୧୭.୭ ସେମିର ଡିସ୍ପଲେ ଅଡିଓ, ଟିଏଫ୍ଟି ମଲ୍ଟି ଇନଫରମେଶନ ଡିସ୍ପଲେ ମିଟର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏହା ପେଟ୍ରୋଲରେ ୩ ଏବଂ ଡିଜେଲରେ ଦୁଇ ଭାରିଆଣ୍ଟ ସହ ଆସୁଛି। ପ୍ଲାଟିନମ୍ ପର୍ଲ ହ୍ୱାଇଟ, ରେଡିଆଣ୍ଟ ରେଡ୍ ମେଟାଲିକ୍, ମଡର୍ନ ଷ୍ଟିଲ ମେଟାଲିକ୍, ଲୁନାର ସିଲଭର ମେଟାଲିକ, ଗୋଲଡେନ ବ୍ରାଉନ ମେଟାଲିକ ଭଳି ରଙ୍ଗରେ ଏହା ଆସିଛି। ଏହାର ବଜାର ଦର ୧୭.୬୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ନୂଆ ମଡେଲ ସହ ପ୍ରଡକ୍ଟ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରି ଅତ୍ୟନ୍ତ ଖୁସି ବୋଲି ଯାନଟିର ବଜାର ପ୍ରବେଶ ଅବସରରେ କମ୍ପାନୀର ସଭାପତି ତଥା ସିଇଓ ଗାକୁ ନାକାନିସି ସୂଚନା ଦେଇଛନ୍ତି।





ସେଣ୍ଟ୍ରାଲ ହୋଣ୍ଡାଠାରେ ନୂଆ ସିଭିକ୍ ଉନ୍ମୋଚନ କରୁଛନ୍ତି (ଡାହାଣରୁ) ଶୋ'ରୁମ୍‌ର ଏମ୍‌ଡି ବିଶାଳ ଧାଓ୍ୱନ, ଭୁବନେଶ୍ୱର ଆର୍‌ଟିଓ-୧ ପି.କେ. ମହାନ୍ତି, କମ୍ପାନୀର ଏଏସ୍ଏମ୍ ଅଭିଷେକ ଆଚାର୍ଯ୍ୟ।





ପଟିଆସ୍ଥିତ ହାଇୱେ ହୋଣ୍ଡାଠାରେ ଆଦିତ୍ୟ ମୋଟର୍ସର ଏମ୍‌ଡି ଆଦିତ୍ୟ ପାତ୍ର, ସିଇଓ ରାଜୀବ ପଣ୍ଡା ନୂଆ ଯାନକୁ ବଜାର ପ୍ରବେଶ କରାଉଛନ୍ତି।

## ଚନ୍ଦା କୋଚ୍ଛର ପରିବାରକୁ ମିଳିଛି ୫୦୦ କୋଟି ଲାଞ୍ଚ

ନୂଆଦିଲ୍ଲୀ,୭-୩

ଭିଡିଓକନ ଋଣ ମାମଲାର ଯାଞ୍ଚ ଆଗେଇ ଚାଲିଥିବା ବେଳେ ଦୈନିକ ନୂଆ ନୂଆ ତଥ୍ୟ ପଦାକୁ ଆସୁଛି। ଏହି ଗ୍ରୁପ୍ କମ୍ପାନୀକୁ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଋଣ ପ୍ରଦାନ ବାବଦରେ ତତ୍କାଳୀନ ସିଇଓ ଚନ୍ଦା କୋଚ୍ଛର ଓ ତାଙ୍କ ପରିବାରକୁ ପ୍ରାୟ ୫୦୦ କୋଟି ଟଙ୍କାର ଲାଞ୍ଚ ମିଳିଛି ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାଣିପାରିଛି। ଏହି ଟଙ୍କାରେ କିଣାଯାଇଥିବା ସମସ୍ତ ସମ୍ପତ୍ତିକୁ ଇଡି ଖୁବ୍‌ଶୀଘ୍ର ଜବତ କରିବାକୁ ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ସୂଚନାଥାଉ କି, ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓକନ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ ଚନ୍ଦା, ତାଙ୍କ ସ୍ୱାମୀ ଦୀପକ କୋଚ୍ଛର, ଭିଡିଓକନ ଗ୍ରୁପ ମାଲିକ ବେଣୁଗୋପାଳ ଧୂତ୍, ମରିସସ୍ଥିତ କମ୍ପାନୀ ଫାର୍ଷ୍ଟଲାଣ୍ଡ ହୋଲ୍ଡିଙ୍ଗ୍‌ସର ମାଲିକ ନିଶାନ୍ତ କାନୋଡିଆଙ୍କୁ ଜେରା କରିଛି।

## ଗ୍ରାଚୁଇଟି: ଆୟକର ଛାଡ଼ସୀମା ୨୦ ଲକ୍ଷକୁ ବୃଦ୍ଧି

ନୂଆଦିଲ୍ଲୀ,୭-୩

କେନ୍ଦ୍ର ସରକାର ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିବାକୁ ଥିବା ଗ୍ରାଚୁଇଟି ଉପରେ ଆୟକର ଛାଡ଼ସୀମାକୁ ବୃଦ୍ଧି କରିଛନ୍ତି। ଗତ ବର୍ଷକ ଭିତରେ ଅଥବା ଆଗାମୀ ଦିନରେ ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କୁ ଏଥିଯୋଗୁ ଫାଇଦା ମିଳିବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର କୁହାଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ଘୋଷଣା କରି କହିଛି ଯେ, ଆୟକର ଆଇନର ଧାରା ୧୦(୧୦)(୩) ଅନୁସାରେ ଆୟକର ଛାଡ଼ ମିଳିବ। ଶ୍ରମମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଗୁରୁବାର ଏକ ବିବୃତି ଜାରି କରି କହିଛନ୍ତି ଯେ, ଗ୍ରାଚୁଇଟି ଆଇନ, ୧୯୭୨ ଅଧୀନରେ ଆସୁ ନ ଥିବା ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏହାର ଲାଭ ମିଳିବ।

## ସେଣ୍ଟ୍ରାଲରେ ଆକର୍ଷଣୀୟ ଅଫର

ଭୁବନେଶ୍ୱର (ବ୍ୟୁରୋ), ୭-୩





ମହିଳା ଦିବସ ଅବସରରେ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଷ୍ଟୋରରେ କ୍ରୟ ଲାଗି ମହିଳା ଗ୍ରାହକଙ୍କୁ ସେଣ୍ଟ୍ରାଲ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ମହିଳାଙ୍କ ଅବଦାନଙ୍କୁ ଅଭିବାଦନ କରିବା ସହ 'ଉଇ ଗଟ୍ ୟୁ ଗାର୍ଲ' ଦ୍ୱାରା ମହିଳା ଦିବସକୁ ଷ୍ଟୋର ପକ୍ଷରୁ ପାଳନ କରାଯାଉଛି। ଏହି ସମୟରେ କ୍ରୟ ଉପରେ ଆକର୍ଷଣୀୟ ଅଫରର ଲାଭ ଉଠାଇ ପାରିବେ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି। ୨୫୦୦ ଟଙ୍କାର କ୍ରୟ ଉପରେ ଗ୍ରାହକ ୨୫୦୦ ଟଙ୍କାର ଭାଉଚର ପାଇପାରିବେ। ହ୍ୟାଣ୍ଡବ୍ୟାଗ, ଫୁଟୱେର, ଲଞ୍ଜରୀ, ମହିଳାଙ୍କ ଏଥେନିକ ଏବଂ ୱେଷ୍ଟର୍ନ ଭଳି ବର୍ଗରେ ପ୍ରଡକ୍ଟ ଉପଲବ୍ଧ ହେଉଛି।

## ୨୦ ଟଙ୍କିଆ ମୁଦ୍ରା ଜାରି

ନୂଆଦିଲ୍ଲୀ,୭-୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ୨୦ ଟଙ୍କିଆ ମୁଦ୍ରା ଜାରି କରିଛନ୍ତି। ୧୦ ଟଙ୍କିଆ ମୁଦ୍ରା ଜାରି ହେବାର ଠିକ୍ ୧୦ ବର୍ଷ ପରେ ଏହି ମୁଦ୍ରାକୁ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଏହି ଅବସରରେ ୧ ଟଙ୍କା, ୨ଟଙ୍କା, ୫ ଟଙ୍କା ଓ ୧୦ ଟଙ୍କାର ନୂଆ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ଦୃଷ୍ଟିବାଧିତମାନଙ୍କ ଲାଗି ଏହି ନୂଆ ମୁଦ୍ରା ସ୍ୱତନ୍ତ୍ର ଭାବେ ତିଆରି କରାଯାଇଛି। ନୂତନ ଡିଜାଇନର ଏହି ମୁଦ୍ରାକୁ ସେମାନେ ସହଜରେ ଚିହ୍ନଟ କରିପାରିବେ। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଦୃଷ୍ଟିବାଧିତ ଶିଶୁଙ୍କ ଗହଣରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୂଆ ମୁଦ୍ରା ଉନ୍ମୋଚିତ ହୋଇଥିଲା। ୨୦ ଟଙ୍କିଆ ନୂଆ ମୁଦ୍ରାରେ ୧୨ଟି କୋଣ ରହିବ ଏବଂ ଅବଶିଷ୍ଟ ମୁଦ୍ରା ଗୋଲ୍ ଆକାରର ରହିବ। ମୂଲ୍ୟ ଦୃଷ୍ଟିରୁ ପ୍ରତ୍ୟେକ ମୁଦ୍ରାର ଓଜନ, ସାଇଜ, ଡିଜାଇନ ଭିନ୍ନ ରହିଛି।

## ଜେ.କେ.ଟାୟାର୍ସର ଏକ୍ସକ୍ଲୁସିଭ୍ ଆଉଟଲେଟ

ଭୁବନେଶ୍ୱର , ୭-୩ (ବ୍ୟୁରୋ)

ଜେ.କେ. ଟାୟାର୍ସ ପକ୍ଷରୁ ନୂଆ ଏକ୍ସକ୍ଲୁସିଭ୍ ଆଉଟଲେଟ 'ପ୍ରେମଲତା ଟାୟାର୍ସ' ସ୍ଥାନୀୟ ପାତ୍ରପଡାଠାରେ ଶୁଭାରମ୍ଭ ହୋଇଛି। କମ୍ପାନୀର ପୂର୍ବାଞ୍ଚଳ ଜୋନାଲ ପ୍ରବନ୍ଧକ ଏସ୍.ଆର୍.ଚାଟାର୍ଜୀ, ବିକ୍ରି ପ୍ରବନ୍ଧକ ଦୀପକ ଶର୍ମା,ଶୋ'ରୁମର ସ୍ୱତ୍ୱାଧିକାରୀ ସୌମିତ୍ର ପାଣି ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ କମ୍ପାନୀର ଟାୟାର ସେଲ୍‌ସ ସହ ଆଲାଇନମେଣ୍ଟ, କମ୍ପ୍ୟୁଟରାଇଜଡ ହ୍ୱିଲ ବାଲାନ୍ସିଂ, ନାଇଟ୍ରୋଜେନ ଇନଫ୍ଲେଶନ, ସ୍ୱୟଂକ୍ରିୟ ଟାୟାର ପରିବର୍ତ୍ତନ, ଏୟାର କେୟାର ଭଳି ବିଭିନ୍ନ ସୁବିଧା ଗ୍ରାହକ ପାଇପାରିବେ। ଟାୟାର କେୟାର ଟିପ୍ସ ସହ କ୍ଲେମ ସେଟେଲମେଣ୍ଟ ସୁବିଧା ମଧ୍ୟ ଏଠାରେ କରାଯାଇଛି। ଏହା ୧୨୦୦ ବର୍ଗଫୁଟ ସ୍ଥାନରେ ଖୋଲିଛି। ପାର୍କିଂ ତଥା ଅନ୍ୟାନ୍ୟ ସୁବିଧା ମଧ୍ୟ ଏଠାରେ ରହିଛି। ଗତ ୨୦ ବର୍ଷ ଧରି ଟାୟାର ବ୍ୟବସାୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ଜେ.କେ.ଟାୟାର୍ସ ସହଭାଗିତାରେ ଏହି ସ୍ୱତନ୍ତ୍ର ଆଉଟଲେଟ ଦ୍ୱାରା ସେବା ଯୋଗାଣ ଧାରା ଜାରି ରହିବ ବୋଲି ସ୍ୱତ୍ୱାଧିକାରୀ ପାଣି କହିଛନ୍ତି।





## ଓଡ଼ିଶା ସହ ୨୦ ରାଜ୍ୟରେ 'ରନ୍ ଫର୍ ନାଇନ୍'ମାରାଥନ୍

ଭୁବନେଶ୍ୱର,୭-୩

ନାଇନ୍ ସାନିଟାରୀ ନାପକିନ କମ୍ପାନୀ ପକ୍ଷରୁ ଜେଆଇ ଇଣ୍ଡିଆର ମିଳିତ ସହଯୋଗରେ ରତୁ ସମ୍ପର୍କିତ ସଚେତନତା ଲାଗି ମହିଳା ଦିବସ ଉପଲକ୍ଷେ ଦେଶ ବ୍ୟାପି 'ରନ୍ ଫର ନାଇନ' ମାରାଥନ ଅନୁଷ୍ଠିତ ହେଉଛି। ଓଡ଼ିଶା ସମେତ ଦେଶର ୨୦ ରାଜ୍ୟର ୫୦୦ ସହରରେ ଏହା ଆୟୋଜନ ହେଉଛି। କ୍ୟାମ୍ପେନରେ ପ୍ୟାଡ ମ୍ୟାନ ଅକ୍ଷୟ କୁମାର ଯୋଗ ଦେଇଛନ୍ତି। ଏହା ଗୋରଖପୁର ସ୍ଥିତ ବିଶ୍ୱବିଦ୍ୟାଳୟ ସାମ୍ନା ପନ୍ତ ପାର୍କଠାରୁ ଆରମ୍ଭ ହେବ।





ଏବେ ମଧ୍ୟ ୮୨% ମହିଳାଙ୍କ ରତୁ ସମ୍ପର୍କିତ ସ୍ୱଚ୍ଛତା କ୍ଷେତ୍ରରେ ପାରମ୍ପରିକ ଉପାୟ ଅବଲମ୍ବନ କରୁଛନ୍ତି। ଏହି ଧାରାରେ ପରିବର୍ତ୍ତନ ଆଣିବାକୁ ଏଭଳି ଏକ ପଦକ୍ଷେପ ଘୋଷଣା କରାଯାଇଛି।

## ତନିଷ୍କ ପକ୍ଷରୁ ବେଷ୍ଟ ଏଭର କମ୍ବୋ ଅଫର





ଭୁବନେଶ୍ୱର,୭-୩

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ବେଷ୍ଟ ଏଭର କମ୍ବୋ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିବାହ କ୍ରୟ ଅଭିଜ୍ଞତାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଏଭଳି ଅଫର ଆସିଥିବା କମ୍ପାନୀ ସୂଚନା ଦେଇଛି। ସୁନା ଗହଣାର ଗଢା ମୂଲ୍ୟ ଏବଂ ହୀରା ଗହଣାର ମୂଲ୍ୟ ଉପରେ ଗ୍ରାହକ ୨୫% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ସେହିଭଳି ପୁରୁଣା ସୁନା ଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ଭାଲ୍ୟୁ ମିଳିବ। ତନିଷ୍କର ସବୁ ଷ୍ଟୋରରେ ଏହି ଅଫର ଉପଲବ୍ଧ ହେବ। କମ୍ପାନୀ ପକ୍ଷରୁ ଉତ୍ସବ, ଲାବଣ୍ୟମ, ଗୁଲନାଜ, ଅଭିର ଭଳି ନୂଆ କଲେକ୍ସନ ଉପଲବ୍ଧ ରହିଛି।

## ସେକ୍ରାଇଟ୍ ଏଣ୍ଡପଏଣ୍ଟ ସିକ୍ୟୁରିଟି ପୁରସ୍କୃତ

ନୂଆଦିଲ୍ଲୀ,୭-୩

ଏଣ୍ଡପଏଣ୍ଟ ସିକ୍ୟୁରିଟି, ନେଟୱର୍କ ସିକ୍ୟୁରିଟି, ଏଣ୍ଟରପ୍ରାଇଜ ମୋବିଲିଟି ପରିଚାଳନା, ଡାଟା ସୁରକ୍ଷା ସମାଧାନ ପ୍ରଦାନ କରୁଥିବା ସଂସ୍ଥା ସେକ୍ରାଇଟ ଜର୍ମାନୀର ପ୍ରସିଦ୍ଧ ଏଭି-ଟେଷ୍ଟ ଇନଷ୍ଟିଚ୍ୟୁଟ ପକ୍ଷରୁ ପୁରସ୍କୃତ ହୋଇଛି। ଏଣ୍ଡପଏଣ୍ଟ ସିକ୍ୟୁରିଟି ସଲ୍ୟୁଶନ ପାଇଁ ସେକ୍ରାଇଟ୍‌କୁ 'ବେଷ୍ଟ ପରଫରମାନ୍ସ ୨୦୧୮' ଆୱାର୍ଡ ପ୍ରଦାନ କରାଯାଇଛି। ଏହି ବର୍ଗରେ ସଂସ୍ଥା ପ୍ରଥମ ସ୍ଥାନରେ ରହିବା ସହ ବିଭିନ୍ନ ପରୀକ୍ଷା ଧାରାକୁ ସଫଳତା ସହ ଅତିକ୍ରମ କରିଛି। କ୍ୱିକ୍‌ହିଲ କମ୍ପାନୀର ଏହା ଏକ ଏଣ୍ଟରପ୍ରାଇଜ ସଂସ୍ଥା ହୋଇଥିବା ବେଳେ ଗ୍ରାହକ, ବ୍ୟବସାୟ ଏବଂ ସରକାରଙ୍କୁ ଆଇଟି ନିରାପତ୍ତା ସଲ୍ୟୁଶନ ପ୍ରଦାନ ଦିଗରେ ଏକ ପ୍ରମୁଖ ସ୍ଥାନରେ ରହିଛି। ନିରାପତ୍ତା ପ୍ରଡକ୍ଟ ଆବଶ୍ୟକତାକୁ ଧ୍ୟାନରେ ରଖି ବିଭିନ୍ନ ବର୍ଗରେ ଉତ୍ପାଦ ଏବଂ ସେବା ଯୋଗାଣ ଧାରା ଜାରି ରଖିଥିବା କମ୍ପାନୀର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ଟେକ୍ନୋଲୋଜି ଅଧିକାରୀ ସଞ୍ଜୟ କାଟକର ସୂଚନା ଦେଇଛନ୍ତି।


**PARADIP PORT TRUST**

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidder for supply of **Electrical items**. The last date and time of submission of the tender is **17.15 hrs. on 25.03.2019.** For details, log on to website : **https://eprocure.gov.in/eprocure/app**

Sr. Dy. Materials Manager,
PPT/674/P 18-19 Dt : 07.03.2019

**ODISHA BRIDGE & CONSTRUCTION CORPORATION LTD.**
*(A Government of Odisha Undertaking)*
SETU BHAVAN, NAYAPALLI, BHUBANESWAR-12
PH.NO. 0674 -2390043
FAX NO. 0674-2396326
E Mail: mdobcc@gmail.com

**BID INVITATION NOTICE**
No. CAD-1557
**BID IDENTIFICATION NO.GM/O.B.&C.C.LTD/6 & 7 /(Category-1, 2 & 3 )/2019-20.**

1 General Manager(Civil), Odisha Bridge & Construction Corporation on behalf of the Governor of Odisha, invites '**online**' tender in **double cover system** for the toll gates under the Category-1 & in **single cover system** for the toll gates under Category-2 & Bid will be received in sealed tender box for the toll gates under category-3, as detailed in the table below from the intending bidders for collection of toll for a period of one year.

| Sl. No. | Name of the (R&B) toll gate. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | **CATEGORY-1 (Double Cover System)** | | | | |
| 1. | Mohanadi Bridge toll gate near Sonepur on Sambalpur-Sonepur road. | 1,77,55,255/- | 17,75,525/- | 10,000/- | 01.05.19 to 30.04.20 |
| 2. | Chorda-Duburi road toll gate at 15/00 K.M. of the road near Duburi | 2,88,77,773/- | 28,87,777/- | 10,000/- | 17.06.19 to16.06.20 |
| 3. | Bhadrasahi-Badbil-Nalda road toll gate, Keonjhar dist. | 2,86,00,000/- | 28,60,000/- | 10,000/- | 25.06.19 to 24.06.20 |
| | **CATEGORY-2 (Single Cover System)** | | | | |
| 4. | Toll gate on Bridge over river Bansadhara on Gunupur-Bisamkatak road. | 35,37,600/- | 3,53,760/- | 6,000/- | 01.04.19 to 31.03.20 |
| 5. | Onder Bridge toll gate on Bangamunda-Chandotora road. | 34,89,999/- | 3,49,000/- | 6,000/- | 01.06.19 to 31.05.20 |
| 6. | H.L.Bridge over Sono on Balasore-Mitrapur-Baincha road. | 11,21,526/- | 1,12,153/- | 6,000/- | 12.06.19 to 11.06.20 |
| 7. | Balasore- Mitrapur- Baincha road toll gate, Balasore | 34,00,740/- | 3,40,074/- | 6,000/- | One year from the effective date of Agmt. |
| | **CATEGORY-3 ( R.D.Deptt.)** | | | | |
| 8. | Toll gate on Bridge over Sono on Udala-Dihirakul Road. | 2,90,275/- | 29,028/- | 2,000/- | 07.05.19 to 06.05.20 |
| 9. | Toll gate over river Budhabalanga Bridge on Bangiriposi-Shyamsundarpur Road, Mayurbhanj | 2,62,225/- | 26,223/- | 2,000/- | 10.05.19 to 09.05.20 |

2. Date and time **for online bidding for toll gates under Category-1 & 2 (Sl. 1 to 7) starts From 2.00 P.M. of dt. 13.03.2019 to 5.00 P.M. of dtd. 26.03.2019.**
3. EMD and Cost of bid document as specified against each toll gate in the above table Column-4 & 5 under category-1 & 2(Sl. 1 to 7) will be transferred through online only as per the procedure mentioned in the DTCN . Further details can be seen from the web site https://tendersodisha.gov.in .
4. **The sale of bid document for toll gates under Category-3(Sl. from 8 to 9)** starts from **dt. 12.03.2019** to **dt. 25.03.2019** up to **2.00 P.M.** and dropping of the bid document, in the sealed tender box from **dt. 12.03.2019** to **dt. 25.03.2019** up to **4.00 P.M.** during working days within office hours at Head Office and Sr.Project Manager's offices and will be opened on **dt. 26.03.2019** at 12.00 Noon at Head Office. The details can be seen from the bid documents. The bid documents can also be down loaded from Odisha Govt.Web site **www.odisha.gov. in** .

34106/11/0026/1819 Sd/- GENERAL MANAGER (CIVIL)

**Odisha State Health & Family Welfare Society,**
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79
No.963-E

Advt. No. - 16/19 **Walk-in-Interview** Date:08/03 /2019

Walk-in-Interview will be conducted as scheduled below for filling up the following post under **National Health Mission, Odisha** on contractual basis with monthly remuneration as noted and subject to renewal as per OSH&FW Society terms and conditions. The position is purely temporary and co-terminus with the Scheme.

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible | Date of Registration / Interview |
|---|---|---|---|
| 01 | Management Consultant-IT (EVIN) | Rs.58,229/-+PI | 23.03.2019 |

Interested candidates can log on to www.nrhmorissa.gov.in for details of vacancy, eligibility criteria, ToR, Age, Application Form etc. Candidates fulfilling the eligibility criteria may appear for registration and consequently for interview if eligible, on the date as mentioned against the post. **Registration timing will be from 10.30 A. M. to 12 Noon only on Walk-in-Interview date.** No application will be received after scheduled date & timing of registration.

**Venue:- Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist- Khordha, Pin – 751012, Odisha.**

10084/11/0093/1819
Sd/- Mission Director, NHM
Member Secretary, OSH&FWS, Odisha

**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 2300664

**NOTICE INVITING TENDER**

NIT No: OCPL/SUP-88/2019 Date: 08.03.2019

Sealed bids in prescribed format are invited from Companies / agencies / firms / manufacturers for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| 1 | Supply of Various Coal Laboratory Equipment for Odisha Coal and Power Limited, Hemgir, Sundargarh | Rs.5,900/- (Rupees Five thousand and nine hundred only) including GST. | Rs. 1,00,000/- (Rupees One Lakh only) | 12.03.2019 | 25.03.2019 | 03:00PM on 03.04.2019<br>03.30PM on 03.04.2019 |

For further details, bidders may visit our website, i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

*Sd./- Addl. General Manager (Commercial & Contracts)*

## ପାଇପ ଜଳ ଯୋଗାଣ ଦାବି

**ଗୁଣପୁର,୭।୩(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହରର ୨ ନଂ ୱାର୍ଡର ଲକ୍ଷ୍ମଣ ଢେପ ଅଞ୍ଚଳକୁ ପାଇପ ଲାଇନରେ ଜଳଯୋଗାଣ ନେଇ ଦାବି ହୋଇଛି । ଏନେଇ ୱାର୍ଡ଼ବାସୀ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଭେଟି ଦାବି ଜଣାଇଛନ୍ତି । ଲକ୍ଷ୍ମଣ ଢେପ ଅଞ୍ଚଳରେ ଜଳଯୋଗାଣ କରାଯିବା ନେଇ ଗତ କିଛି ମାସ ତଳେ ପାଇପ ରଖାଯାଇଥିଲା । ଏହାପରେ ଲୋକମାନେ ଆଶା ରଖିଥିଲେ ପାଇପ ଲାଇନ ଯୋଗେ ପାଣି ପାଇବେ। ହେଲେ ସେହି ପାଇପଗୁଡ଼ିକୁ ଉଠାଇ ନିଆଯାଇଥିଲା । ଏହାର ପ୍ରତିବାଦରେ ସାହିବାସିନ୍ଦା ଉପଜିଲାପାଳଙ୍କୁ ଭେଟି ପାଇପ ଲାଇନରେ ପାନୀୟ ଜଳଯୋଗାଣ ପାଇଁ ଦାବି କରିଥିଲେ । ଅଭିଯୋଗ ପାଇବା ପରେ ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଥିଲେ । ସୀମାଞ୍ଚଳ ମଣ୍ଡଳ, ମୁରଲୀ ମୋହନ ରାଓ, ଓଭି. କଲ୍ୟାଣୀ ଏବଂ ଡି.ସାନ୍ତୁଙ୍କ ସମେତ ସାହିବାସିନ୍ଦା ଉପସ୍ଥିତ ରହି ଅଭିଯୋଗ କରିଥିଲେ ।

■ ଜଙ୍ଗଲ ଉଚ୍ଛେଦ ଆଇନ ବାତିଲ ଦାବି

## ଉପଜିଲାପାଳଙ୍କୁ ସ୍ମାରକପତ୍ର




ଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

**ଗୁଣପୁର,୭।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ସିପିଆଇ (ଏମଏଲ) ଶାଖା ପକ୍ଷରୁ ୫ ଦଫା ଦାବି ନେଇ ବୁଧବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜଙ୍ଗଲ ଉଚ୍ଛେଦ ଆଇନକୁ ବାତିଲ କରାଯିବା, ଦୀର୍ଘବର୍ଷ ଧରି ରହୁଥିବା ଆଦିବାସୀ ଦଳିତ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ଦାବି ନେଇ ଦଳ ପକ୍ଷରୁ ନୂତନ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବୃନ୍ଦାବନ ବିଡିକା, ଯେମଣ ଶବର, ସମ୍ବରା ଶବର, ଦାମୋଦର ଶବର, ସହଦେବ ଶବର, ସୁମନ ଶବର, ସୁବାସ କିମ୍ବାକା, ସୋମନାଥ ମାଝି, ଦାନିଏଲ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

## ୮୮୯ ଛାତ୍ରୀଛାତ୍ର ଦେଲେ ଯୁକ୍ତ୨ ପରୀକ୍ଷା

**ରାୟଗଡା ଅଫିସ୍, ୭।୩**

ସାରା ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି । ରାୟଗଡ଼ା ଓ ଜେକେପୁରରେ ବିଜ୍ଞାନ ଓ ବାଣିଜ୍ୟର ସାହିତ୍ୟ ପରୀକ୍ଷା ୮୮୯ଜଣ ଛାତ୍ରୀଛାତ୍ର ଦେଇଛନ୍ତି । ରାୟଗଡା ମହାବିଦ୍ୟାଳୟରେ ବିଜ୍ଞାନରେ ୩୯୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୭୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ ଜଣ ଅନୁପସ୍ଥିତ ଥିଲେ । ସେହିପରି ବାଣିଜ୍ୟରେ ୩୭୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୭୪ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଅନୁପସ୍ଥିତ ଥିଲେ । ଜେକେପୁରସ୍ଥିତ ସିଂଘାଣିଆ ହାୟର ସେକେଣ୍ଡାରୀ ବିଦ୍ୟାଳୟର ବାଣିଜ୍ୟ ବର୍ଗରେ ୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ମହାବିଦ୍ୟାଳୟ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ଉପସ୍ଥିତିରେ ପରିଚାଳନା ହୋଇଥିଲା । ସେହିଭଳି ରାୟଗଡା ମହିଳା ମହାବିଦ୍ୟାଳୟରେ ବିଜ୍ଞାନରେ ୧୧୪ଜଣ ଛାତ୍ରୀ ପରୀକ୍ଷା ଦେଇଛନ୍ତି । ୪ଜଣ ଅନୁପସ୍ଥିତ ଥିଲେ । ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଷମା ଦାଶଙ୍କ ଉପସ୍ଥିତିରେ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ପରୀକ୍ଷା ପରିଚାଳନା କରିଥିଲେ । ସମସ୍ତ ମହାବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବା ସହ ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ପୋଲିସର କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

## ହିଂସାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

**ମୁନିଗୁଡା, ୭।୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ମୁନିଗୁଡାଠାରେ ଅବସ୍ଥିତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଗୁରୁବାର ହିଂସାମୁକ୍ତ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ହିଂସାମୁକ୍ତ ସମାଜ ଗଠନ ନେଇ ଅତିଥିମାନେ ଆହ୍ୱାନ କରିଛନ୍ତି । ବିଶ୍ୱ ମହିଳା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ରାମନାଥ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ଗୌରାଙ୍ଗ ଚରଣ ରାଉତ, ଲୋକନାଥ ପ୍ରଧାନ, ପୁରନ୍ଦର ବନ୍ଛ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସମାଜରେ ବ୍ୟାପୁଥିବା ହିଂସାକୁ ବିରୋଧ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ କୁହାଯାଇଥିଲା । ଶେଷରେ ଅଧ୍ୟାପକ ରମାକାନ୍ତ ଚିଞ୍ଚୁଆଣୀ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶା ସରକାର

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**SPL. LAOR. I.P.- JAJ-47/2018/ 227 R.I.P., Dated 31.01.2019**

**No. V-83:-** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାନପୁର, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁରା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୯.୧୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମପାର୍ଶ୍ୱ କେନାଲ-୨, ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ବାମପାର୍ଶ୍ୱ କେନାଲ ଡିଭିଜନ-୩, ଡୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପଜିଲ୍ଲାପାଳ, କେନ୍ଦୁଝର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | କାନପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୯.୧୭୦ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ବାମପାର୍ଶ୍ୱ କେନାଲ-୨, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

## ଜମି ଅନୁସୂଚୀ

**ଗ୍ରାମର ନାମ: କାନପୁର, ଥାନାର ନାମ: ରାମଚନ୍ଦ୍ରପୁର ନଂ.: ୬୩, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର**
**ଜମି ଅଧିଗ୍ରହଣ କେସ୍ ନଂ.: /**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍ର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୮୧୩ | ୦.୦୪୦ | ୦.୦୪୦ | ଅଇଁଣ୍ଟୁ ଗାହାଣ, ପିତା: ଆନନ୍ଦ ଗାହାଣ, ଜା: ମାଟିବଂଶତନ୍ତି, ବା: ନିଜଗାଁ | |
| ୨ | | ୨୮୮୧ | ୦.୦୪୦ | ୦.୦୪୦ | ଅଇଁଣ୍ଟୁ ଗାହାଣ, ପିତା: ଆନନ୍ଦ ଗାହାଣ, ଜା: ମାଟିବଂଶତନ୍ତି, ବା: ନିଜଗାଁ | |
| ୩ | ୫ | ୨୮୨୫ | ୦.୦୪୦ | ୦.୦୪୦ | ଅଜି ଚକ୍ର, ସ୍ୱାମୀ: ଲମ୍ବୋଦର ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪ | ୭ | ୨୮୦୬ | ୦.୦୧୦ | ୦.୦୧୦ | ଅର୍ଜୁନ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫ | ୧୨ | ୨୭୧୯ | ୦.୫୦୦ | ୦.୦୧୦ | ଅଧିକାରୀ ଚକ୍ର, ପିତା: ରତନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬ | | ୨୮୬୨ | ୦.୧୧୦ | ୦.୧୧୦ | ଅଧିକାରୀ ଚକ୍ର, ପିତା: ରତନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭ | ୩୪ | ୩୦୯୨ | ୦.୧୭୦ | ୦.୧୨୦ | କଳ୍ପତରୁ ଚକ୍ର, ପିତା: ରଙ୍କ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮ | ୩୯ | ୨୭୨୪ | ୦.୨୮୦ | ୦.୧୯୦ | କାଳନ୍ଦୀ ଚକ୍ର, ପିତା: ମାୟାଧର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯ | ୬୨ | ୩୦୯୦ | ୦.୧୦୦ | ୦.୦୬୦ | କୁକୁର ପାଗଳ, ପିତା: ଧନି ପାଗଳ, ଜା: ତନ୍ତି, ବା: ନିଜଗାଁ | |
| ୧୦ | | ୨୮୨୮/ ୩୩୧୫ | ୦.୨୦୦ | ୦.୦୮୦ | କୁକୁର ପାଗଳ, ପିତା: ଧନି ପାଗଳ, ଜା: ତନ୍ତି, ବା: ନିଜଗାଁ | |
| ୧୧ | ୬୬ | ୨୮୭୮ | ୦.୦୧୦ | ୦.୦୧୦ | କୃଷ୍ଣଚନ୍ଦ୍ର ଚକ୍ର, ପିତା: ଗୋପି ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨ | | ୨୮୩୨ | ୦.୦୧୦ | ୦.୦୧୦ | କୃଷ୍ଣଚନ୍ଦ୍ର ଚକ୍ର, ପିତା: ଗୋପି ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩ | | ୨୮୬୩ | ୦.୦୧୦ | ୦.୦୧୦ | କୃଷ୍ଣଚନ୍ଦ୍ର ଚକ୍ର, ପିତା: ଗୋପି ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪ | ୮୦ | ୨୭୨୨ | ୦.୮୨୦ | ୦.୩୯୦ | ଗଙ୍ଗାଧର ଚକ୍ର, ପିତା: ଭଜନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫ | | ୨୮୫୪ | ୦.୦୪୦ | ୦.୦୪୦ | ଗଙ୍ଗାଧର ଚକ୍ର, ପିତା: ଭଜନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୬ | ୮୬ | ୨୭୨୩ | ୦.୯୧୦ | ୦.୫୨୦ | ଗିରିଧାରୀ ଚକ୍ର, ପିତା: ଉଦୟନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୭ | ୯୦ | ୨୭୬୫ | ୦.୦୫୦ | ୦.୦୩୦ | ଗୁଣବତୀ ଚକ୍ର, ପିତା: ଶ୍ୟାମ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮ | ୯୧ | ୨୭୬୪ | ୦.୦୭୦ | ୦.୦୩୦ | ଗୁଣବତୀ ଚକ୍ର, ସ୍ୱାମୀ: ସୋମନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୯ | | ୨୭୬୮ | ୦.୧୨୦ | ୦.୧୨୦ | ଗୁଣବତୀ ଚକ୍ର, ସ୍ୱାମୀ: ସୋମନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦ | ୯୧ | ୨୭୭୨ | ୦.୧୦୦ | ୦.୧୦୦ | ଗୁଣବତୀ ଚକ୍ର, ସ୍ୱାମୀ: ସୋମନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧ | | ୨୭୮୧ | ୦.୦୬୦ | ୦.୦୩୦ | ଗୁଣବତୀ ଚକ୍ର, ସ୍ୱାମୀ: ସୋମନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨ | ୯୩ | ୨୮୯୭ | ୦.୧୨୦ | ୦.୧୧୦ | ଗୁର ଚକ୍ର, ସ୍ୱାମୀ: ମାଗୁଣି ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩ | ୯୬ | ୨୮୩୭ | ୦.୦୬୦ | ୦.୦୩୦ | ଗୋପିନାଥ ଜେନା, ପିତା: ସିଦ୍ଧ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪ | | ୨୮୭୨ | ୦.୦୨୦ | ୦.୦୨୦ | ଗୋପିନାଥ ଜେନା, ପିତା: ସିଦ୍ଧ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫ | | ୨୮୭୫ | ୦.୦୬୦ | ୦.୦୬୦ | ଗୋପିନାଥ ଜେନା, ପିତା: ସିଦ୍ଧ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୬ | ୧୦୬ | ୨୭୫୯ | ୧.୨୦୦ | ୧.୦୫୦ | ଚନ୍ଦରୁ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୭ | | ୨୮୦୪ | ୦.୦୨୦ | ୦.୦୨୦ | ଚନ୍ଦରୁ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୮ | | ୧୯୨୦ | ୦.୦୯୦ | ୦.୦୧୦ | ଚନ୍ଦରୁ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୯ | ୧୦୯ | ୨୮୩୧ | ୦.୦୨୦ | ୦.୦୨୦ | ଚୈତନ ଚରଣ ଚକ୍ର, ପିତା: ଗୋପି ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୦ | | ୨୮୬୪ | ୦.୦୨୦ | ୦.୦୨୦ | ଚୈତନ ଚରଣ ଚକ୍ର, ପିତା: ଗୋପି ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୧ | ୧୦୯ | ୨୮୭୭ | ୦.୦୧୦ | ୦.୦୧୦ | ଚୈତନ ଚରଣ ଚକ୍ର, ପିତା: ଗୋପି ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୨ | ୧୧୬ | ୨୭୯୦ | ୦.୦୪୦ | ୦.୦୪୦ | ଯୋଗେନ୍ଦ୍ର ନାଥ ଚକ୍ର, ପିତା: ନନ୍ଦ କିଶୋର ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୩ | ୧୧୮ | ୨୮୭୦ | ୦.୦୩୦ | ୦.୦୨୦ | ଦିନବନ୍ଧୁ ଚକ୍ର, ପିତା: ବିକଳ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୪ | ୧୨୬ | ୨୮୯୪ | ୦.୧୦୦ | ୦.୦୨୦ | ଧରଣୀଧର ଚକ୍ର, ପିତା: ଗଣନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୫ | | ୨୮୯୫ | ୦.୦୧୦ | ୦.୦୧୦ | ଧରଣୀଧର ଚକ୍ର, ପିତା: ଗଣନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୬ | ୧୩୪ | ୨୭୬୨ | ୦.୧୯୦ | ୦.୦୮୦ | ନଟବର ଜେନା, ପିତା: ସିଦ୍ଧ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୭ | | ୨୭୭୪ | ୦.୧୮୦ | ୦.୧୮୦ | ନଟବର ଜେନା, ପିତା: ସିଦ୍ଧ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୮ | | ୨୭୯୧ | ୦.୦୪୦ | ୦.୦୪୦ | ନଟବର ଜେନା, ପିତା: ସିଦ୍ଧ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୯ | | ୨୮୨୯ | ୦.୦୮୦ | ୦.୦୫୦ | ନଟବର ଜେନା, ପିତା: ସିଦ୍ଧ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୦ | | ୨୮୫୬ | ୦.୦୨୦ | ୦.୦୨୦ | ନଟବର ଜେନା, ପିତା: ସିଦ୍ଧ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୧ | | ୨୮୫୮ | ୦.୦୧୦ | ୦.୦୧୦ | ନଟବର ଜେନା, ପିତା: ସିଦ୍ଧ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୨ | | ୨୮୫୯ | ୦.୦୨୦ | ୦.୦୨୦ | ନଟବର ଜେନା, ପିତା: ସିଦ୍ଧ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୩ | ୧୩୫ | ୨୮୦୩ | ୦.୦୨୦ | ୦.୦୧୦ | ନନ୍ଦ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୪ | | ୨୮୦୫ | ୦.୦୨୦ | ୦.୦୨୦ | ନନ୍ଦ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୫ | | ୨୮୦୮ | ୦.୦୧୦ | ୦.୦୧୦ | ନନ୍ଦ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୬ | | ୨୯୧୯ | ୦.୦୮୦ | ୦.୦୨୦ | ନନ୍ଦ ଚକ୍ର, ପିତା: ପଞ୍ଚୁ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୭ | ୧୪୪ | ୨୭୨୬ | ୦.୫୦୦ | ୦.୦୩୦ | ନିତ୍ୟାନନ୍ଦ ସାହୁ, ପିତା: ରତନ ସାହୁ, ଜା: ତୁଳାଭିଣା, ବା: ନିଜଗାଁ | |
| ୪୮ | ୧୪୬ | ୨୭୫୪ | ୨.୧୮୦ | ୧.୩୪୦ | ନିଧିଆ ପାତ୍ର, ପିତା: ବନ୍ଧୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୪୯ | | ୨୭୫୮ | ୦.୨୨୦ | ୦.୦୬୦ | ନିଧିଆ ପାତ୍ର, ପିତା: ବନ୍ଧୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫୦ | | ୩୦୯୧ | ୦.୨୨୦ | ୦.୧୧୦ | ନିଧିଆ ପାତ୍ର, ପିତା: ବନ୍ଧୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫୧ | ୧୪୯ | ୨୮୭୩ | ୦.୦୨୦ | ୦.୦୨୦ | ନିମାଇଁ ଚରଣ ଚକ୍ର, ପିତା: ନିଶାକର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୨ | | ୨୮୭୪ | ୦.୦୫୦ | ୦.୦୫୦ | ନିମାଇଁ ଚରଣ ଚକ୍ର, ପିତା: ନିଶାକର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୩ | ୧୫୦ | ୨୯୦୨ | ୦.୧୪୦ | ୦.୦୨୦ | ଶ୍ରୀ ରାଧାରମଣ ଜୀଉ ବିଜେ ନିଜ ଗୃହ ମାର୍ଫତ- ନିମାଇଁ ଚରଣ ଚକ୍ର, ପିତା: ନିଶାକର ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୪ | ୧୬୩ | ୨୭୬୯ | ୦.୦୨୦ | ୦.୦୨୦ | ପ୍ରାଣବନ୍ଧୁ ଜେନା, ପିତା: କୁଶ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୫ | ୧୭୫ | ୨୯୧୧ | ୦.୧୦୦ | ୦.୦୩୦ | ବନ୍ଧୁ ପଲେଇ, ପିତା: ନୃସିଂହ ପଲେଇ, ଜା: ଗଉଡ଼, ବା: ନିଜଗାଁ | |
| ୫୬ | | ୩୦୯୩ | ୦.୧୫୦ | ୦.୧୫୦ | ବନ୍ଧୁ ପଲେଇ, ପିତା: ନୃସିଂହ ପଲେଇ, ଜା: ଗଉଡ଼, ବା: ନିଜଗାଁ | |
| ୫୭ | ୧୯୨ | ୨୮୩୦ | ୦.୧୭୦ | ୦.୦୫୦ | ବାବାଜୀ ଜେନା, ପିତା: ବାଇଧର ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୮ | | ୨୮୭୯ | ୦.୦୩୦ | ୦.୦୩୦ | ବାବାଜୀ ଜେନା, ପିତା: ବାଇଧର ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୯ | ୨୦୦ | ୨୭୭୦ | ୦.୦୩୦ | ୦.୦୩୦ | ବିଶ୍ୱନାଥ ଜେନା, ପିତା: ବାସୁ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୦ | | ୨୭୭୩ | ୦.୦୩୦ | ୦.୦୩୦ | ବିଶ୍ୱନାଥ ଜେନା, ପିତା: ବାସୁ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୧ | | ୨୮୪୯ | ୦.୧୩୦ | ୦.୦୮୦ | ବିଶ୍ୱନାଥ ଜେନା, ପିତା: ବାସୁ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୨ | ୨୦୫ | ୨୮୨୮ | ୦.୧୯୦ | ୦.୦୮୦ | ବୃନ୍ଦାବନ ପାଗଳ, ପିତା: ସପନି ପାଗଳ ଓଗେର, ଜା: ମାଟିବଂଶତନ୍ତି, ବା: ନିଜଗାଁ | |
| ୬୩ | | ୨୮୯୯ | ୦.୦୧୦ | ୦.୦୧୦ | ବୃନ୍ଦାବନ ପାଗଳ, ପିତା: ସପନି ପାଗଳ ଓଗେର, ଜା: ମାଟିବଂଶତନ୍ତି, ବା: ନିଜଗାଁ | |
| ୬୪ | ୨୦୬ | ୨୭୬୩ | ୦.୧୦୦ | ୦.୦୨୦ | ବୃନ୍ଦାବନ ଚକ୍ର, ପିତା: ମହେନ୍ଦ୍ର ନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୫ | | ୨୭୬୭ | ୦.୧୦୦ | ୦.୧୦୦ | ବୃନ୍ଦାବନ ଚକ୍ର, ପିତା: ମହେନ୍ଦ୍ର ନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୬ | | ୨୭୭୧ | ୦.୧୦୦ | ୦.୧୦୦ | ବୃନ୍ଦାବନ ଚକ୍ର, ପିତା: ମହେନ୍ଦ୍ର ନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୭ | | ୨୭୭୫ | ୦.୦୪୦ | ୦.୦୨୦ | ବୃନ୍ଦାବନ ଚକ୍ର, ପିତା: ମହେନ୍ଦ୍ର ନାଥ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୮ | ୨୧୫ | ୨୮୬୫ | ୦.୦୨୦ | ୦.୦୧୦ | ମଦନମୋହନ ଚକ୍ର, ପିତା: ଭରତ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୯ | | ୨୮୭୬ | ୦.୦୮୦ | ୦.୦୮୦ | ମଦନମୋହନ ଚକ୍ର, ପିତା: ଭରତ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୦ | | ୨୮୯୬ | ୦.୦୧୦ | ୦.୦୧୦ | ମଦନମୋହନ ଚକ୍ର, ପିତା: ଭରତ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୧ | | ୨୮୩୬/ ୩୩୪୭ | ୦.୦୪୦ | ୦.୦୨୦ | ମଦନମୋହନ ଚକ୍ର, ପିତା: ଭରତ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୨ | ୨୨୬ | ୨୮୫୫ | ୦.୦୪୦ | ୦.୦୪୦ | ରଙ୍କନାଥ ଚକ୍ର, ପିତା: ରଙ୍ଗାଧର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୩ | | ୨୮୫୭ | ୦.୦୪୦ | ୦.୦୪୦ | ରଙ୍କନାଥ ଚକ୍ର, ପିତା: ରଙ୍ଗାଧର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୪ | | ୨୮୬୦ | ୦.୦୨୦ | ୦.୦୨୦ | ରଙ୍କନାଥ ଚକ୍ର, ପିତା: ରଙ୍ଗାଧର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୫ | ୨୨୬ | ୨୮୮୪ | ୦.୦୧୦ | ୦.୦୧୦ | ରଙ୍କନାଥ ଚକ୍ର, ପିତା: ରଙ୍ଗାଧର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୬ | ୨୨୮ | ୨୭୯୩ | ୦.୧୧୦ | ୦.୧୧୦ | ରଙ୍କନାଥ ଜେନା, ପିତା: ମଦନ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୭ | | ୨୮୮୨ | ୦.୦୫୦ | ୦.୦୫୦ | ରଙ୍କନାଥ ଜେନା, ପିତା: ମଦନ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୮ | ୨୩୬ | ୨୭୬୬ | ୦.୦୭୦ | ୦.୦୭୦ | ରଥ ବିହାରି ଜେନା, ପିତା: ସଦାଶିବ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୯ | | ୨୮୨୭ | ୦.୧୪୦ | ୦.୦୮୦ | ରଥ ବିହାରି ଜେନା, ପିତା: ସଦାଶିବ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୦ | ୨୪୬ | ୨୮୨୬ | ୦.୧୦୦ | ୦.୦୬୦ | ଲମ୍ବୋଦର ଚକ୍ର, ପିତା: ଯୋଗେନ୍ଦ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୧ | | ୨୯୦୦ | ୦.୨୦୦ | ୦.୦୬୦ | ଲମ୍ବୋଦର ଚକ୍ର, ପିତା: ଯୋଗେନ୍ଦ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୨ | ୨୫୪ | ୨୭୬୧ | ୨.୧୧୦ | ୦.୩୧୦ | ସଙ୍କି ଜେନା, ସ୍ୱାମୀ: କୀର୍ତ୍ତନ ବିହାରି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୩ | ୨୬୪ | ୨୮୭୧ | ୦.୦୨୦ | ୦.୦୨୦ | ସାଗର ନାଥ, ପିତା: କୁଶନାଥ ଓଗେର, ଜା: ମାଟିବଂଶ ତନ୍ତୀ, ବା: ନିଜଗାଁ | |
| ୮୪ | ୨୬୪ | ୨୮୯୮ | ୦.୦୧୦ | ୦.୦୧୦ | ସାଗର ନାଥ, ପିତା: କୁଶନାଥ ଓଗେର, ଜା: ମାଟିବଂଶ ତନ୍ତୀ, ବା: ନିଜଗାଁ | |
| ୮୫ | ୨୮୩ | ୨୭୧୭ | ୦.୨୨୦ | ୦.୦୨୦ | ସୋମନାଥ ଚକ୍ର, ପିତା: ମହେନ୍ଦ୍ର ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୬ | | ୨୭୭୬ | ୦.୧୯୦ | ୦.୦୧୦ | ସୋମନାଥ ଚକ୍ର, ପିତା: ମହେନ୍ଦ୍ର ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୭ | ୨୯୦ | ୨୮୦୭ | ୦.୦୧୦ | ୦.୦୧୦ | ହାଡ଼ିବନ୍ଧୁ ଚକ୍ର, ପିତା: ଗୋପିନାଥ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୮ | ୨୯୨ | ୨୭୧୮ | ୦.୩୦୦ | ୦.୧୦୦ | ହାଡ଼ିବନ୍ଧୁ ଚକ୍ର, ପିତା: ସପନି ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୯ | | ୨୭୨୦ | ୦.୩୧୦ | ୦.୦୧୦ | ହାଡ଼ିବନ୍ଧୁ ଚକ୍ର, ପିତା: ସପନି ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୦ | ୨୯୬ | ୨୮୮୩ | ୦.୦୪୦ | ୦.୦୨୦ | ହୃଷିକେଶ ଜେନା, ପିତା: ବାସୁ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୧ | ୨୯୬/୨୨ | ୨୯୧୫ | ୦.୧୭୦ | ୦.୦୨୦ | ଭଗବାନ ଚକ୍ର, ପିତା: ନନ୍ଦକିଶୋର ଚକ୍ର, ଜା: ମହାଲାଏକ, ବା: ନିଜଗାଁ | |
| ୯୨ | ୨୯୬/୨୩ | ୨୮୦୯ | ୦.୦୪୦ | ୦.୦୪୦ | ରତ୍ନମଣି ଚକ୍ର, ସ୍ୱାମୀ: ଭଗବାନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୩ | | ୨୮୧୦ | ୦.୦୪୦ | ୦.୦୪୦ | ରତ୍ନମଣି ଚକ୍ର, ସ୍ୱାମୀ: ଭଗବାନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୪ | | ୨୮୧୨ | ୦.୦୩୦ | ୦.୦୩୦ | ରତ୍ନମଣି ଚକ୍ର, ସ୍ୱାମୀ: ଭଗବାନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୫ | ୨୯୬/୨୩ | ୨୮୮୦ | ୦.୦୬୦ | ୦.୦୬୦ | ରତ୍ନମଣି ଚକ୍ର, ସ୍ୱାମୀ: ଭଗବାନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୬ | | ୨୯୧୨ | ୦.୩୩୦ | ୦.୦୬୦ | ରତ୍ନମଣି ଚକ୍ର, ସ୍ୱାମୀ: ଭଗବାନ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୭ | ୨୯୬/୩୩ | ୨୭୨୫ | ୦.୪୨୦ | ୦.୪୨୦ | ବ୍ରଜବିହାରି ଜେନା, ପିତା: କିର୍ତ୍ତନ ବିହାରି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୮ | ୨୯୬/୭୨ | ୨୮୬୧ | ୦.୧୩୦ | ୦.୧୦୦ | ଚିନ୍ତାମଣି ପରିଡ଼ା, ପିତା: ସାଧୁ ପରିଡ଼ା, ଜା: ଗୋପାଳ, ବା: ମଦନପୁର | |
| ୯୯ | ୨୯୬/୭୩ | ୨୭୬୦ | ୧.୨୭୦ | ୦.୯୬୦ | ଶ୍ରୀଶ୍ରୀ ଜୟଦୁର୍ଗା ଠାକୁରାଣୀ ବିଜେ କାନପୁର ତରଫ ବା: ଅମୂଲ୍ୟ କୁମାର ଚକ୍ର, ପିତା: କିର୍ତ୍ତନ ବିହାରି ଚକ୍ର, ଜା: ମହାଲାଏକ, ବା: କାନପୁର | |
| | | | ମୋଟ | ୯.୧୭୦ | | |

**ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୯୯ (ଅନେଶତ), ମୋଟ ଅଧିଗୃହୀତ ଜମି: ୯.୧୭୦ ଏକର**

24045/14/0066/1819

ଧରିତ୍ରୀ
DHARITRI
ରାୟଗଡା, ଶୁକ୍ରବାର, ୮ ମାର୍ଚ୍ଚ, ୨୦୧୯



“ ମୁଁ ଅନ୍ତର୍ଜାତୀୟ କୋଚିଂକୁ ଫେରିବାକୁ ଚାହୁଁ ନାହିଁ। କାରଣ ମୋତେ ପରିବାର ଛାଡ଼ି ୩୦୦ ଦିନ ବାହାରେ ରହିବାକୁ ପଡୁଛି ।
– ଡାରେନ୍ ଲେମ୍ୟାନ, ଅଷ୍ଟ୍ରେଲିଆ କ୍ରିକେଟ ଦଳର ପୂର୍ବତନ କୋଚ୍



“ ଆଇସିସିର ପ୍ରତ୍ୟାଖ୍ୟାନ ସତ୍ତ୍ୱେ ବିସିସିଆଇ ଆତଙ୍କବାଦୀ ସୃଷ୍ଟିକାରୀ ଦେଶକୁ କ୍ରିକେଟରୁ ବାସନ୍ଦ ଚାହିଁବ ।
– ବିନୋଦ ରାୟ ,ବିସିସିଆଇ ପ୍ରଶାସକ କମିଟି ମୁଖ୍ୟ



## ସଂକ୍ଷେପରେ

### ମେରୀକମ୍ ଅପରାଜିତ

ନୂଆଦିଲ୍ଲୀ,୭।୩(ପିଟି): ଛ’ ଥର ବିଶ୍ୱ ଚାମ୍ପିୟନ ଏମ୍. ସି. ମେରୀକମ୍ ୫୧ କେଜି ଓଜନ ବର୍ଗରେ ଅପରାଜିତ ରହି ଜର୍ମାନୀରେ ଚାମ୍ପିୟନ ପ୍ରଶିକ୍ଷଣ ଗସ୍ତ ଶେଷ କରିଛନ୍ତି। ସେ ସମସ୍ତ ୩ ବାଉଟ୍‌ରେ ବିଜୟୀ ହୋଇଛନ୍ତି। ଗତ ନଭେମ୍ବରରେ ୬ଷ୍ଠ ବିଶ୍ୱ ଚାମ୍ପିୟନଶିପ ଟାଇଟଲ ଜିତିଥିବା ଭାରତୀୟ ମହିଳା ବକ୍ସର ଦ୍ୱିତୀୟ ଅଲିମ୍ପିକ୍ ପଦକ ପାଇଁ ୪୮ କେଜିରୁ ୫୧ ଓଜନ ବର୍ଗରେ ଖେଳିବା ଆରମ୍ଭ କରିଛନ୍ତି। କାରଣ ୪୮ କିଗ୍ରା ବର୍ଗ ଅଲିମ୍ପିକ୍ସର ଅଂଶବିଶେଷ ନୁହେଁ। ସେ ୨୦୧୨ ଅଲିମ୍ପିକ୍ସରେ ୫୧ କିଗ୍ରା ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ବର୍ଲିନଠାରେ ଖେଳାଯାଇଥିବା ମୁକାବିଲାରେ ମେରୀକମ୍ ୟୁକ୍ରେନର ଡାରିଆ ସିଏରହିଭା, ଜର୍ମାନୀର ଉରସୁଲା ଗଟଲବ ଓ ନରୱେର ଭେରୋନିକା ଲୋସଭିକଙ୍କୁ ହରାଇ ଦେଇଛନ୍ତି। ସମସ୍ତ ବାଉଟ୍‌କୁ ସେ ୫-୦ ବ୍ୟବଧାନରେ ଜିତିଥିଲେ। ଏହି ୩୬ ବର୍ଷୀୟ ମଣିପୁର ବକ୍ସର କୋଚ୍ ଛୋଟେ ଲାଲ ଯାଦବଙ୍କୁ ବିଜୟର ଶ୍ରେୟ ଦେଇଛନ୍ତି।

### ପାଣ୍ଡ୍ୟା, ରାହୁଲଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଅମ୍ବୁଡ୍ସମ୍ୟାନ

ନୂଆଦିଲ୍ଲୀ, ୭।୩ (ପି.ଟି.)-ନବ ନିଯୁକ୍ତ ଅମ୍ବୁଡ୍ସମ୍ୟାନ ଡି.କେ. ଜୈନ ବିବାଦରେ ଫସିଥିବା ଦୁଇ କ୍ରିକେଟର କେ.ଏଲ୍. ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମ୍ପର୍କରେ ନିଷ୍ପତ୍ତି ନେବେ। ବର୍ତ୍ତମାନ ଭାରତୀୟ କ୍ରିକେଟର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ)ର ମୁଖ୍ୟ ବିନୋଦ ରାୟ ଏହି ସୂଚନା ଦେଇଛନ୍ତି। ଏକ ଲୋକପ୍ରିୟ ଟିଭି ଶୋ’ରେ ଏହି କ୍ରିକେଟର ଦ୍ୱୟ ଆପତ୍ତିଜନକ ମନ୍ତବ୍ୟ ଦେଇ ସମାଲୋଚିତ ହେବା ପରେ ସାମୟିକ ସସ୍‌ପେଣ୍ଡ ହୋଇଥିଲେ। ମାତ୍ର ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଅମ୍ବୁଡ୍ସମ୍ୟାନଙ୍କ ଦ୍ୱାରା ହେବାକୁଥିବାରୁ ଏହି ସସ୍‌ପେଣ୍ଡ ଆଦେଶକୁ ପରବର୍ତ୍ତୀକାଳରେ ପ୍ରତ୍ୟାହାର କରି ନିଆଯାଇଥିଲା। ଏହି ମାମଲାକୁ ବର୍ତ୍ତମାନ ଅମ୍ବୁଡ୍ସମ୍ୟାନଙ୍କ ନିକଟକୁ ପଠାଇ ଦିଆଯାଇଥିବା ରାୟ ଗୁରୁବାର ପ୍ରକାଶ କରିଛନ୍ତି। ରାହୁଲ ବର୍ତ୍ତମାନ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳ ସହିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳୁଛନ୍ତି। ପିଠିରେ ଯନ୍ତ୍ରଣା ପାଇଁ ପାଣ୍ଡ୍ୟା ଏବେ ଚିକିତ୍ସିତ ହେଉଛନ୍ତି।

### ଆଇପିଏଲ୍: ରାତି ୮ଟାରେ ମ୍ୟାଚ୍ ଆରମ୍ଭ

ନୂଆଦିଲ୍ଲୀ,୭।୩(ପି.ଟି.)- ମାର୍ଚ୍ଚ ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣରେ ମ୍ୟାଚ୍ ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ ବୋଲି କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ କହିଛନ୍ତି। ଅପରାହ୍ନ ମ୍ୟାଚ୍ ୪ଟାରେ ଓ ରାତି ମ୍ୟାଚ୍ ପୂର୍ବପରି ୮ଟାରେ ଆରମ୍ଭ ହେବ। ରାତି ମ୍ୟାଚ୍‌କୁ ୭ଟାରେ ଆରମ୍ଭ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପରେ ଚାପ ପ୍ରୟୋଗ କରାଯାଉଥିଲା ବୋଲି ଚର୍ଚ୍ଚା ହେଉଥିଲା। ତେବେ ଅଧିକାଂଶ ଫ୍ରାଞ୍ଚାଇଜ୍ ପୂର୍ବପରି ୮ଟାରେ ମ୍ୟାଚ୍ ଆରମ୍ଭ କରିବାକୁ ଦାବି କରିଥିଲେ। ଫଳରେ ରାତି ମ୍ୟାଚ୍ ୮ଟାରେ ଆରମ୍ଭ ହେବ ବୋଲି ସିଓଏ ବୈଠକ ପରେ ବିନୋଦ କହିଛନ୍ତି। ଗତବର୍ଷ ମଧ୍ୟ ମ୍ୟାଚ୍ ୭ଟାରେ ଆରମ୍ଭ କରିବାକୁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଫାଇନାଲ ସମେତ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହୋଇଥିଲା। ବିସିସିଆଇର ଏହି ନିଷ୍ପତ୍ତିକୁ ସ୍ୱାଗତ କାରଯାଇଛି। ଆଇପିଏଲ ପ୍ରଥମ ଦୁଇ ସପ୍ତାହର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ତେବେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେଲା ପରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯିବ ବୋଲି ବୋର୍ଡ ତରଫରୁ କୁହାଯାଇଛି। ୨୩ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଏଥର ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମୁହାଁମୁହିଁ ହେବେ।

### ଗ୍ରୀସ୍‌ର ୩ ପୂର୍ବତନ ଫୁଟ୍‌ବଲ ମୁଖ୍ୟଙ୍କୁ ଜେଲ

ଏଥେନ୍ସ, ୭।୩(ଏଏଫ୍‌ପି): ସ୍ୱାସ୍ଥ୍ୟ ପାଣ୍ଠିରୁ ୧୩ ନିୟୁତ ୟୁରୋର ଦୁର୍ନୀତି କରିଥିବା ଗ୍ରୀସ୍ ଫୁଟ୍‌ବଲ ଫେଡେରେଶନର ୩ ପୂର୍ବତନ ସଭାପତିଙ୍କୁ ୫ ବର୍ଷ ନିଲମ୍ବିତ ସହ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଫେଡେରେଶନର ଆଉ ଦୁଇଜଣ କର୍ମକର୍ତ୍ତା ମଧ୍ୟ ଅର୍ଥର ଅପବ୍ୟବହାର କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୂର୍ବତନ ଗ୍ରୀକ୍ ଫୁଟ୍‌ବଲ ସଭାପତି ଭାସିଲିସ ଗାଗାତସିସ, ସଫୋକ୍ଲେସ ପିଲାଭିଅସ ଓ ଗିଓର୍ଗୋସ ଗିର୍ତଜିକିସଙ୍କ ସମେତ ପୂର୍ବତନ ବୋର୍ଡ ସଦସ୍ୟ ଗିଓର୍ଗୋସ ସିଣ୍ଡୋରିସ ଓ ଗିଆନ୍ନିସ ଇକୋନୋମିଦିସ ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିପାରିବେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ରାଞ୍ଚି,୭।୩(ପି.ଟି.)

ସ୍ଥାନୀୟ ଝାଡଖଣ୍ଡ କ୍ରିକେଟ ଆସୋସିଏଶନ ଆନ୍ତର୍ଜାତିକ ଷ୍ଟାଡିୟମ କମ୍ପ୍ଲେକ୍ସରେ ଭାରତ ଶୁକ୍ରବାର ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ଭେଟିବ। ଏହି ମ୍ୟାଚ୍ ଜିତି ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୩-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଶେଷଥର ପାଇଁ ଘରୋଇ ଷ୍ଟାଡିୟମରେ ମ୍ୟାଚ୍ ଖେଳିବେ। ତେଣୁ ଏହି ମ୍ୟାଚର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ମ୍ୟାଚ ଜିତି ଭାରତ ସିରିଜ ବିଜୟୀ ହେଲେ ଧୋନୀଙ୍କ ପାଇଁ ଏହା ଶ୍ରେଷ୍ଠ ଉପହାର ସାବ୍ୟସ୍ତ ହେବ। ଚଳିତ ସିରିଜର ପ୍ରତ୍ୟେକ ମ୍ୟାଚ୍ ଖେଳାଯାଇଥିବା ଗ୍ରାଉଣ୍ଡରେ ଧୋନୀ ଶେଷଥର ପାଇଁ ଖେଳୁଛନ୍ତି ବୋଲି ଦର୍ଶକମାନେ ହୃଦୟଙ୍ଗମ କରିଛନ୍ତି ବୋଲି ମନେହୁଏ। ଏହି ମ୍ୟାଚ୍‌ରେ ଧୋନୀଙ୍କ ପାଇଁ ଏକ ଭାବପ୍ରବଣ ପରିବେଶ ସୃଷ୍ଟି ହେବ।



ଗୁରୁବାର ଅଭ୍ୟାସ ସେସନ ଅବସରରେ ଭାରତୀୟ ଖେଳାଳି।

ଭାରତ ପାଇଁ ସମସ୍ୟା ହେଉଛି ତା’ର ଟପ୍ ଅର୍ଡର ବ୍ୟାଟିଂ ବିଫଳତା। ଖାସ୍ କରି ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଦୁର୍ବଳ ଫର୍ମକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତିତ ଅଛି। ଗତ ୧୫ଟି ଦିନିକିଆରେ ଧାୱନ ମାତ୍ର ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଫର୍ମକୁ ଫେରିଥିବା ଲୋକେଶ ରାହୁଲଙ୍କୁ ସିରିଜ୍ ବିଜୟୀ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ତେବେ ୩ ନମ୍ବରରେ ରାହୁଲଙ୍କୁ ନେଇ ଟିମ୍ ମ୍ୟାନେଜମେଣ୍ଟ ପରୀକ୍ଷା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୬ ଉଇକେଟରେ ଓ ଦ୍ୱିତୀୟରେ ୮ ରନରେ ବିଜୟୀ ହୋଇଥିଲା। ଏହି ଦୁଇଟି ବିଜୟ ସେତେଟା ଦମ୍‌ଦାର ନ ଥିଲା। ତେବେ ଚାପରେ ବଜୟୀ ହୋଇଥିବାରୁ ଭାରତୀୟ ଖେଳାଳିମାନେ ଆତ୍ମବିଶ୍ୱାସ ହାସଲ କରିଥିବେ। ଏହି ଲୋ-ସ୍କୋରିଂ ମ୍ୟାଚ୍‌ଗୁଡିକରେ ଭାରତ ଚାପରେ ବିଜୟୀ ହୋଇଛି। ତେବେ ଏହା ଇଂଲଣ୍ଡରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ରେ ବେଶ୍ ସହାୟ ହେବ। ବିଶ୍ୱକପ୍‌ରେ ମଧ୍ୟ ଭାରତ ଲୋ- ସ୍କୋରିଂ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ଏହି ମ୍ୟାଚ୍‌ଗୁଡିକରୁ ପ୍ରେରଣା ପାଇପାରିବ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଗତ ଦୁଇଟି ମ୍ୟାଚ୍‌ରେ ଭାରତର ବୋଲିଂ ବେଶ୍ ଉଚ୍ଚକୋଟୀର ହୋଇପାରିଛି। ଅଷ୍ଟ୍ରେଲିଆ ଦୁଇଟି ମ୍ୟାଚ୍‌ରେ ୨୫୦ରୁ କମ୍ ରନ୍ ସଂଗ୍ରହ କରିଛି। ତେବେ କୋହଲିଙ୍କ ଶତକ ଭାରତକୁ ଦ୍ୱିତୀୟ ଦିନିକିଆରେ ବିଜୟୀ କରାଇଥିଲା। ଉପ-ଅଧିନାୟକ ରୋହିତ ଶର୍ମା ଭାରତର ଦ୍ୱିତୀୟ ସ୍ଥିର ପ୍ରଦର୍ଶନ କରୁଥିବା ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଧୋନୀ ଓ କେଦାର ଯାଦବ ବେଶ୍ ଭଲ ପ୍ରଦର୍ଶନ କରି ସ୍ଥିତି ସମ୍ଭାଳିଥିଲେ। ଫର୍ମରେ ନ ଥିବା ଅମ୍ବାତି ରାୟୁଡୁଙ୍କ ବଦଳରେ ରାହୁଲଙ୍କୁ ମିଡଲ ଅର୍ଡରରେ ଖେଳାଇବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେଇସାରିଥିବା ରାୟୁଡୁ ଷ୍ଟ୍ରାଇକ୍ ରୋଟେଟ୍ କରିବାରେ ବିଫଳ ହୋଇଛନ୍ତି। ଧାୱନ ଯଦି ଫର୍ମକୁ ଫେରନ୍ତି, ରାହୁଲଙ୍କୁ ଅତିକମ୍‌ରେ ୩ଟି ମ୍ୟାଚ୍‌ରେ ନମ୍ବର ୩ରେ ଖେଳାଇବା ଉଚିତ ହେବ। ଭାରତୀୟ ବୋଲିଂ ନେଇ ସେତେଟା ବ୍ୟସ୍ତ ହେବାର କିଛି ନାହିଁ। କେଦାର ଯାଦବ ଓ ବିଜୟ ଶଙ୍କର ମିଳିତ ଭାବେ ପଞ୍ଚମ ବୋଲରର ଦାୟିତ୍ୱ ପୂରଣ କରିଛନ୍ତି। ଦ୍ୱିତୀୟ ଦିନିକିଆରେ ଅନ୍ତିମ ଓଭରରେ ଦୁଇ ଉଇକେଟ ନେଇ ଶଙ୍କର ଭାରତକୁ ଜିତାଇଥିଲେ। ଯଦି ହାର୍ଦ୍ଦିକ ପାଣ୍ଡ୍ୟା ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ତାଙ୍କର ବିକଳ୍ପ ଅଲରାଉଣ୍ଡର ଭାବେ ଶଙ୍କର ଖେଳିବାରେ କୌଣସି ସମସ୍ୟା ନାହିଁ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍ରା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଚାଇନାମ୍ୟାନ କୁଲଦୀପଙ୍କ ସହ ରବୀନ୍ଦ୍ର ଜାଡେଜା ମିଡଲ ଓଭରରେ ବେଶ୍ ଉଚ୍ଚକୋଟୀର ବୋଲିଂ କରିଛନ୍ତି। ଜାଡେଜାଙ୍କ ଫିଲ୍ଡିଂ ମଧ୍ୟ ବେଶ୍ ଉଚ୍ଚକୋଟୀର। ଅଭିଜ୍ଞ ଭୁବନେଶ୍ୱର କୁମାର ଦଳକୁ ଫେରିଲେ ସିଦ୍ଧାର୍ଥ କାଉଲଙ୍କର ଆବଶ୍ୟକତା ରହିବ ନାହିଁ।

ଅପରପକ୍ଷରେ ଅଷ୍ଟ୍ରେଲିଆ ପାଇଁ ସିରିଜ ବଞ୍ଚାଇବାକୁ ଏହି ମ୍ୟାଚ୍ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ବୋଲିଂରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ବ୍ୟାଟିଂରେ ଦମ୍ ଦେଖାଇବାକୁ ପଡିବ। ଆରୋନ ଫିଞ୍ଚଙ୍କ ଦଳକୁ ବିଶେଷ ରଣନୀତି ସହ ପଡିଆକୁ ଓହ୍ଲାଇବାକୁ ପଡିବ।

**ଆଜି ତୃତୀୟ ଦିନିକିଆ**
- ସମୟ: ଅପରାହ୍ନ ୧.୩୦
- ସ୍ଥାନ: ରାଞ୍ଚି
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

### ପିଏସ୍‌ଏଲ ଫାଇନାଲରେ ଯୋଗଦେବେ ନାହିଁ ବିସିସିଆଇ ପ୍ରତିନିଧି

କରାଚୀ,୭।୩(ପିଟି)

ଏଠାରେ ଆସନ୍ତା ୧୭ରେ ଖେଳାଯିବାକୁ ଥିବା ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ର ଫାଇନାଲ ମ୍ୟାଚ୍ ଲାଗି ପିସିବି ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଆମନ୍ତ୍ରଣ କରାଯାଇଥିଲା। ହେଲେ ଏହାକୁ ବିସିସିଆଇ ପ୍ରତ୍ୟାଖ୍ୟାନ କରିଦେଇଛି ବୋଲି ପିସିବି ମୁଖ୍ୟ ଇଶାନ ମାନି ଗୁରୁବାର ସ୍ପଷ୍ଟ କରିଛନ୍ତି। କେବଳ ବିସିସିଆଇକୁ ନୁହେଁ, ଆଇସିସି ଓ ଏହାର ସମସ୍ତ ସଦସ୍ୟଙ୍କୁ ପିଏସ୍‌ଏଲ ଫାଇନାଲ ପାଇଁ କରାଚୀରେ ଉପସ୍ଥିତ ରହିବା ଲାଗି ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ଆଇସିସି ଅଧ୍ୟକ୍ଷ ଶଶାଙ୍କ ମନୋହର, ଯିଏ କି ଜଣେ ଭାରତୀୟ ଓ ବିସିସିଆଇ କାର୍ଯ୍ୟକାରୀ ସଭାପତି ସି. କେ. ଖାନ୍ନା ବ୍ୟକ୍ତିଗତ କାରଣ ଦର୍ଶାଇ ଯାଇପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଆଇସିସି ମୁଖ୍ୟ କାର୍ଯ୍ୟକାରୀ ଡେଭ ରିଚାର୍ଡସନ ମ୍ୟାଚ୍ ଦେଖିବାକୁ କରାଚୀ ଆସିବେ ବୋଲି ମାନି କହିଛନ୍ତି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ହେବା ପୂର୍ବରୁ ପିସିବି ପକ୍ଷରୁ ଭାରତ, ଇଂଲଣ୍ଡ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ବାଂଲାଦେଶ, ଜିମ୍ବାୱେ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବୋର୍ଡକୁ ଆମନ୍ତ୍ରଣ କରାଯାଇଥିଲା। ବିଭିନ୍ନ ବୋର୍ଡର ସିନିୟର ପ୍ରତିନିଧି ପିଏସ୍‌ଏଲ ଫାଇନାଲ ପାଇଁ ଆମନ୍ତ୍ରଣ କରିବାର ଉଦ୍ଦେଶ୍ୟ ହେଉଛି, ସୁରକ୍ଷା ବ୍ୟବସ୍ଥା ନେଇ ଥିବା ସେମାନଙ୍କ ସନ୍ଦେହ ଦୂର କରିବା।

## ଇଂଲଣ୍ଡକୁ ସିରିଜ ଜିତାଇଲେ ୱେଟ୍



ମିଥାଲି ରାଜ୍‌ଙ୍କ ଉଇକେଟ ପତନ ପରେ ଇଂଲଣ୍ଡ ଖେଳାଳି ଖୁସି ମନାଉଛନ୍ତି।

**ମହିଳା ଟି୨୦**

ଗୁଆହାଟୀ, ୭।୩

ଭାରତ ବିପକ୍ଷରେ ଏଠାରେ ଗୁରୁବାର ଅନୁଷ୍ଠିତ ୨ୟ ଟି୨୦ ମ୍ୟାଚ୍‌କୁ ଭ୍ରମଣକାରୀ ଇଂଲଣ୍ଡ ଦଳ ୫ ଉଇକେଟ୍‌ରେ ଜିତିନେଇଛି। ଓପନର ଡାନିଏଲ ୱେଟ୍ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଇଂଲଣ୍ଡକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ ହିଥର ନାଇଟ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ସିରିଜର ଅନ୍ତିମ ମ୍ୟାଚ୍ ଆସନ୍ତା ଶନିବାର ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଭାରତ ୪୧ ରନରେ ହାରିଥିଲା। ସ୍ଥାନୀୟ ବର୍ସାପରା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ଅଧିନାୟିକା ନାଇଟ୍ ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦୁଇ ଓପନର ହର୍ଲିନ ଦେଓଲ (୧୪) ଓ ମନ୍ଧାନା (୧୨) ଭଲ ଆରମ୍ଭ କରିଥିଲେ ମଧ୍ୟ ବେଶି ସମୟ ଟିକି ପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ମିଥାଲି ରାଜ (୨୦ ରନ), ଦୀପ୍ତି ଶର୍ମା (୧୮), ଭାରତୀ ଫୁଲମଲି (୧୮) ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ୟାଥରିନ ବ୍ରଣ୍ଟ ସର୍ବାଧିକ ୩ ଓ ଲିନ୍‌ସି ସ୍ମିଥ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଇଂଲଣ୍ଡ ପ୍ରାରମ୍ଭରୁ ଟମି ବିମଣ୍ଟ (୮), ଏମି ଏଲିନେ ଜୋନ୍ସ (୫), ନାଟାଲି ସ୍କିଭର (୧) ଓ ଅଧିନାୟିକା ନାଇଟ୍ (୨) ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଓପନର୍ ୱେଟ୍ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ ଜାରି ରଖି ଦଳକୁ ୫ ବଲ ଓ ୫ ଉଇକେଟ୍ ହାତରେ ଥାଇ ବିଜୟୀ କରାଇଥିଲେ। ୱେଟ୍ ୫୫ ବଲରୁ ୬ ଚୌକା ସହ ୬୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତାଙ୍କୁ ମିଡଲ ଅର୍ଡରରେ ଲୌରେନ ୱିନଫିଲ୍ଡ (୨୯ ରନ) ସହାୟତା କରିଥିଲେ। ଭାରତ ପକ୍ଷରୁ ଏକତା ବିସ୍ତଙ୍କୁ ୨ଟି ଉଇକେଟ୍ ମିଳିଥିଲା।

## ସାଇ ବିଜୟୀ

କଟକ ଅଫିସ, ୭।୩

ବିଡ଼ାନାସୀ ଗ୍ରାଉଣ୍ଡରେ ଗୁରୁବାର ଫାଓ ମହିଳା ଲିଗ୍‌ର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ରହିଥିବା ବେଳେ ଅନ୍ୟ ଏକ ମ୍ୟାଚ୍‌ରେ ସାଇ ୨-୦ ଗୋଲରେ ବିଡ଼ାନାସୀ କ୍ଲବକୁ ପରାସ୍ତ କରିଛି। ସାଇ ପକ୍ଷରୁ ୩୫ତମ ମିନିଟରେ ଦୀପା ନାୟକ ଓ ୯୧ତମ ମିନିଟରେ ରଶ୍ମି ଜି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ ।

## ପୋଲିସ କ୍ରୀଡ଼ା: ଅଶୋକଙ୍କୁ ରୌପ୍ୟ

କଟକ ଅଫିସ, ୭।୩

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଅନୁଷ୍ଠିତ ହୋଇଥିବା ୬୭ତମ ସର୍ବଭାରତୀୟ ପୋଲିସ ଆକ୍ୱାଟିକ ଓ କ୍ରସ୍‌କଣ୍ଟ୍ରି ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛି। ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଶୋକ କୁମାର ଦଣ୍ଡସେନା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ଏହି ସଫଳତା ପାଇଛନ୍ତି। ଅଶୋକ ଅଧୁନା ଅଷ୍ଟମ ସ୍ୱତନ୍ତ୍ର ଆଇଆର୍ ବାଟାଲିୟନରେ କନଷ୍ଟେବଲ ଭାବେ କାର୍ଯ୍ୟରତ। ଅଶୋକଙ୍କ ଏହି ସଫଳତା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍: କ୍ୱାର୍ଟରରେ ସାଇନା

ବର୍ମିଂହାମ,୭।୩(ପିଟି)

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଏଠାରେ ଚାଲିଥିବା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଶଟଲର ଡେନ୍‌ମାର୍କର ଲାଇନ ହୋଜମାର୍କ ଜାଇର୍ସଫେଲ୍ଡଙ୍କୁ ହରାଇ ଦେଇଛନ୍ତି। ୨୦୧୫ ଫାଇନାଲିଷ୍ଟ ସାଇନା ୮-୨୧, ୨୧-୧୬, ୨୧-୧୩ ଗେମ୍‌ରେ ମ୍ୟାଚ୍‌କୁ ଜିତି ଟୁର୍ନାମେଣ୍ଟରେ ଆଗକୁ ବଢ଼ିଛନ୍ତି। ୮ମ ସିଡ୍ ହାଇଦ୍ରାବଦ ଖେଳାଳିଙ୍କୁ ମ୍ୟାଚ୍ ଜିତିବା ପାଇଁ ୫୧ ମିନିଟ୍ ଲାଗିଥିଲା। ୨୪ ବର୍ଷୀୟା ସାଇନା କ୍ୱାର୍ଟର ଫାଇନାଲରେ ଦୁଇଥର ଚାମ୍ପିୟନ ଚାଇନିଜ୍ ତାଇପେର ତାଇ ଜୁ ୟିଙ୍ଗଙ୍କୁ ଭେଟିବେ ବୋଲି ଆଶା କରାଯାଉଛି। ଏହି ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ସାଇନା ଗତ ୧୨ ମ୍ୟାଚ୍‌ରେ ପରାସ୍ତ ହୋଇସାରିଛନ୍ତି। ଏଥିପୂର୍ବରୁ ସାଇନା ସ୍କଟ୍‌ଲାଣ୍ଡର କ୍ରିଷ୍ଟି ଗିଲମୋରଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ।



ସାଇନା ନେହ୍ୱାଲ।

**୧୯ ବର୍ଷରୁ କମ୍ ଚତୁଃରାଷ୍ଟ୍ରୀୟ ସିରିଜ**

## ଭାରତ ଏ’ – ବି’ ଫାଇନାଲ

ଥିରୁଭାନନ୍ତପୁରମ,୭।୩(ପିଟି)

ଭାରତ ଏ’ ଓ ଭାରତ ବି’ କ୍ରମାଗତ ଦ୍ୱିତୀୟ ବିଜୟ ସହ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଚତୁଃରାଷ୍ଟ୍ରୀୟ ଦିନିକିଆ ସିରିଜ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଦୁଇ ମ୍ୟାଚ୍‌ରେ ଭାରତ ଏ’ ୯୨ ରନ୍‌ରେ ଆଫଗାନିସ୍ତାନକୁ ଓ ଦକ୍ଷିଣ ଆଫ୍ରିକାକୁ ଏକ ରନ୍‌ରେ ହରାଇ ଦେଇଛି ଭାରତ ବି’। ଟୁର୍ନାମେଣ୍ଟର ଫାଇନାଲ ୧୧ ତାରିଖରେ ଖେଳାଯିବ। ଗ୍ରୀନଫିଲ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଏ’ ୪୭.୪ ଓଭରରେ ୨୫୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସିଦ୍ଧେଶ ବୀର ୮୧ ଓ ପ୍ରିୟାଂଶୁ ଆର୍ଯ୍ୟ ୪୪ ରନ୍ କରିଥିଲେ। ଜବାବରେ ଆଫଗାନିସ୍ତାନ କ୍ରମାଗତ ଉଇକେଟ ହରାଇ ୧୬୦ ରନ୍‌ରେ ସୀମିତ ରହିଥିଲା। ସେଣ୍ଟ ଜାଭିୟର କେସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଆଗରେ ଭାରତ ବି’ ୧୯୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏକାଦା ପ୍ରୋଟିଜ ଦଳ ୭୯ ରନ୍‌ରେ ୫ ଉଇକେଟ ହରାଇ ସାରିଥିଲା। ହେଲେ ରୁଆନ ଟେରବ୍ଲାଞ୍ଚେ ୭୩ ଓ ଆଣ୍ଡିଲେ ମାଗକାନେ ୬ଷ୍ଠ ଉଇକେଟ ପାଇଁ ଦଳୀୟ ସ୍କୋରରେ ୯୯ ରନ୍ ଯୋଡ଼ିଥିଲେ। କିନ୍ତୁ ଅନ୍ତିମ ଓଭରରେ ଭ୍ରମଣକାରୀ ଦଳର ୩ ବ୍ୟାଟ୍ସମ୍ୟାନଙ୍କୁ ରନ୍ ଆଉଟ୍ କରି ଭାରତ ବି’ ସ୍ମରଣୀୟ ବିଜୟ ହାସଲ କରିଛି।

## ଗୁରୁକୁଳ ଟେନିସ: ଅମିକ ରନର୍ସଅପ୍




ଟ୍ରଫି ସହ ଅମିକ କିରଣ ଓ ବଂଶିତା ପଠାଣିଆ।

ଭୁବନେଶ୍ୱର, ୭।୩(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ମହିଳା ୫୦କେ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଅମିକ କିରଣ ବାଥ୍ ରନର୍ସଅପ୍ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଅମିକ କର୍ଣ୍ଣାଟକର ବଂଶିତା ପଠାଣିଆଙ୍କଠାରୁ ୧-୬, ୨-୬ ସେଟ୍‌ରେ ହାରି ଯାଇଛନ୍ତି। ଚାମ୍ପିୟନ ବଂଶିତା ଓ ରନର୍ସଅପ୍ ଅମିକ ପୁରସ୍କାର ଆକାରରେ ଯଥାକ୍ରମେ ୬୫୦୦ ଓ ୪୫୦୦ଟଙ୍କା ଏବଂ ୧୦ ଓ ୮ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ପାଇଛନ୍ତି। ଟୁର୍ନାମେଣ୍ଟ ଡାଇରେକ୍ଟର ପ୍ରଦୀପ ପ୍ରଧାନ ପୁରସ୍କାର ବିତରଣ କରିଥିଲେ।

## ଟପ୍ ଅର୍ଡରର ବ୍ୟାଟ୍ସମ୍ୟାନଙ୍କୁ ଭଲ ଖେଳିବାକୁ ହେବ

ଜିନ୍ ଜୋନ୍ସ

ଭାରତକୁ ଚ୍ୟାଲେଞ୍ଜ୍ କରିପାରୁଛୁ ବୋଲି ଅଷ୍ଟ୍ରେଲିଆ ବିଶ୍ୱାସ କରିବା ଆରମ୍ଭ କଲାଣି ଓ ଏହା ସବୁଠାରୁ ବଡ଼ କଥା ବୋଲି ମୁଁ ଭାବୁଛି। ଗତ ମ୍ୟାଚ୍‌ରେ ଭାରତକୁ ବେଶ୍ ସମସ୍ୟାରେ ପକାଇଥିଲା ଭ୍ରମଣକାରୀ ଦଳ। ଏହା ସତ୍ତ୍ୱେ ଭାରତ ବିଜୟୀ ହୋଇଥିଲା। ତେବେ ଅଷ୍ଟ୍ରେଲିଆର ଟପ୍ ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ଦାୟିତ୍ୱ ଓ ଦୃଢତାର ସହ ବ୍ୟାଟିଂ କରିବାକୁ ହେବ। ଆଗଧାଡିର ବ୍ୟାଟ୍ସମ୍ୟାନଙ୍କୁ ସାହସୀ ହେବା ସହିତ ବ୍ୟାଟିଂରେ ଗତି ଆଣିବାକୁ ହେବ। ଦିନିକିଆରେ ବିଜୟ ହାସଲ କରିବାକୁ ହେଲେ ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଜଣକୁ ବଡ଼ ସ୍କୋର କରିବାକୁ ହେବ। ଏହାର ଶ୍ରେଷ୍ଠ ଉଦାହରଣ ହେଉଛି ଭାରତୀୟ ଅଧିନାୟକ ବିରାଟ କୋହଲି। ଗୋଟିଏ ପଟେ ଉଇକେଟ ପତନ ହେଉଥିଲେ ମଧ୍ୟ ଅନ୍ୟପଟେ ସେ ଦୃଢ଼ତାର ସହ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। କୋହଲିଙ୍କ ପ୍ରଦର୍ଶନ କାରଣରୁ ଆମେ ଦ୍ୱିତୀୟ ଦିନିକିଆରେ ପରାସ୍ତ ହୋଇଥିଲୁ।

ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ପ୍ରଦର୍ଶନକୁ ନେଇ ମୁଁ ଭାରି ଖୁସି। ମିଡିଲ ଅର୍ଡରରେ ଆଡାମ ଜାମ୍ପା କେତୋଟି ଉଇକେଟ ଅକ୍ତିଆର କରିଥିଲେ। ପ୍ୟାଟ୍ କମିନ୍ସ ମଧ୍ୟ ଅତି ସୁନ୍ଦର ବୋଲିଂ କରିଥିଲେ। ଏଥର ତାଙ୍କୁ ଡେଥ୍ ଓଭର ବୋଲିଂ କରିବାର ସୁଯୋଗ ଦିଆଯିବା ଉଚିତ୍ ବୋଲି ଭାବୁଛି। ଡେଥ୍ ଓଭର ନେଇ ଅଧିନାୟକ ଆରୋନ ଫିଞ୍ଚ୍ ବେଶି ଚିନ୍ତିତ ନ ହୋଇ ମିଡିଲ୍‌ରେ କିଭଳି ଭଲ ବୋଲିଂ ହେବ ସେ ନେଇ ଯୋଜନା କରିବା ଉଚିତ୍। ଅଷ୍ଟ୍ରେଲିଆ ବୋଲରମାନେ ଉଚ୍ଚକୋଟୀର ବୋଲିଂ କରି ଭାରତର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ନିଶ୍ଚିତ ଭାବେ ବଡ଼ କଥା। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଧିକ ଚାପ ସୃଷ୍ଟି କରିବା ପାଇଁ ଅଷ୍ଟ୍ରେଲୀୟ ବୋଲର ମାନସିକ ଦୃଢତା ହାସଲ କରିବା ନିହାତି ଜରୁରୀ। ୪୦ ଓଭର ସୁଦ୍ଧା ଭାରତର ୬ଟି ଉଇକେଟ ହାସଲ କରିବାକୁ ଅଷ୍ଟ୍ରେଲିଆ ବୋଲର ଲକ୍ଷ୍ୟ ରଖିବା ଉଚିତ୍।

ଭାରତୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଓପନର ଶିଖର ଧାୱନ୍ ଅଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। କେତେଜଣ ଖେଳାଳି ଫର୍ମରେ ନ ଥିଲେ ମଧ୍ୟ ଭାରତ ବିଜୟୀ ହେଉଛି। ଏହା ଭାରତ ପାଇଁ ସବୁଠାରୁ ଲାଭଦାୟକ ସାବ୍ୟସ୍ତ ହୋଇଛି। ଯେକୌଣସି ପରିସ୍ଥିତିରେ ଥିଲେ ମଧ୍ୟ ବିଜୟୀ ହୋଇପାରିବୁ ବୋଲି ଭାରତୀୟମାନଙ୍କର ବିଶ୍ୱାସ ରହିଛି। ନିହାତି ସାଧାରଣ ପ୍ରଦର୍ଶନ କରି ଭାରତ ବିଜୟୀ ହୋଇପାରୁଛି। ତେଣୁ ଅଷ୍ଟ୍ରେଲିଆକୁ ଆହୁରି ଉନ୍ନତ ପ୍ରଦର୍ଶନ କରିବାକୁ ହେବ।

ରାଞ୍ଚିର ଘରୋଇ ପଡିଆରେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ତାଙ୍କର ଶେଷ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ତେଣୁ ଧୋନୀଙ୍କ ପାଇଁ ଭାରତ ଏହି ମ୍ୟାଚ ସବୁମତେ ଚେଷ୍ଟା କରିବା ସ୍ୱାଭାବିକ। ଫଳରେ ଅଷ୍ଟ୍ରେଲିଆ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଧୋନୀ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍ ଅଷ୍ଟ୍ରେଲିଆ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଛି। ସ୍ପିନର କୁଲଦୀପ ଯାଦବ ଓ କେଦାର ଯାଦବଙ୍କୁ କିପର ଖେଳି ହେବ ସେ ନେଇ ଅଷ୍ଟ୍ରେଲିଆ ଯୋଜନା କରିବା ଆବଶ୍ୟକ। ଏହି ଦୁଇ ବୋଲରଙ୍କ ବିପକ୍ଷରେ ୫୦ରୁ ଉର୍ଦ୍ଧ୍ୱ ରନ କରିବା ଦରକାର। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହେଲେ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ତା’ର ପ୍ରସ୍ତୁତି ଜୋରଦାର କରିଛି ବୋଲି କହିହେବ ନାହିଁ। ନମ୍ବର ୧ ଦଳକୁ ତା’ର ଘରୋଇ ପରିବେଶରେ ପରାସ୍ତ କରିବା ଏକ ବଡ଼ ସଫଳତା ହେବ। ଅଷ୍ଟ୍ରେଲିଆ ଯେତେବେଳେ ଭଲ ଖେଳିଛି ସେତେବେଳେ ସାରା ଷ୍ଟାଡିୟମରେ ନିରବତା ଦେଖିବାକୁ ମିଳିଛି। ତେଣୁ ଏହି ନିରବତା ପାଇଁ ଅଷ୍ଟ୍ରେଲିଆ ଖେଳୁ ଓ ଷ୍ଟାଡିୟମ୍‌ରେ ଏହି ନିରବତା ରାଜୁତି କରୁ ବୋଲି ମୁଁ ଚାହେଁ।

(ଗେମ୍ ପ୍ଲାନ୍)



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ମାର୍ଚ୍ଚ ୮/୨୦୧୯ Rayagada, Friday, March 8 / 2019

## ଅଚିହ୍ନା ଦିବ୍ୟାଙ୍ଗଙ୍କ ମୃତଦେହ ଉଦ୍ଧାର

**ରାୟଗଡା ଅଫିସ,୭।୩**

ଦୁଇଦିନ ଧରି ପଡିରହିଥିବା ଜଣେ ଅଚିହ୍ନା ଦିବ୍ୟାଙ୍ଗଙ୍କ ମୃତଦେହକୁ ରାୟଗଡ଼ା ପୋଲିସ ଉଦ୍ଧାର କରିଛି । ଏନେଇ ଅପମୃତ୍ୟୁ ମାମଲା ନଂ. ୮/୧୯) ରୁଜୁ କରାଯାଇଛି। ସେ ରାୟଗଡ ରେଲୱେ କଲୋନୀ ଆରପିଏଫ ବାରାକ୍ ନିକଟ ମା' ମଝିଘରିଆଣୀ ମଣ୍ଡପରେ ଦୀର୍ଘଦିନହେଲା ରହି ଆସୁଥିଲେ । ଦିନରେ ଭିକମାଗି ରାତିରେ ଆସି ବିଶ୍ରାମ ନେଉଥିଲେ। କୌଣସି କାରଣରୁ ଦୁଇଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଜାଣିବାକୁ ପାଇ ପୋଲିସକୁ ସୂଚନା ଦେଇଥିଲେ।

## କୃଷି ବହୁମୁଖୀ ସମବାୟ ସମିତି କୋଠା ଉଦ୍‌ଘାଟିତ

**ଗୁନ୍ମା, ୭।୩(ଡି.ଏନ.ଏ.)**

ଗୁନ୍ମା ବୃହଦାକାର କୃଷି ବହୁମୁଖୀ ସମବାୟ ସମିତିର ନୂତନ କୋଠାକୁ ଗୁରୁବାର ସମିତିର ସଭାପତି ମୋଜେଶ ଭୂୟାଁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପସଭାପତି ସୁଷନ କାଇକା,ସଭ୍ୟ ଲଳିତ ମୋହନ ଦଣ୍ଡସେନା, ସୁବୋଧ ଚନ୍ଦ୍ର ଲିମ୍ମା, ମନୋନୀତି ପାଳ, ଏବଲ ଗମାଙ୍ଗ, ମାନସୀ କାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଚିଟ୍‌ଫଣ୍ଡ ଠକେଇ ମାମଲା

## ଅଭିଯୁକ୍ତଙ୍କୁ ସାଢେ ୪ ବର୍ଷ କାରାଦଣ୍ଡ

**ରାୟଗଡା ଅଫିସ, ୭।୩**

ରାୟଗଡା ସିଜେଏମ୍ ଜ୍ଞାନେନ୍ଦ୍ର କୁମାର ବାରିକ ଗୁରୁବାର ଏକ ଠକେଇ ମାମଲାର ବିଚାର କରି ଜେକେପୁରର ବି.ଗୌରେଶ୍ୱର ରାଓଙ୍କୁ ସାଢ଼େ ୪ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ୫୨ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବେ । ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରର ବି.ଗୌରେଶ୍ୱର ରାଓ ଏବଂ ତାଙ୍କ ପତ୍ନୀ ବି.ଗୌରୀ ମିଳିତ ଭାବେ ବେଆଇନ୍ ଚିଟ୍‌ଫଣ୍ଡ ବ୍ୟବସାୟ କରୁଥିଲେ। ଲୋକଙ୍କଠାରୁ ଟଙ୍କା ନେଇ ଆଉ ଫେରାଇ ନ ଥିଲେ । ବାରମ୍ବାର ମାଗିବା ପରେ ଟଙ୍କା ନ ଦେଇ ଲୋକଙ୍କୁ ଏକ ପ୍ରତିଶ୍ରୁତି ପତ୍ର ପ୍ରଦାନ କରିଥିଲେ । ପ୍ରତିଶ୍ରୁତି ପତ୍ର ଅନୁଯାୟୀ ମଧ୍ୟ ଟଙ୍କା ନ ମିଳିବାରୁ ଜଣେ ବ୍ୟକ୍ତି ଚାନ୍ଦିଲି ଥାନାରେ ୨୦୧୫ ସେପ୍ଟେମ୍ବର ୧୩ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା (ନଂ୧୩୪/୧୫ ) ରୁଜୁ କରି ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେ ମୋଟ ୩୨ ଲକ୍ଷ ୮୦ହଜାର ଟଙ୍କା ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ଗୁରୁବାର ଗୌରେଶ୍ୱରଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ମାମଲାରେ ୧୧ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଶୁକ୍ରବାର ବି.ଗୌରୀଙ୍କ ବିଚାର ହେବ ବୋଲି ଜଣାପଡିଛି । ମାମଲାର ସରକାରୀ ଓକିଲ ଭାବେ ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

## ସଂସ୍କୃତି ଭବନ ନିର୍ମାଣ ପାଇଁ ଦାବିପତ୍ର

**ପାରଳାଖେମୁଣ୍ଡି,୭।୩(ସ୍ୱ.ପ୍ର.)**

ଗଜପତି ଜିଲାର ପାରଳାଖେମୁଣ୍ଡି ସହରରେ ସଂସ୍କୃତି ଭବନ ନିର୍ମାଣ ପାଇଁ ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏ ନେଇ ବୁଧବାର ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉଦ୍ଦେଶ୍ୟରେ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଏଥିରେ ପାରଳାଖେମୁଣ୍ଡିର କଳାକାର ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ସରକାର ସଂସ୍କୃତି ଓ କଳାର ବିକାଶ ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ଗଜପତି ଜିଲା କିମ୍ବା ପାରଳାଖେମୁଣ୍ଡି ସହରରେ ଏପର୍ଯ୍ୟନ୍ତ ସଂସ୍କୃତି ଭବନ ନିର୍ମାଣ ପାଇଁ ପଦକ୍ଷେପ ନେଇନାହାନ୍ତି। ଏ ନେଇ ଜିଲା ପ୍ରଶାସନକୁ ଜଣାଇ ନିରାଶ ହେବାକୁ ପଡ଼ିଛି। ଏହା ସଂସ୍କୃତିପ୍ରେମୀଙ୍କ ମନରେ ଦୁଃଖ ଦେଇଛି। ତୁରନ୍ତ ପାରଳାଖେମୁଣ୍ଡିରେ ସଂସ୍କୃତି ଭବନ ନିର୍ମାଣ କରାଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ସଙ୍ଗୀତ ଗୁରୁ ରଘୁନାଥ ପାତ୍ର, ଉତ୍କଳ ହିତୈଷିଣୀର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କ୍ରିଏଟିଭ୍ ଆର୍ଟସ୍ ସଦସ୍ୟ ଆଦର୍ଶ ଦାସ, ବାବୁଲା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଇଭିଏମ୍, ଭିଭିପାଟ୍ ତାଲିମ ଶିବିର



ପାଣ୍ଡ୍ରିପାଣି,୭।୩(ଡି.ଏନ.ଏ)- ମାଲକାନଗିରି ବ୍ଲକର ବିଭିନ୍ନ ପଞ୍ଚାୟତର ହାଟ ଓ ବିଦ୍ୟାଳୟରେ ଭୋଟରଙ୍କୁ ଇଭିଏମ୍ ଓ ଭିଭିପାଟ୍ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଏବିଓ ଅଶୁଭ ରଞ୍ଜନ ମାଲି ଏବଂ ସାଗରୀକା ନାୟକ ଭୋଟରମାନଙ୍କୁ ଏହି ତାଲିମ ଦେଇଥିଲେ। ଏଥିରେ ଶତାଧିକ ଭୋଟର ଉପସ୍ଥିତ ଥିଲେ। ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁ ଓ ପ୍ରଧାନ ଶିକ୍ଷକ ମୋହନ ପାଙ୍ଗି ଏଥିରେ ସହଯୋଗ କରିଥିଲେ।

### ରାସ୍ତା ପାଇଁ ଶିଳାନ୍ୟାସ, ଭେଣ୍ଡିଂଜୋନ୍ ଶୁଭାରମ୍ଭ

କୋରାପୁଟ,୭।୩(ସ୍ୱ.ପ୍ର.)- କୋରାପୁଟ ମ୍ୟୁନିସିପାଲଟି ପକ୍ଷରୁ ହାତୀଲାଇନ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ପଡ଼ିବା ସହ ଗ୍ୟାରେଜ ଲାଇନ ନିକଟରେ ନିର୍ମିତ ଭେଣ୍ଡିଂ ଜୋନ୍‌କୁ ଉଦ୍‌ଘାଟିତ ହୋଇଛି। ଗୁରୁବାର ସକାଳେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଶିଳାନ୍ୟାସ ଓ ଶୁଭାରମ୍ଭ କାର୍ଯ୍ୟ କରିଛନ୍ତି। ଭେଣ୍ଡିଂଜୋନରେ ୧୦ଟି ଦୋକାନ ଗୃହ ରହିଛି । ଆସନ୍ତା ଦିନରେ ଏଗୁଡ଼ିକ କଳାନିକେତନ ରାସ୍ତାକଡ଼ରେ ବସୁଥିବା ମାଛ ବ୍ୟବସାୟୀଙ୍କୁ ପ୍ରଦାନ କରାଯିବ ବୋଲି କୋରାପୁଟ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ଉପାଧ୍ୟକ୍ଷା ତୁଳସୀ କିର୍ସାନୀ, ସଦସ୍ୟ ପାର୍ବତୀ ମସ୍ତି, ବିଜେଡି ନେତା ଶାନ୍ତି ପାତିକା, ରଘୁରାମ ମାଛ, ଭାଗିରଥୀ ପାଟନିଆଙ୍କ ସମେତ ବହୁ ପୂର୍ବତନ କାଉନସିଲର ଉପସ୍ଥିତ ଥିଲେ ।

# ନୀତି ଆୟୋଗ ଦ୍ୱାରା ଗଜପତି ପୁରସ୍କୃତ

ପାରଳାଖେମୁଣ୍ଡି, ୭।୩(ସ୍ୱ.ପ୍ର.)

ଆର୍ଥିକ ଅନ୍ତର୍ଭୁକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦ୍ର ନୀତି ଆୟୋଗ ଦ୍ୱାରା ଗଜପତି ଜିଲା ପୁରସ୍କୃତ ହୋଇଛି । ନୀତି ଆୟୋଗଙ୍କ ଡେଲଟା ର୍‌ୟାଙ୍କିଂରେ ୨୦୧୮ବର୍ଷ ନିମନ୍ତେ ଆର୍ଥିକ ଅନ୍ତର୍ଭୁକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଗଜପତି ଜିଲା ପ୍ରଥମ ସ୍ଥାନ ହାସଲ କରିଛି । ଗତ ୬ତାରିଖରେ ନୂଆଦିଲ୍ଲୀସ୍ଥ ସିଭିଲ ସର୍ଭିସେସ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଗଜପତି ଜିଲାପାଳ ଅନୁପମ ଶାହା ଯୋଗଦେଇ ନୀତି ଆୟୋଗ ଅଧ୍ୟକ୍ଷ ଅମିତାଭ କାନ୍ତଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଆର୍ଥିକ ଯୋଜନାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲା ପ୍ରଶାସନ କାର୍ଯ୍ୟକାରୀ କରିବା ସହ ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଦକ୍ଷତା ବୃଦ୍ଧି ତାଲିମ ଦେଇପାରିଛି।




ଜିଲାପାଳ ଅନୁପମ ଶାହାଙ୍କୁ ନୀତି ଆୟୋଗ ଅଧ୍ୟକ୍ଷ ପୁରସ୍କାର ପ୍ରଦାନ କରୁଛନ୍ତି।

